# ସକାଳ
## THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-170 ◆TUESDAY ◆16 DECEMBER 2025 ◆PAGE-12 ◆₹ 6.00

JEYPORE

◆ବର୍ଷ-୪୩ ◆ସଂଖ୍ୟା-୧୭୦ ◆ମଙ୍ଗଳବାର ◆୧୬ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଇମ୍ତିଆଜଙ୍କ ସହ ପୁଣି କାମ କରିବେ ଦିଲଜିତ୍

▶ପୃଷ୍ଠା ୧୧ ଦେଖନ୍ତୁ...

## ବାହା ବଜାରରେ ପୁଣି ସୁନା ମହଙ୍ଗା | ୧୦ ଗ୍ରାମ୍‌କୁ ୧.୩୫ ଲକ୍ଷ ଟପିଲା

■ ଭୁବନେଶ୍ୱର, ୧୫।୧୨ (ଏଜେନ୍ସି): ପୁଣି ଥରେ ହୁ ହୁ ହୋଇ ବଢ଼ୁଛି ସୁନା ଓ ରୁପା ଦର। ଘରୋଇ ବଜାରରେ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗିଛି। ଫଳରେ ସୁନା ମୂଲ୍ୟ ୧୦ ଗ୍ରାମ (୨୪ କ୍ୟାରେଟ୍) ପିଛା ୧.୩୫ ଲକ୍ଷ ଟଙ୍କାର ଐତିହାସିକ ରେକର୍ଡ ସ୍ତର ଅତିକ୍ରମ କରିଛି। ଆମେରିକୀୟ ଫେଡେରାଲ ରିଜର୍ଭ ସୁଧ ହାରରେ ହ୍ରାସ ଘଟାଇବା ପରେ ଭାରତୀୟ ବଜାରରେ ରେକର୍ଡ ବେଗରେ ବଢ଼ୁଛି ସୁନା ଓ ରୁପା ଦର।



ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୨.୧୩ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଘରୋଇ ବଜାରରେ ଚଳିତବର୍ଷ ସୁନା ୫୭ ୧୦ ଗ୍ରମା ପିଛା ହଜାର ଟଙ୍କା ମହଙ୍ଗା ହୋଇଛି।

ସୋମବାର ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୨୫୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ▶ପୃଷ୍ଠା-୭

## ଗଙ୍ଗାକୁ ବିପଦ ୬୦ ବର୍ଷ ତଳର ପରମାଣୁ ଯନ୍ତ୍ରାଂଶ

■ ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ହିମାଳୟରେ ଦୀର୍ଘ ଦିନଧରି ପୋତି ହୋଇ ରହିଥିବା ଶୀତଳ ଯୁଦ୍ଧର ଏକ ଗୁପ୍ତ ରହସ୍ୟ ପୁଣିଥରେ ଲୋକ ଲୋଚନକୁ ଆସିଛି। ପ୍ରାୟ୬୦ବର୍ଷ ତଳେ ନନ୍ଦାଦେବୀ ପର୍ବତରେ ହଜିଯାଇଥିବା ଏକ ପରମାଣୁ ଶକ୍ତି ସଞ୍ଚାଳନକାରୀ ଉପକରଣ ଏବେ ନୂଆ ବିପଦ ସୃଷ୍ଟି କରିଛି। ଏହା ଭାରତର ସବୁଠାରୁ ପବିତ୍ର ତଥା ଚିରସ୍ରୋତା ନଦୀ ଗଙ୍ଗାକୁ ବିପଦରେ



ପକାଇଛି। ବିକିରଣ ଆଶଙ୍କା ପାଇଁ ଗଙ୍ଗା ଉପରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ମଧ୍ୟ ବିପଦରେ ରହିଛି। ଶୀତଳ ଯୁଦ୍ଧ ଅବସରରେ ଚୀନ ପରମାଣୁ ପରୀକ୍ଷଣକୁ ଜୋରଦାର କରିଥିଲା। ସେତେବେଳେ ଉପଗ୍ରହ ବ୍ୟବସ୍ଥା ନ ଥିଲା। ତେଣୁ ଏହି ଗତିବିଧି ଉପରେ ନଜର ରଖିବା ପାଇଁ ଆମେରିକା ଓ ଭାରତ ମିଳିତ ଭାବେ ନନ୍ଦାଦେବୀ ପର୍ବତରେ ପରମାଣୁ ନିରୀକ୍ଷଣ ▶ପୃଷ୍ଠା-୭

# ଦିଲ୍ଲୀ ବାୟୁ ପ୍ରାଣଘାତୀ

**ସୂର୍ଯ୍ୟ ଉଭାନ; ମଧ୍ୟାହ୍ନରେ ମଧ୍ୟରାତ୍ରି ସମ ଅନ୍ଧାର ■ ଦୃଶ୍ୟମାନ କ୍ଷମତା ୫୦ ମିଟର ତଳକୁ ଖସିଲା**

■ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆର୍‌ରେ ଅସହ୍ୟ ହେଲାଣି ପ୍ରଦୂଷଣ। ବାୟୁମଣ୍ଡଳ ଏତେ ବିଷାକ୍ତ ହେଲାଣି ଯେ ନିଶ୍ୱାସ ନେବାକୁ ବି ଡର ଲାଗୁଛି। ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ସମଗ୍ର ଜାତୀୟ ରାଜଧାନୀ ପ୍ରଦୂଷିତ ବାୟୁମଣ୍ଡଳ କବଜାରେ ରହିଛି। ପଶ୍ଚିମାଝଡ଼ର ପ୍ରଭାବ କମ୍ ହେବାରୁ ଦିଲ୍ଲୀର ବାୟୁ ସ୍ଥିର ହୋଇଯାଇଛି। ଫଳରେ ଶୀତ ସହିତ କୁହୁଡି ଓ ପ୍ରଦୂଷଣର ଜାଲରେ ଫସିଯାଇଛି ଦିଲ୍ଲୀ। ଗତକାଲି ବର୍ଷର ସବୁଠାରୁ ଘନ କୁହୁଡି ଦେଖିବାକୁ ମିଳିଥିଲା। ଅକ୍ଷରଧାମ ସମେତ ଅନେକ ଅଞ୍ଚଳରେ ଦୃଶ୍ୟମାନ ୫୦ ମିଟର ତଳକୁ ଖସିଆସିଥିଲା। ଦିନରେ ବି କିଛି ଦେଖାଯାଉନି। ପରିସ୍ଥିତି ଏମିତି ହୋଇଛି ଯେ ଆଜି ଦିଲ୍ଲୀରେ ୬୦ଟି ବିମାନକୁ ବାତିଲ କରାଯାଇବା ବେଳେ ୨୫୦ଟି ବିମାନ ବିଳମ୍ବିତ ହୋଇଛି।

**କେତେକ ସ୍ଥାନରେ ଏକ୍ୟୁଆଇ ୫୦୦ ପାର୍**

**୬୦ ବିମାନ ବାତିଲ, ୨୫୦ ଉଡ଼ାଣ ବିଳମ୍ବିତ**

**ଭୁବନେଶ୍ୱରରେ ୧୪ ଉଡ଼ାଣ ପ୍ରଭାବିତ**

ପ୍ରଦୂଷକ କଣିକା ବାୟୁମଣ୍ଡଳରେ ପରିବ୍ୟାପ୍ତ ହୋଇଛି ଓ ଏହାଦ୍ୱାରା ଦିଲ୍ଲୀ ଏକ ଗ୍ୟାସ ଚାମ୍ବରରେ ପରିଣତ ହୋଇଛି। କେତେକାଞ୍ଚଳରେ ବାୟୁ ▶ପୃଷ୍ଠା-୭



## ଇତିହାସ ପାଲଟିବ ମନରେଗା; ଆସିବ 'ଭିବି ଜି ରାମ ଜି'

■ ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଏବେ ଇତିହାସ ପାଲଟିଯିବ ମହାତ୍ମା ଗାନ୍ଧୀ ନେସନାଲ ରୁରାଲ ଏମପ୍ଲୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍ ବା ମନରେଗା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ଏହି ସ୍କିମକୁ ଉଚ୍ଛେଦ କରି ଏହା ବଦଳରେ କେନ୍ଦ୍ର ସରକାର ଏକ

**ଲୋକସଭାରେ ସରକାର ଆଗତ କଲେ ବିଲ୍**

ନୂଆ ଯୋଜନା ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏହି ଯୋଜନାର ନାମ ହେବ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଜୀବିକା ମିସନ (ଗ୍ରାମୀଣ) ବା ଜି ରାମ ଜି। ଏଥିପାଇଁ ସରକାର ଆଜି ଲୋକସଭାରେ ଏକ ବିଲ୍ ଆଗତ କରିଛନ୍ତି। ଚଳିତ ଅଧିବେଶନରେ ଏହି ବିଲ ଅନୁମୋଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ଏହି କାରଣରୁ ସଂସଦରେ ଉପସ୍ଥିତ ରହିବା ଲାଗି ସମସ୍ତ ବିଜେପି ସାଂସଦଙ୍କୁ ହ୍ୱିପ୍ ଜାରି କରାଯାଇଛି। ଅନ୍ୟପକ୍ଷରେ ସରକାରଙ୍କ ଏଭଳି ଯୋଜନାକୁ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି।




ମହାତ୍ମା ଗାନ୍ଧୀଙ୍କ ନାମ ପ୍ରତି ସରକାର କାହିଁକି ଅସହିଷ୍ଣୁ ହୋଇପଡ଼ିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ପ୍ରିୟଙ୍କା ଗାନ୍ଧୀ। ଏହି ବିଲକୁ ନେଇ ସଂସଦରେ ପୁଣି ସରକାର ଓ ବିରୋଧୀ ମୁହାଁମୁହିଁ ହେବା ପ୍ରାୟ ନିଶ୍ଚିତ ହୋଇଯାଇଛି। ୨୦୦୫ରେ ମନମୋହନ ସିଂହଙ୍କ ▶ପୃଷ୍ଠା-୭

**ରାଜ୍ୟ କଂଗ୍ରେସରେ କମ୍ପନ**

## ମହମ୍ମଦ ମୋକିମ୍ ଦଳରୁ ବହିଷ୍କୃତ

■ଭୁବନେଶ୍ୱର, ୧୫।୧୨ (ସମିସ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ କଂଗ୍ରେସରୁ ବହିଷ୍କୃତ ହୋଇଛନ୍ତି। ଦଳବିରୋଧୀ କାର୍ଯ୍ୟ ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ମୋକିମଙ୍କ ବରିଷ୍କାର ପାଇଁ ଏଆଇସିସିକୁ ସୁପାରିସ କରିଥିଲେ। ଏଆଇସିସି ଏହି ସୁପାରିସକୁ ଅନୁମୋଦନ ଦେବା ପରେ ପିସିସି ପକ୍ଷରୁ ମୋକିମଙ୍କୁ କଂଗ୍ରେସର ପ୍ରାଥମିକ ସଦସ୍ୟତା ପଦରୁ ବହିଷ୍କାର କରାଯାଇଥିବା ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

**କଂଗ୍ରେସ ମୋ ବିଚାରଧାରାରେ ରହିବ: ମୋକିମ**

**ମୋକିମଙ୍କ ପରି ବ୍ୟକ୍ତିଙ୍କର ଦଳରେ ଆବଶ୍ୟକତା ରହିଛି: ନିରଞ୍ଜନ**

**କଟକରେ ଦଳ ଉପରେ ପ୍ରଭାବ ପଡ଼ିବ: ନରସିଂହ**

**ଗଣମାଧ୍ୟମରେ ଚିଠି ପ୍ରଘଟ କରିବା ଠିକ୍ ନଥିଲା: କଂଗ୍ରେସ**



ମୋକିମଙ୍କ ବହିଷ୍କାର ପରେ କଂଗ୍ରେସ ରାଜନୀତି ଉଷ୍ମ ହୋଇଛି। ବହୁ ବରିଷ୍ଠ ନେତା ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। କିଛି ନେତା ପରୋକ୍ଷରେ ଏହି ନିଷ୍ପତ୍ତିକୁ ନେଇ ଆପତ୍ତି ଉଠାଇଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ସାମ୍ବାଦିକ ସମ୍ମିଳନୀ କରି ଦଳର ନିଷ୍ପତ୍ତି ସପକ୍ଷରେ ▶ପୃଷ୍ଠା-୭

## ଜାରି ରହିବ ଶୀତ

■ ଭୁବନେଶ୍ୱର, ୧୫।୧୨ (ସମିସ): ରାଜ୍ୟରେ ପ୍ରବଳ ଶୀତ ଜାରି ରହିଛି। ଯଦିଓ ଉପକୂଳ ଓଡ଼ିଶାରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଛି, ଆଭ୍ୟନ୍ତରରେ ଶୀତ ସ୍ଥିତି ଜାରି ରହିଛି। ଗତ ୨୪ ଘଣ୍ଟାରେ ଫୁଲବାଣୀ ଓ ଦାରିଙ୍ଗବାଡ଼ିରେ ତାମପାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ତାପମାତ୍ରା ୬.୮, ନବରଙ୍ଗପୁରରେ ୯, ଭବାନୀପାଟଣାରେ ୯.୨, ଅନୁଗୁଳ ୯.୬, ବୌଦ୍ଧ ୯.୭ ଓ ଝାରସୁଗୁଡ଼ାରେ ତାପମାତ୍ରାରେ ୯.୮ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୭ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ଥିବାରୁ ଶୀତ ପ୍ରାୟ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି, ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ସବୁଠାରୁ କମ୍ ତାପମାତ୍ରା କନ୍ଧମାଳ ଜିଲ୍ଲାର ପୁଲବାଣୀରେ ୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ହୋଇଥିବା ବେଳେ କିଛି କିଛି ସ୍ଥାନରେ ହ୍ରାସ ମଧ୍ୟ ପାଉଛି। ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ଘଟିନାହିଁ। ଗତ ୨୪ ଘଣ୍ଟାରେ ଦୁଇଟି ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହୋଇଥିଲା।

**ରାଜ୍ୟରେ 'ପେସା' ଆଇନ ଲାଗୁରେ ଟାଳଟୁଳ ନୀତି**

## ବଢୁଛି ଆଦିବାସୀଙ୍କ ରୋଷ

■ ଭୁବନେଶ୍ୱର, ୧୫।୧୨ (ସମିସ): ରାଜ୍ୟରେ ଆଦିବାସୀଙ୍କ ସୁରକ୍ଷା ପାଇଁ ପେସା ଆଇନ ଲାଗୁ ନେଇ ରାଜ୍ୟ ସରକାରଙ୍କ ଆନ୍ତରିକତା ଉପରେ ଉଠିଥିବା ପ୍ରଶ୍ନ ଏବେ ଶାସକ ବିଜେପିର ଶିରପୀଡ଼ା ହେବାକୁ ବସିଛି। ସରକାର କେବଳ ସେମାନଙ୍କୁ ଭଣ୍ଡାଉଛନ୍ତି ବୋଲି ଅଭିଯୋଗ କରିବା ସହ ଆଦିବାସୀ ନେତାମାନେ କ୍ରୋଧିତ ହୋଇଛନ୍ତି। ବିଧାନସଭା ଦ୍ୱିତୀୟ ଅଧିବେଶନରେ ପେସା ଆଇନ ଲାଗୁ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ୫ଟି ଅଧିବେଶନ ପରେ ବି ଏହି ଆଇନ କାର୍ଯ୍ୟକାରୀ ହୋଇପାରି ନାହିଁ। ଯେଉଁଥିପାଇଁ ଆଦିବାସୀଙ୍କର ବିକାଶ ପାଇଁ ସରକାରଙ୍କର ଆଦୌ ଆନ୍ତରିକତା ନାହିଁ ଏବଂ ରାଜ୍ୟ ସରକାର କେବଳ ଓଡ଼ିଶାବାସୀ, ଆଦିବାସୀଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

**୫ ଅଧିବେଶନ ଶେଷ ପରେ ବି ଆସିଲାନି ଆଇନ**

**ବିଭାଗ ଗ୍ରହଣ କରୁନାହିଁ ରାଜ୍ୟପାଳଙ୍କ ପରାମର୍ଶ**

**'ବିଚାର' ମଧ୍ୟରେ ସୀମିତ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ**



ସଦ୍ୟ ସମାପ୍ତ ବିଧାନସଭା ଶୀତ ଅଧିବେଶନରେ ପେସା ଆଇନ କାର୍ଯ୍ୟକାରିତା ସଂକ୍ରାନ୍ତ ଏକ ପ୍ରଶ୍ନରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଅସ୍ପଷ୍ଟ ଉତ୍ତର ▶ପୃଷ୍ଠା-୭

**ରାଜଧାନୀରେ ଅସୁରକ୍ଷିତ ପର୍ଯ୍ୟଟନସ୍ଥଳୀ**

## ପୁରୁଷବନ୍ଧୁଙ୍କୁ ମାଡ଼ ମାରି ନାବାଳିକାକୁ ଗଣଦୁଷ୍କର୍ମ

■ ଭୁବନେଶ୍ୱର, ୧୫।୧୨ (ସମିସ): ଅସୁରକ୍ଷିତ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀ ଏବଂ ରାମଚଣ୍ଡୀ ନିକଟରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା ରାଜ୍ୟବାସୀଙ୍କ ମନରୁ ଲିଭିନଥିବା ବେଳେ ରାଜଧାନୀ ଉପକଣ୍ଠ ଧଉଳିରୁ ପୁଣି ଏଭଳି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ପୁରୁଷବନ୍ଧୁଙ୍କ ସହ ବୁଲି ଯାଇଥିବା ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଦିନ ଦି'ପହରେ ଦୁର୍ବୃତ୍ତମାନେ ପୁରୁଷବନ୍ଧୁଙ୍କୁ ମାଡ଼ ମାରି ତାଙ୍କ ଆଖି ଆଗରେ ନାବାଳିକାକୁ ଗଣଦୁଷ୍କର୍ମ କରିଛନ୍ତି। ଏହାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ୧୦ ତାରିଖରେ ଏହି ବର୍ବର କାଣ୍ଡ ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

**୨ ଜଣ ଗିରଫ, ପୁରୁଷବନ୍ଧୁଙ୍କ ବୟାନ ରେକର୍ଡ**

ସୂଚନା ମୁତାବକ, ନାବାଳିକାଜଣଙ୍କ ତାଙ୍କ ପୁରୁଷବନ୍ଧୁଙ୍କ ସହ ଧଉଳି ବୁଲିବାକୁ ଆସିଥିଲେ। ପରେ ସେମାନେ ଲିଙ୍ଗିପୁର ନିକଟ ଦୟାନଦୀ କୂଳ ଦେଇ ଘରକୁ ଫେରୁଥିଲେ। ଏହି ▶ପୃଷ୍ଠା-୭

**ଧର୍ମଶାଳାରେ ପୂର୍ବତନ ବିଧାୟକଙ୍କ ଫାର୍ମ ହାଉସରେ ସଂଘବଦ୍ଧ ଆକ୍ରମଣ ଘଟଣା**

## ୪ ଗିରଫ, ୪ ମାମଲା ରୁଜୁ

■ ଭୁବନେଶ୍ୱର/କବାଟବନ୍ଧ, ୧୫।୧୨ (ସମିସ): ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରୀ ଗ୍ରାମ ନିକଟସ୍ଥ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମହାଉସରେ ରବିବାର ଘଟିଥିବା ସଂଘବଦ୍ଧ ଆକ୍ରମଣ ଘଟଣାକୁ ନେଇ ଅଶାନ୍ତ ହୋଇଛି ଧର୍ମଶାଳା ନିର୍ବାଚନମଣ୍ଡଳୀ। ଏହି ଘଟଣା ବିଧାୟକ ହିମାଂଶୁ ସାହୁଙ୍କ ପ୍ରରୋଚନାରେ ଘଟିଥିବା ଅଭିଯୋଗ କରି ବିଜେଡି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜଧାନୀରେ ଡିଜିଙ୍କ କ୍ୟାମ୍ପ ଅଫିସ ଘେରାଉ ସହ ଅହୋରାତ୍ର ଧାରଣା ଦେଇଛି । ଏହା ମଧ୍ୟରେ ସୋମବାର ବିଳମ୍ବିତ ସନ୍ଧ୍ୟାରେ ଜେନାପୁର ପୁଲିସ ୪ ଜଣଙ୍କୁ ଗିରଫ କରିଛି।

ଜେନାପୁର ଥାନାରେ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଦେଇଥିବା ସୂଚନା ଅନୁସାରେ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସରେ ଭଙ୍ଗାରୁଜା ଘଟଣାରେ ପୁଲିସ ନିଜ ଆଡୁ ୪ ଗୋଟି ମାମଲା ରୁଜୁ କରିଛି ଓ ବିଭିନ୍ନ ସ୍ଥାନରୁ ୪ ଜଣଙ୍କୁ ଗିରଫ କରିଛି।





ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଏସ୍‌ଡିପିଓ କହିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଆଜି ଡିଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ବିଜେଡି ନେତାଙ୍କ ସହ ସେଣ୍ଟ୍ରାଲ ରେଞ୍ଜ ଡିଆଇଜି ଆଲୋଚନା କରି ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପ୍ରଦାନ ସହ ଧାରଣାରୁ ଉଠିବାକୁ ଅନୁରୋଧ କରିଛନ୍ତି। ମାତ୍ର ଧର୍ମଶାଳାରେ ପୁଲିସ ପକ୍ଷପାତ ନୀତି ଅବଲମ୍ବନ କରୁଥିବାରୁ ଯେ ପର୍ଯ୍ୟନ୍ତ ସବୁ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ, ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ପ୍ରଣବ ବଳବନ୍ତରାୟ କହିଛନ୍ତି। ଯାଜପୁର ପୁଲିସ ଓ ଜେନାପୁର ଥାନା ଉପରେ ତାଙ୍କର ଭରସା ନାହିଁ। ଏହା ପୂର୍ବରୁ ବହୁବାର ତାଙ୍କ ଉପରେ ଏବଂ ମହିଳା, ଯୁବ, ଛାତ୍ର ସମସ୍ତ କର୍ମୀ ଉପରେ ଏଭଳି ଆକ୍ରମଣ ହୋଇଛି। କିନ୍ତୁ ପୁଲିସ ସବୁ କ୍ଷେତ୍ରରେ ନିରବଦ୍ରଷ୍ଟା ସାଜିଥିବା ସେ କହିଛନ୍ତି।

**ଡିଜି ଅଫିସ ସମ୍ମୁଖରେ ବିଜେଡିର ଧାରଣା**

**ଜେନାପୁର ଥାନା ଘେରିଲା ବିଜେପି**

ସେହିପରି ବିଧାୟକ ଡଃ. ଅରୁଣ ସାହୁ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବୋଲି କିଛି ନାହିଁ ଓ ତାଲିବାନୀ ଶାସନ ଚାଲିଥିବା ଅଭିଯୋଗ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ପର୍ଯ୍ୟନ୍ତ ଆମେ ଧାରଣା ଦେବୁ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ରାଜେନ୍ଦ୍ର ସାହୁ, ପ୍ରୀତି ରଞ୍ଜନ ଘଡାଇ, ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜିବ ମଲ୍ଲିକ, ବରିଷ୍ଠ ନେତ୍ରୀ ଶର୍ମିଷ୍ଠା ସେଠୀ, ଛାତ୍ରବିଜେଡ଼ି ସଭାପତି ଇପ୍‌ସିତା ସାହୁ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ▶ପୃଷ୍ଠା-୭

# ରାଜ କୁମାର ଗୋୟଲ ମୁଖ୍ୟ ସୂଚନା କମିଶନର ନିଯୁକ୍ତ



ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ରାଜ କୁମାର ଗୋୟଲ ଦେଶର ମୁଖ୍ୟ ସୂଚନା କମିଶନର (ସିଆଇସି) ନିଯୁକ୍ତ ହୋଇଛନ୍ତି। ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ତିନି ଜଣିଆ କମିଟି ତାଙ୍କ ନାମ ସୁପାରିସ କରିଥିଲେ। ଶ୍ରୀ ଗୋୟଲ ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ, କେନ୍ଦ୍ରଶାସିତ ଅଞ୍ଚଳ (ଏଜିଏମୟୁଟି) କ୍ୟାଡରର ୧୯୯୦ ବ୍ୟାଚର ଆଇଏଏସ ଅଧିକାରୀ। ସେ ଗତ ଅଗଷ୍ଟ ୩୧ ତାରିଖରେ ଆଇନ ଏବଂ ନ୍ୟାୟ ମନ୍ତ୍ରାଳୟ ଅଧିନସ୍ଥ ନ୍ୟାୟ ବିଭାଗର ସଚିବ ପଦରୁ ଅବସର ଗ୍ରହଣ କରିଥିଲେ। ସେ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସଚିବ (ସୀମା ପରିଚାଳନା) ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସେ କେନ୍ଦ୍ର ଏବଂ ଜମ୍ମୁ-କଶ୍ମୀରର ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହିଥିଲେ।

# ସଙ୍ଗୀତା ବରୁଆ ପ୍ରେସ କ୍ଲବ ଅଫ୍ ଇଣ୍ଡିଆର ନୂଆ ଅଧ୍ୟକ୍ଷା



ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ବରିଷ୍ଠ ସାମ୍ବାଦିକା ସଙ୍ଗୀତା ବରୁଆ ପ୍ରସ୍ କ୍ଲବ ଅଫ ଇଣ୍ଡିଆ (ପିସିଆଇ)ର ଅଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। ୧୯୫୭ ଡିସେମ୍ବର ୨୦ରେ ପିସିଆଇ ପ୍ରତିଷ୍ଠା ହେବା ପରଠାରୁ ଏହି ପଦରେ ରହିଥିବା ସେ ପ୍ରଥମ ମହିଳା ହୋଇଛନ୍ତି। ପିସିଆଇର ବିଭିନ୍ନ ପଦପଦବୀ ପାଇଁ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗୀତାଙ୍କ ଟିମ୍ ସବୁ ପଦାଧିକାରୀ ଏବଂ ପରିଚାଳନା କମିଟିର ପଦବୀରେ ବିଜୟୀ ହୋଇଛି। ୨୧-୦ରେ ସେ କ୍ଲିନସ୍ୱିପ କରିଛନ୍ତି। ସଙ୍ଗୀତାଙ୍କୁ ମୋଟ ୧୦୧୯ ଭୋଟ ମିଳିଛି। ତାଙ୍କ ପ୍ରତିଦ୍ୱନ୍ଦ୍ୱି ଅତୁ ମିଶ୍ରା ୧୨୯ଟି ଏବଂ ଅରୁଣ ଶର୍ମା ୮୯ଟି ଭୋଟ ପାଇଥିଲେ। ସେହିପରି ଅଫଜଲ ଇମାମ କ୍ଲବ୍ର ସାଧାରଣ ସମ୍ପାଦକ, ଜତିନ ଗାନ୍ଧୀ ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସେହିପରି ଅଦିତି ରାଜପୁତ କୋଷାଧ୍ୟକ୍ଷ ଏବଂ ପିଆର ସୁନୀଲ ନିର୍ଦ୍ୱନ୍ଦ୍ୱରେ ଯୁଗ୍ମ ସଚିବ ହୋଇଛନ୍ତି।

# ଦୁର୍ଘଟଣାରେ ୨ ପୁଲିସ ଅଧିକାରୀଙ୍କ ସମେତ ୪ ମୃତ

ନୂଆଦିଲ୍ଲୀ, ୧୫ ।୧୨(ଏଜେନ୍ସି): ମୁମ୍ବଇ- ଦିଲ୍ଲୀ ଏକ୍ସପ୍ରେସୱେରେ ସୋମବାର ସକାଳେ ବଡ଼ ଦୁର୍ଘଟଣା ଘଟିଛି। ପାଖାପାଖି ୨୦ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଛି। ସକାଳ ୫ଟାରେ ଘଟିଥିବା ଏହି ଦୁର୍ଘଟଣାରେ ଦୁଇଜଣ ପୁଲିସ ଅଧିକାରୀଙ୍କ ସମେତ ୪ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ୧୫ରୁ ୨୦ ଜଣ ଆହତ ହୋଇଛନ୍ତି। ଘନ କୁହୁଡି କାରଣରୁ ଦୃଶ୍ୟମାନ କ୍ଷମତା କମ୍ ଥିବା କାରଣରୁ ଏହି ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି। ପ୍ରଥମ ଦୁଇଟି ଓଭରଲୋଡ ଡମ୍ପର ଟ୍ରକ ପରସ୍ପରକୁ ଧକ୍କା ଦେଇଥିଲେ। ଏହାପରେ ଗୁଆ ବୋଝେଇ ଟ୍ରକ୍ ଓ ଅନ୍ୟଗାଡିଗୁଡିକ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ମୋଟ ଉପରେ ୨୦ରୁ ୨୫ ଗାଡ଼ି ଧକ୍କା ଦେବାରୁ ସିରିଜ ଦୁର୍ଘଟଣା ହୋଇଥିଲା। ସୂଚନା ପାଇବା ମାତ୍ରେ ପୁଲିସ, ଆମ୍ବୁଲାନ୍ସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଏକାଧିକ ଲୋକ ଗୁରୁତର ଅଛନ୍ତି।

# ପିଓକେରେ ବୃଦ୍ଧି ପାଉଛି ଆତଙ୍କବାଦୀ କାର୍ଯ୍ୟକଳାପ

ନୂଆଦିଲ୍ଲୀ, ୧୫ ।୧୨(ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କବାଦୀ ଠିକଣା ତଥା ଭିତ୍ତିଭୂମି ବୃଦ୍ଧିପାଉଛି ବୋଲି ଭାରତୀୟ ଗୁଇନ୍ଦା ଏଜେନ୍ସିଗୁଡିକ ଅତି ନିକଟରୁ ନିରୀକ୍ଷଣ କରିଛନ୍ତି। ଏ ନେଇ ଏଜେନ୍ସିଗୁଡିକ ସତର୍କ କରାଇ ଦେଇଛନ୍ତି। ପିଓକେର ବିଭିନ୍ନ ଉପତ୍ୟକାରେ ଦ୍ୱୈତ-ବ୍ୟବହାର ସୁବିଧାଥିବା ଭିତ୍ତିଭୂମୀ ନର୍ମାଣ କରାଯାଉଛି ବୋଲି ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି। ନଭେମ୍ବର ପରଠାରୁ ଲସ୍କର-ଇ- ତୋଇବା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିଛି। ଏହି ଆତଙ୍କବାଦୀ ସଂଗଠନ ସରଦା ଅଞ୍ଚଳରେ 'ଜାମିଆ ମସଜିଦ ଆଇବିଏନ୍ ତେମିଆ ୱା ମର୍କଜ' ନାମକ ଏକ ନୂଆ କେନ୍ଦ୍ର ମଧ୍ୟ ସ୍ଥାପନ କରିଛି। ସେହିପରି ଧିରକୋଟ, ବାଗ, ଖାଇଗାଲା, ରାୱଲକୋଟ, ପଲାଣ୍ଡ୍ରୀ ଓ ସୁଧାନୋଟିରେ ମଧ୍ୟ ନୂଆ ଭିତ୍ତିଭୂମି ନିର୍ମାଣ କରାଯାଉଛି। ଅପରେସନ ସିନ୍ଦୂର ପରେ ପିଓକେରେ ଆତଙ୍କବାଦୀ ଠିକଣାଗୁଡିକ ଖାଇବର ପଖତୁନଖ୍ୱାକୁ ସ୍ଥାନାନ୍ତର ହେବା ଖବର ପ୍ରକାଶ ପାଇଥିଲା। କିନ୍ତୁ ଏବେ ପିଓକେରେ ନୂଆ ଭିତ୍ତିଭୂମି ନିର୍ମାଣ ଭାରତ ପାଇ ଚିନ୍ତା ସୃଷ୍ଟି କରିଛି।

# ୭ ବର୍ଷ ପରେ ପ୍ରଧାନମନ୍ତ୍ରୀଙ୍କ ଜୋର୍ଡାନ ଗସ୍ତ

ନୂଆଦିଲ୍ଲୀ/ଅମ୍ମାନ, ୧୫ ।୧୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭ ବର୍ଷ ପରେ ମଧ୍ୟପ୍ରାଚ୍ୟ ଦେଶ ଜୋର୍ଡାନକୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି। ଜୋର୍ଡାନ ପ୍ରଧାନମନ୍ତ୍ରୀ ଜାଫର ହସନ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରିଥିଲେ। ହୋଟେଲରେ ପହଞ୍ଚିବା ପରେ ପ୍ରବାସୀ ଭରାତୀୟଙ୍କୁ ମୋଦୀ ଭେଟିଥିଲେ। ଏହି ଅବସରରେ ମୋଦୀଙ୍କ ସାମ୍ନାରେ କଳାକାରମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜୋର୍ଡାନ ରାଜା ଅବଦୁଲ୍ଲାଙ୍କୁ ମୋଦୀ ହୁସେନିଆ ପ୍ୟାଲେସ୍‌ରେ ଭେଟିଛନ୍ତି। ଏଠାରେ ଉଭୟ ନେତା ଏବଂ ପ୍ରତିନିଧିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି।

# ସିଡ୍‌ନୀ ଆକ୍ରମଣ ପଛରେ ପାକିସ୍ତାନୀ ବାପା-ପୁଅ



## ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି, ୪୫ରୁ ଊର୍ଦ୍ଧ୍ୱ ଆହତ

ସିଡନୀ, ୧୫ ।୧୨(ଏଜେନ୍ସି): ଅଷ୍ଟ୍ରେଲିଆ ସିଡ୍‌ନୀର ବଣ୍ଡି ବିଚ୍‌ରେ ରବିବାର ହୋଇଥିବା ଆତଙ୍କବାଦୀ ଆକ୍ରମଣ ଗୋଟିଏ ଧର୍ମର ଦୁଇଟି ରୂପକୁ ଦର୍ଶାଇଛି। ଉଭୟ ଆକ୍ରମଣକାରୀ ଏବଂ ଆକ୍ରମଣକାରୀଙ୍କଠାରୁ ଲୋକଙ୍କୁ ସୁରକ୍ଷା ଦେଇଥିବା ବ୍ୟକ୍ତି ଇସଲାମ ଧର୍ମର। ଦୁଇ ଜଣ ଜୀବନ ନେଇଥିବାବେଳେ ଅନ୍ୟ ଜଣେ ଲୋକଙ୍କୁ ବଞ୍ଚାଇବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ପୁଲିସ ସୂଚନା ଅନୁଯାୟୀ, ଆକ୍ରମଣ କରିଥିବା ଦୁଇ ଆତଙ୍କବାଦୀ ବାପା ଓ ପୁଅ। ଉଭୟେ ପାକିସ୍ତାନ ବଂଶୋଦ୍ଭବ ବୋଲି ସନ୍ଦେହ କରାଯାଉଛି। ବାପାର ନାମ ସାଜିଦ ଆକ୍ରମ ଥିବାବେଳେ ପୁଅ ନବିଦ। ସେହିପରି ଲୋକଙ୍କ ଜୀବନ ବଞ୍ଚାଇ ଥିବା ବ୍ୟକ୍ତିଙ୍କ ନାମ ଅହମ୍ମଦ-ଅଲ-ଅହମ୍ମଦ ରହିଛି।

ଏହି ଘଟଣାରେ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚି ଯାଇଛି। 'ହାନୁକା' ଉତ୍ସବ ପାଳନ ପାଇଁ ବେଳାଭୂମିକୁ ଯାଇଥିବା ଇହୁଦୀଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ୫୦ ବର୍ଷୀୟ ସାଜିଦ ନିହତ ହୋଇଛି। ପୁଅ ନବିଦ ଆକ୍ରମ ପୁଲିସ ଗୁଳିରେ ଆହତ ହୋଇଛି। ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତା ଅବସ୍ଥା ଗୁରୁତର ଅଛି।

ଅଷ୍ଟ୍ରେଲିଆ ଗୃହମନ୍ତ୍ରୀ ଟୋନ ବର୍କ କହିଛନ୍ତି ଯେ, ସାଜିଦ ଆକ୍ରମ ୧୯୯୮ରୁ ଛାତ୍ର ଭିସାରେ ଅଷ୍ଟ୍ରେଲିଆ ଆସିଥିଲେ। ସେ ଅଷ୍ଟ୍ରେଲିଆ ମହିଳା ଭେରେନାଙ୍କୁ ବିବାହ କରି ନିଜ ଭିସାକୁ ପାର୍ଟନର ଭିସାରେ ପରିଣତ କରିଥିଲେ। ସେବେଠାରୁ ସେ ରେସିଡେଣ୍ଟ ରିଟର୍ଣ୍ଣ ଭିସାରେ ରହି ଆସୁଥିଲା। ଅର୍ଥାତ ସେ ଅଷ୍ଟ୍ରେଲିଆର ନାଗରିକ ନ ଥିଲେ, ପାକିସ୍ତାନରୁ ଆସିଥିଲା। ଆକ୍ରମରୁ ପୁଅ ନଭିଦ ୨୦୦୧ରେ ଜନ୍ମଗ୍ରହଣ କରିଥିଲା। ସେ ଅଷ୍ଟ୍ରେଲୀୟ ନାଗରିକ। ଲାଇସେନ୍ସ ପ୍ରାପ୍ତ ବନ୍ଧୁକରୁ ଦୁହେଁ ଆକ୍ରମଣ କରିଥିଲେ। ସାଜିଦ ଆଇନଗତ ଭାବେ ୬ଟି ବନ୍ଧୁକ ରଖିଥିଲା। ଘରେ ମାଛ ଧରିବାକୁ ଯାଉଛୁ ବୋଲି କହି ବାପା ଓ ପୁଅ ଏହି ଜଘନ୍ୟ କାଣ୍ଡ ଘଟାଇଥିଲେ। ଆକ୍ରମଣ ପରେ ପୁଲିସ ଆକ୍ରମର ଘରେ ଚଢ଼ାଉ କରିଥିଲା। ତା'ର ଏକ ଫଳ ଦୋକାନ ଥିଲା ବୋଲି ପୁଲିସ କହିଛି।

# ଆତଙ୍କବାଦୀ ସହ ଲଢ଼ିଥିବା ଅହମ୍ମଦ କିଏ



ସିଡନୀ, ୧୫ ।୧୨(ଏଜେନ୍ସି): ବଣ୍ଡି ବିଚ୍ ଅଗ୍ନିକାଣ୍ଡରେ ଦୁଇ ବାପ-ପୁଅ ଆତଙ୍କବାଦୀ ସହ ଖାଲି ହାତରେ ଲଢ଼େଇ କରିଥିବା ଅହମ୍ମଦ ଅଲ-ଅହମ୍ମଦଙ୍କୁ ସବୁଠି ପ୍ରଶଂସା କରାଯାଉଛି। ନିଜ ଜୀବନକୁ ବାଜି ଲଗାଇ ୪୪ ବର୍ଷୀୟ ଅହମ୍ମଦ ଅନେକ ଲୋକଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ଏବେ ସେ ଅଷ୍ଟ୍ରେଲିଆରେ ହିରୋ ପାଲଟି ଯାଇଛନ୍ତି। ଆଖିବୁଜା ଗୁଳି ଚଳାଉଥିବା ସାଜିଦ ଆକ୍ରମକୁ ସେ ଖାଲି ହାତରେ କାବୁ କରିବାକୁ ପ୍ରୟାସ କରିଥିଲେ। ପଛଆଡୁ କୁଦି ପଡ଼ି ସେ ଆକ୍ରମଠାରୁ ରାଇଫଲ୍ ଛଡ଼ାଇ ନେଇଥିଲେ। ଫଳରେ ଘଟଣାସ୍ଥଳରୁ ବହୁ ଲୋକ ଦୌଡ଼ି ପଳାଇବାକୁ ସକ୍ଷମ ହୋଇଥିଲେ। ନ ହେଲେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇଥାନ୍ତା ବୋଲି ଅନୁମାନ କରାଯାଉଛି। ଲୋକେ ଏବେ ଅହମ୍ମଦଙ୍କୁ ଅଷ୍ଟ୍ରେଲିଆର ହିରୋ ବୋଲି ବିବେଚିନା କରୁଛନ୍ତି। ଆକ୍ରମକୁ ଧକ୍କା ଦେଇ ତଳେ ପକାଇଦେଇଥିଲେ ମଧ୍ୟ ତା ପୁଅ ପଛପଟୁ ତାଙ୍କ ଉପରକୁ ଗୁଳି ଚଳାଇଥିଲା। ଏତିଯୋଗୁଁ ଅହମ୍ମଦଙ୍କ ବାମ କାନ୍ଧରେ ଦୁଇଟି ଗୁଳି ବାଜିଥିଲା। ତେଣୁ ସେ ଚେତା ହରାଇ ତଳେ ପଡ଼ିଯାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଯଦି ଆବଶ୍ୟକ ପଡେ ପୁଣିଥରେ ଆତଙ୍କବାଦୀଙ୍କ ସହ ଲଢ଼ିବି ବୋଲି ସେ କହିଛନ୍ତି। ଅହମ୍ମଦ ଯେତେବେଳେ ଆତଙ୍କବାଦୀଙ୍କ ସହ ଲଢ଼ିବାକୁ ଯାଉଥିଲେ, ସେତେବେଳେ ଭାଇ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ। ସେ ନିଜ ଭାଇଙ୍କୁ କହିଥିଲେ ଯେ ଯଦି ମୋର କିଛି ହୋଇଯାଏ ତେବେ ଲୋକଙ୍କ ଜୀବନ ବଞ୍ଚାଇବାକୁ ଯାଇ ଜୀବନ ଦେଇଥିବା ପରିବାର ସଦସ୍ୟଙ୍କୁ କହିବ। ପ୍ରକୃତରେ ଅହମ୍ମଦ ନିଜ ସମ୍ପର୍କୀୟ ଭାଇ ଜୋଜାୟ ଅଲକଞ୍ଜଙ୍କ ସହ ହନୁକା ଉତ୍ସବରେ ଯୋଗ ଦେବାକୁ ଆସିଥିଲେ। ଦୁଇଜଣ କଫି ପିଇବାକୁ ବାହାରକୁ ଯାଇଥିଲେ। କିନ୍ତୁ କିଛି ମିନିଟ୍ ମଧ୍ୟରେ ଆଖିବୁଜା ଗୁଳିମାଡ ହୋଇଥିଲା। ଦୁଇଜଣ ଲୋକ ଭିଡ଼ ଉପରକୁ ଗୁଳି ଚଳାଉଥିବାର ସେ ଦେଖିଥିଲେ। ସେତେବେଳେ ଚିତ୍କାର କରି ଲୋକେ ଜୀବନ ବଞ୍ଚାଇବା ପାଇଁ ଦୌଡୁଥିଲେ। ଦୁହେଁ ଏତିକିବେଳେ କାର୍ ପଛପଟେ ଲୁଚିଥିଲେ। ଏହାପରେ ସୁବିଧା ଦେଖି ସେ ଆକ୍ରମକୁ ପଛପଟୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଅହମ୍ମଦଙ୍କୁ ବନ୍ଧୁକ ଚଳାଇବା

ଆସୁ ନ ଥିଲା। ଏହି କାରଣରୁ ବନ୍ଧୁକ ଚଳାଇ ନ ଥିଲେ ବୋଲି ଜୋଜାୟ କହିଛନ୍ତି। ଉଲ୍ଲେଖଥାଉ କି, ଅହମ୍ମଦ ମୂଳତଃ ସିରିଆର ନାଗରିକ। କିନ୍ତୁ ସେଠାରେ ଗୃହଯୁଦ୍ଧ କାରଣରୁ ସିରିଆ ଛାଡି ୨୦୦୬ରେ ଅଷ୍ଟ୍ରେଲିଆ ଚାଲିଆସିଥିଲେ। ତାଙ୍କର ୫ ଓ ୬ ବର୍ଷରୁ ଦୁଇ ଝିଅ ଅଛନ୍ତି। ତେବେ ତାଙ୍କୁ ୨୦୨୨ରେ ଅଷ୍ଟ୍ରେଲୀୟ ନାଗରିକତା ମିଳିଥିଲା।



# ପହଲଗାମ୍ ହମ୍‌ଲା: ଏନ୍‌ଆଇଏ ଚାର୍ଜସିଟ୍‌ରେ ପାକ୍ ଆତଙ୍କବାଦୀ ସଂଗଠନ ଓ ୫ ଅଭିଯୁକ୍ତ



ନୂଆଦିଲ୍ଲୀ, ୧୫ ।୧୨(ଏଜେନ୍ସି): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଜମ୍ମୁର ସ୍ୱତନ୍ତ୍ର କୋର୍ଟରେ ୧, ୩୦୦ ପୃଷ୍ଠାର ଚାର୍ଜସିଟ୍ (ଆରୋପପତ୍ର) ଦାଖଲ କରିଛି। ଏଥିରେ ପାକିସ୍ତାନ ଆତଙ୍କବାଦୀ ସଂଗଠନ ଏବଂ ୫ ଅଭିଯୁକ୍ତଙ୍କ ନାମ ରହିଛି। ଏଥିରେ ପାକିସ୍ତାନ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି) ଏବଂ ଏହାର ଛାମୁଆ ସଂଗଠନ ଦ ରେସିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ), ସାଜିଦ ଜାଟ, ଫୈସଲ ସୁଲେମାନ ଶାହା ଓରଫ ସୁଲେମାନ ଶାହା, ହବିବ ତାହିର ଓରଫ ଜିବରାନ ଓ ହାମଜା ଆଫଗାନିର ନାମ ରହିଛି। ଜୁଲାଇ ୨୨ରେ ପହଲଗାମଠାରୁ ୬ କିମି ଦୂରରେ ବ୍ୟାସରଣ ଉପତ୍ୟକାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ପର୍ଯ୍ୟଟକ ମୃତ୍ୟୁବରଣ କରିଥିବା ବେଳେ ୧୬ଜଣ ଆହତ ହୋଇଥିଲେ। ଆତଙ୍କାବାଦୀମାନେ ଧର୍ମ ପଚାରି ଲୋକଙ୍କୁ ଗୁଳି ମାରିଥିଲେ। ମିଳିଥିବା ସୂଚନା ଅନୁସାରେ ସାଜିଦ ଜାଟ ପାକିସ୍ତାନରେ ରହୁଛି। ସେ ଏଲଇଟିର ଅପରେସନ ମୁଖ୍ୟ ରହିଛି। ସାଜିଦ ହିଁ ପହଲଗାମ ଆକ୍ରମଣ ପାଇଁ ଅନ୍ୟ ଦୁଇଜଣଙ୍କୁ ଦାୟିତ୍ୱ ଦେଇଥିଲା। ସେ ଏହି ଆକ୍ରମଣର ମୁଖ୍ୟ ଷଡଯନ୍ତ୍ରକାରୀ। ଜୁଲାଇ ୨୬ରେ ସୁରକ୍ଷା ବାହିନୀ ଶ୍ରୀନଗରର ହରୱାନ ଜଙ୍ଗଲରେ 'ଅପରେସନ ମହାଦେବ' ଚଳାଇଥିଲା। ଏଥିରେ ପହଲଗାମ ଆକ୍ରମଣରେ ସାମିଲଥିବା ଉଭୟ ଆତଙ୍କବାଦୀ ହାସିମ ମୁସା ସାମିଲ ଥିଲା। ଏବେ ଏ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ଏବେ କୋର୍ଟରେ ହିଁ କିଏ ଦୋଷୀ ଓ ନିର୍ଦ୍ଦେଶ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ପହଲଗାମ ଆକ୍ରମଣର ଦୁଇମାସ ପରେ ଜୁନ୍ ୨୩ରେ ଆତଙ୍କବାଦୀଙ୍କୁ ସହାୟତା ପ୍ରଦାନ କରିଥିବା ଦୁଇଜଣଙ୍କୁ ଏନ୍‌ଆଇଏ ଗିରଫ କରିଥିଲା। ଜୁଲାଇ ୨୮ ରେ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସମେତ ୩ ଆତଙ୍କବାଦୀ ନିହତ ହୋଇଥିଲେ। ପହଲଗାମ ଆକ୍ରମଣର ଜବାବରେ ଭାରତ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା ଏବଂ ପାକିସ୍ତାନର ୯ ଆତଙ୍କବାଦୀ ଠିକଣା ଉପରେ ଆକ୍ରମଣ କରି ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିହତ କରିଥିଲା।

# ପ୍ରିୟଙ୍କା ଭଦ୍ରା-ପ୍ରଶାନ୍ତ କିଶୋରଙ୍କ ସାକ୍ଷାତକୁ ନେଇ ଚର୍ଚ୍ଚା



ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ କଂଗ୍ରେସର ରାଜନୈତିକ ସମୀକରଣ ବଦଳିବା ନେଇ ଚର୍ଚ୍ଚା ହେଉଛି। ଏହାକୁ ଖୋରାକ ଯୋଗାଇଛନ୍ତି ନିର୍ବାଚନ ରଣନୀତିକାର ତଥା ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର। ସେ ଗତ ସପ୍ତାହରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ୧୦-ଜନପଥ ସ୍ଥିତ ବାସଭବନକୁ ଯାଇଥିଲେ। ଏଠାରେ ସୋନିଆଙ୍କ ଝିଅ ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଉପସ୍ଥିତ ଥିଲେ। ପ୍ରଶାନ୍ତ ଏବଂ ପ୍ରିୟାଙ୍କାଙ୍କ ମଧ୍ୟରେ ଏଠାରେ ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ରୁଦ୍ଧ ଦ୍ୱାର ବୈଠକ ହୋଇଥିଲା। ତେବେ ଉଭୟଙ୍କ ମଧ୍ୟରେ କି ଆଲୋଚନା ହୋଇଥିଲା ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ମାତ୍ର ଏହି ସାକ୍ଷାତକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ସରଗରମ ହୋଇ ଉଠିଛି।

ଏହି ସାକ୍ଷାତକୁ ନେଇ ଉଭୟେ ପ୍ରିୟଙ୍କା ଏବଂ ପ୍ରଶାନ୍ତ ଚୁପ୍ ରହିଛନ୍ତି। କୌଣସି ବୈଠକ ହୋଇ ନଥିବା ପ୍ରଶାନ୍ତ କହିଥିବାବେଳେ ମୁଁ କାହା ସହ ମିଶୁଛି ତାହା ଜାଣିବା ପାଇଁ କେହି ଚାହାନ୍ତି ନାହିଁ ବୋଲି ପ୍ରିୟଙ୍କା କହିଥିଲେ। ମାତ୍ର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିହାର ଏବଂ ଦେଶରେ ବିରୋଧୀଙ୍କ ରାଜନୀତି ଉପରେ ଉଭୟେ ଚର୍ଚ୍ଚା କରିଥିଲେ। ଅନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯାଉଛି। ଉତ୍ତର ପ୍ରଦେଶ ରାଜନୀତି ମଧ୍ୟ ଏହି ଚର୍ଚ୍ଚାର ଏଜେଣ୍ଡାରେ ଥିଲା ବୋଲି କୁହାଯାଉଛି। ୨୦୨୬ ଏବଂ ୨୦୨୭ରେ ୧୨ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ କଂଗ୍ରେସକୁ ସବୁ ରାଜ୍ୟରେ ମଜବୁତ କରିବାର ରଣନୀତି ନେଇ ଚର୍ଚ୍ଚା କରିଥିଲେ। ଜାତୀୟସ୍ତରରେ ପ୍ରଶାନ୍ତଙ୍କ ପ୍ରଦର୍ଶନ ଭଲ ରହିଛି ବୋଲି କଂଗ୍ରେସର ଏକ ଗୋଷ୍ଠୀ ଭାବୁଛନ୍ତି। ସେମାନେ ପ୍ରଶାନ୍ତଙ୍କୁ ରଣନୀତିରେ ସାମିଲ କରିବାକୁ ଚାହୁଁଛନ୍ତି। କଂଗ୍ରେସକୁ ନିଜ ସାମର୍ଥ୍ୟରେ ମଜବୁତ ହେବାକୁ ପଡ଼ିବ। ଏଥିପାଇଁ ବଡ଼ ରାଜ୍ୟ ପାଇଁ ମଜବୁତ ରଣନୀତିକାରର ଆବଶ୍ୟକତା ରହିଛି। ସେହିପରି କଂଗ୍ରେସ ଏଥର ବିଭିନ୍ନ ରାଜ୍ୟରେ ନିଜ ଦମରେ ଲଢ଼ିବା ପାଇଁ ଚାହୁଁଥିବା କୁହାଯାଉଛି।

# ୩ ଝିଅଙ୍କୁ ମାରି ବାପାର ଆତ୍ମହତ୍ୟା

ପାଟନା, ୧୫।୧୨ (ଏଜେନ୍ସି):ବିହାର ମୁଜାଫରପୁରର ମିସରୌଲିଆ ଗ୍ରାମରୁ ବିଚଳିତ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ଏଠାରେ ବାପ ନିଜର ତିନି ଝିଅକୁ ଦଉଡ଼ିରେ ଟାଣି ମାରିବା ପରେ ନିଜେ ଆତ୍ମହତ୍ୟା କରିଛି। ମୃତ ବାପାର ନାମ ଅମରନାଥ ରାମ। ସେ ନିଜ ୫ ସନ୍ତାନକୁ ମାରିବାକୁ ପ୍ରୟାସ କରିଥିଲା। କିନ୍ତୁ ସୌଭାଗ୍ୟବଶତଃ ଦୁଇ ପୁଅ ବଞ୍ଚି ଯାଇଛନ୍ତି। ବାପା ଏପରି କାହିଁକି କଲେ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ ପୁଲିସ ମାମଲାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଅମରନାଥଙ୍କ ସ୍ତ୍ରୀ ବର୍ଷେ ତଳେ ପ୍ରାଣ ହରାଇ ଥିଲେ। ସ୍ତ୍ରୀ ମୃତ୍ୟୁ ପରେ ସ୍ୱାମୀ ଝିଅ ଅନୁରାଧା (୧୨), ଶିବାନୀ (୭), ରାଧିକା (୬), ପୁଅ ଶିବମ (୬) ଏବଂ ଚନ୍ଦନ ସହ ରହୁଥିଲେ। ଏହି ହତ୍ୟାକାଣ୍ଡ ପଛରେ ଅନେକ କାରଣ ଥିବା କୁହାଯାଉଛି। ତେବେ ପୁଲିସ କିଛି ସ୍ପଷ୍ଟ କରିନାହିଁ। ସ୍ଥାନୀୟ ଅଧିବାସୀଙ୍କ ଅନୁଯାୟୀ, ପତ୍ନୀ ମୃତ୍ୟୁ ପରେ ପିଲାଙ୍କୁ ପାଳିବା ପାଇଁ ବାପା ସଂଘର୍ଷ କରୁଥିଲେ। ଆଉ କିଛି କହିଛନ୍ତି ଯେ ଅମରନାଥ ଏକ ଘରୋଇ ଫାଇନାନ୍ସ କମ୍ପାନୀଠାରୁ ଋଣ ଆଣିଥିଲେ। ଏହା ସୁଝିବା ପାଇଁ କମ୍ପାନୀ ବାରମ୍ବାର ଚାପ ପକାଉ ଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ରୋଷେଇ ଘରେ ଅଣ୍ଡା ଖୋଳ ଥିଲା। ମାରିବା ପୂର୍ବରୁ ରୋଷେଇ କରି ଅମରନାଥ ପିଲାଙ୍କୁ ଖାଇବାକୁ ଦେଇଥିଲେ ଏବଂ ଏକ ଟ୍ରଙ୍କ ଉପରେ ଠିଆ ହେବାକୁ କହିଥିଲା। ମୃତ ପତ୍ନୀଙ୍କ ଏକ ଶାଢୀ ଆଣି ସମସ୍ତଙ୍କ ବେକରେ ଫାସ ପକାଇ ଥିଲେ ଏବଂ ଗୋଟିଏ ପଟକୁ ନିଜ ବେକରେ ବାନ୍ଧି ଥିଲେ। ପରେ ସମସ୍ତଙ୍କୁ ତଳକୁ ଡେଇଁବାକୁ କହିଥିଲା ଏବଂ ନିଜେ ମଧ୍ୟ ସେଭଳି କରିଥିଲା। ତେବେ ଦୁଇ ପୁଅ ଟ୍ରଙ୍କ ନ ଡେଇଁବାରୁ ବଞ୍ଚି ଯାଇଥିଲେ। ଅନ୍ୟମାନେ ଏଥିରେ ପ୍ରାଣ ହରାଇଥିଲେ। ୬ ବର୍ଷୀୟ ପୁଅ ଶିବମ କହିଛି ଯେ, ମୋବାଇଲରେ ଖେଳୁଥିବାବେଳେ ବାପା ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଆସିବାକୁ କହିଥିଲେ। ଏହା ପରେ ବାପା ବେକରେ ଫାଶ ପକାଇ ଦେଇଥିଲେ।

## ଆଇପିଏସ ପୁରନଙ୍କ ଆତ୍ମହତ୍ୟା ମାମଲା

# ହଟିଲେ ହରିୟାଣା ଡିଜିପି ଶତ୍ରୁଜିତ କପୁର

ପଞ୍ଚକୁଲା, ୧୫।୧୨ (ଏଜେନ୍ସି): ଆଇପିଏସ ୱାଇ ପୁରନ କୁମାରଙ୍କ ଆତ୍ମହତ୍ୟାକୁ ନେଇ ବିବାଦରେ ଥିବା ହରିୟାଣା ଡିଜିପି ଶତ୍ରୁଜିତ କପୁରଙ୍କୁ ସରକାର ପଦରୁ ହଟାଇ ଦେଇଛନ୍ତି। ଦୁଇ ମାସ ହେଲା ଛୁଟିରେ ପଠା ଯାଇଥିବା ଏହି ଅଧିକାରୀଙ୍କ ପାଖରେ ଏବେ କେବଳ ପୁଲିସ ହାଉସିଂ କର୍ପୋରେସନର ଅଧ୍ୟକ୍ଷ ଦାୟିତ୍ୱରେ ରହିବେ। ସେହିପରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଓପି ସିଂହଙ୍କୁ କାର୍ଯ୍ୟାନିର୍ବାହୀ ଡିଜିପି ନିଯୁକ୍ତ କରାଯାଇଛି। ସୂଚନା ଅନୁଯାୟୀ, ଅକ୍ଟୋବର ୭ ତାରିଖରେ ଆଇପିଏସ ପୁରନ କୁମାର ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଥିଲେ। ସେ ସୁଇସାଇଡ ନୋଟ୍‌ରେ ପୂର୍ବତନ ଡିଜିପି ଶତ୍ରୁଜିତ କପୁରଙ୍କ ସମେତ ଅନ୍ୟ ଅଧିକାରୀଙ୍କ ବିରୋଧରେ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ। ଏହାକୁ ନେଇ ପୂରନଙ୍କ ଆଇଏଏସ ପତ୍ନୀ ଡିଜିପିଙ୍କୁ ହଟାଇବା ପାଇଁ ଦାବି କରିଥିଲେ। ବିବାଦ ବଢ଼ିବାରୁ ଅକ୍ଟୋବର ୧୪ରେ କପୁରଙ୍କୁ ୨ ମାସ ପାଇଁ ଛୁଟିରେ ପଠାଇ ଦିଆଯାଇଥିଲା। ଶନିବାର ଏହି ଅବଧି ଶେଷ ହୋଇଥିଲା। ଅନ୍ୟପଟେ ଓପି ସିଂହଙ୍କ ଡିସେମ୍ବର ୩୧ରେ ଅବସର ନେବାକୁ ଯାଉଛନ୍ତି। ଏଥିପାଇଁ ସରକାର ନୂଆ ଡିଜିପି ନିଯୁକ୍ତି କରିବାକୁ ତତ୍ପରତା ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏ ନେଇ ୫ ଅଧିକାରୀଙ୍କ ନାମ ୟୁପିଏସସି ପାଖକୁ ପଠା ଯାଇଥିଲା। ତେବେ ଶତ୍ରୁଜିତ ଏବେ ବି ପଦରେ ଅଛନ୍ତି ଏବଂ କାର୍ଯ୍ୟକାଳ ଶେଷ ହୋଇନାହିଁ କହି ୟୁପିଏସସି ଏହାକୁ ଫେରାଇ ଦେଇଥିଲା।

# ଭଗବାନଙ୍କୁ ବି ଶାନ୍ତିରେ ଶୋଇବାକୁ ଦେଉନାହାନ୍ତି

- ସୁପ୍ରିମକୋର୍ଟରେ ବାଙ୍କେ ବିହାରୀଙ୍କ ଦର୍ଶନ ମାମଲା
- ପରିଚାଳନା କମିଟିକୁ ନୋଟିସ୍
- ଟଙ୍କା ଦେଇ ସ୍ୱତନ୍ତ୍ର ପୂଜା କରାଉଛନ୍ତି ଭିଆଇପି



ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ମଥୁରାର ବାଙ୍କେ ବିହାରୀ ମନ୍ଦିରରେ ଦର୍ଶନ ଅବଧି ବଢ଼ାଇବା ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଟଙ୍କା ନେଇ ମନ୍ଦିରରେ ଭିଆଇପିଙ୍କୁ 'ସ୍ୱତନ୍ତ୍ର ପୂଜା' କରାଇବାର ବ୍ୟବସ୍ଥାକୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ସମାଲୋଚନା କରିଛନ୍ତି। କଡ଼ା ଟିପ୍ପଣୀ ଦେଇ କହିଛନ୍ତି ଯେ ଅପରାହ୍ଣରେ ମନ୍ଦିର ବନ୍ଦ କରିବା ପରେ ଭଗବାନଙ୍କୁ ବି ଶାନ୍ତିରେ ଶୋଇବାକୁ ଦିଆଯାଉ ନାହିଁ। ଭଗବାନଙ୍କୁ ଗୋଟିଏ ମିନିଟ ବି ବିଶ୍ରାମ ନେବାକୁ ଦେଉନାହାନ୍ତି। ଏହି ସମୟରେ ବେଶୀ ସମସ୍ୟା ସୃଷ୍ଟି ହେଉଛି ଏବଂ ଶୋଷଣ କରାଯାଉଛି। ବାଙ୍କେ ବିହାରୀ ମନ୍ଦିରର ଗୋସ୍ୱାମୀ ସମ୍ପ୍ରଦାୟ ପକ୍ଷରୁ ଦାଏର ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ସେପ୍ଟେମ୍ବର ୧୨ ତାରିଖରେ ହୋଇଥିବା ଉଚ୍ଚସ୍ତରୀୟ ପରିଚାଳନା କମିଟି ବୈଠକରେ ଦର୍ଶନ ସମୟ ଦୈନିକ ଅଢେଇ ଘଣ୍ଟା ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ଆବେଦନରେ ବିରୋଧ କରାଯାଇଛି।

ଶୁଣାଣି ସମୟରେ ସିଜେଆଇ କହିଥିଲେ ଯେ ଦର୍ଶନ ସମୟକୁ ବଦଳା ଯାଇପାରିବ ନାହିଁ। ଏଥିପାଇଁ ମନ୍ଦିରର ସବୁ ବିଧିବିଧାନର ସମୟ ମଧ୍ୟ ବଦଳୁଛି। ବିଶ୍ରାମ ନେବା ପାଇଁ ଭଗବାନଙ୍କ ସ୍ୱତନ୍ତ୍ର ସମୟ ରହିଛି। ଏହି ଅବଧିରେ ଦଖଲ ଦିଆଯାଇପାରିବ ନାହିଁ। ଭଗବାନ ବିଶ୍ରାମ ନେଉଥିବା ସମୟରେ ତାଙ୍କୁ ଆରାମ କରିବାକୁ ବି ଦିଆଯାଉନି। ସେହି ସମୟରେ ସାଧାରଣ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଅନୁମତି ନ ଥାଏ। ମାତ୍ର ପ୍ରଭାବଶାଳୀ ଲୋକେ ବିପୁଳ ଅର୍ଥ ଦେଇ ସ୍ୱତନ୍ତ୍ର ପୂଜା କରିପାରୁଛନ୍ତି। ସେମାନଙ୍କୁ ଏଥିପାଇଁ ଅନୁମତି ଦିଆଯାଉଛି। ମନ୍ଦିରର ଦର୍ଶନ ସମୟ ପରିବର୍ତ୍ତନ, କିଛି ପାରମ୍ପରିକ ଧାର୍ମିକ ପୂଜା ରୋକିବାକୁ ନେଇ କୋର୍ଟ ବାଙ୍କେ ବିହାରୀ ମନ୍ଦିରର ପରିଚାଳନା କମିଟିକୁ ଜବାବ ମାଗିଛନ୍ତି। ଉତ୍ତର ପ୍ରଦେଶ ସରକାରଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି। ଜାନୁଆରୀ ପ୍ରଥମ ସପ୍ତାହରେ ଏହି ମାମଲାର ଶୁଣାଣି ହେବ। ସୂଚନାଯୋଗ୍ୟ ଯେ ସୁପ୍ରିମକୋର୍ଟ ଅଗଷ୍ଟରେ ମନ୍ଦିର ପ୍ରଶାସନକୁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ପର୍ଯ୍ୟବେକ୍ଷଣରେ ରଖିଥିଲେ।

ସେବାୟତଙ୍କ ଓକିଲ କହିଥିଲେ ଯେ ପୂଜା ସମୟ ଅତ୍ୟନ୍ତ ପବିତ୍ର ହୋଇଥାଏ। ଏହାକୁ କଠୋରତାର ସହ ପାଳନ କରାଯାଉଛି। ପୂଜା ସମୟକୁ କେବଳ ପ୍ରାଶାସନିକ ପ୍ରସଙ୍ଗ ଧରାଯାଇପାରିବ ନାହିଁ। କାରଣ ଏହା ପୁରୁଣା ପରମ୍ପରା ସହ ଜଡ଼ିତ। ଏହା ଉପରେ ସିଜେଆଇ କଡ଼ା ଟିପ୍ପଣୀ ଦେଇଥିଲେ। ଭଗବାନଙ୍କ ବିଶ୍ରାମ ସମୟରେ କାହାକୁ ବି ସ୍ୱତନ୍ତ୍ର ଦର୍ଶନ ଅନୁମତି ଦେବା ଅନୁଚିତ ବୋଲି କହିଥିଲେ।

# ଆଜିଠୁ ଶ୍ରୀମନ୍ଦିରରେ ପହିଲି ଭୋଗ

## ରାତି ୨ରେ ଫିଟିବ ଦ୍ୱାର, ଭୋର ସାଢେ ୫ରେ ପହିଲି ଭୋଗ

ପୁରୀ,୧୫।୧୨(ସମିସ): ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଗତ ଶୁକ୍ରବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ପହିଲି ଭୋଗ ନୀତିକୁ ଅନୁମୋଦନ ମିଳିଛି। ପହିଲି ଭୋଗ ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ ତାରିଖରୁ ଆରମ୍ଭ ହୋଇ ଜାନୁୟାରୀ ୧୩ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ରାତ୍ର ୨ଟାରେ ଦ୍ୱାରଫିଟା, ଭିତର ଶୋଧ ୨ଟା ୩୦, ୩ଟାରେ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହେବ। ଭୋର୍ ସାଢ଼େ ୫ରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସକାଳ ୬ଟା ୩୦ରୁ ୮ଟା ସକାଳ ଧୂପ (କେବଳ କୋଠଭୋଗ), ୮ଟା ୨୦ରୁ ୧୦ଟା ଭୋଗମଣ୍ଡପ, ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟା ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ), ୭ଟା ୪୫ରୁ ୯ଟା ୩୦ ଦ୍ୱିତୀୟ ଭୋଗମଣ୍ଡପ ହୋଇ ଅନ୍ୟାନ୍ୟ ନୀତି ଚାଲିବ। ଅପରାହ୍ନ ୫ଟାରେ ସନ୍ଧ୍ୟା ଆଳତି, ୬ଟା ୩୦ରୁ ରାତି ୮ଟା ସନ୍ଧ୍ୟାଧୂପ, ୯ଟାରେ ଚନ୍ଦନଲାଗି, ୧୦ଟାରେ ବଡ଼ସିଂହାର ବେଶ, ୧୦ଟା ୩୦ ବଡ଼ସିଂହାର ଭୋଗ ଏବଂ ୧୧ଟାରେ ରାତ୍ରପହୁଡ଼ ନୀତି ସମ୍ପନ୍ନ ଲାଗି ନୀତି ନିର୍ଘଣ୍ଟ ହୋଇଛି।



# ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ପିଜି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି

ଭୁବନେଶ୍ୱର,୧୫।୧୨(ସମିସ): ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ୍ ଓ ହୋମିଓପାଥିକ୍ କଲେଜ୍‌ରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡ ବୃଦ୍ଧି ହୋଇଛି। ଆୟୁର୍ବେଦ ଓ ହୋମିଓପାଥିକ୍ ଚିକିତ୍ସା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁହେବ। ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଷ୍ଟାଇପେଣ୍ଡରେ ୫୫ ପ୍ରତିଶତ ବୃଦ୍ଧି କରାଯାଇଛି। ପୂର୍ବରୁ ସେମାନଙ୍କ ମାସିକ ଷ୍ଟାଇପେଣ୍ଡ ୩୧ ହଜାର ଟଙ୍କା ଥିବାବେଳେ, ବର୍ତ୍ତମାନ ଏହା ୪୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡରେ ୬୨ ପ୍ରତିଶତ ବୃଦ୍ଧି ସହ ଏହା ୩୨ ହଜାରରୁ ୫୨ ହଜାରକୁ ବୃଦ୍ଧି ପାଇଛି। ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ଷ୍ଟାଇପେଣ୍ଡରେ ୬୭ ପ୍ରତିଶତ ବୃଦ୍ଧି ସହ ଏହି ରାଶିର ପରିମାଣ ମାସକୁ ୩୩ ହଜାରରୁ ୫୫ ହଜାରକୁ ବୃଦ୍ଧି ପାଇଛି। ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ହାଉସ୍ ସର୍ଜନ ମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାରକୁ ବୃଦ୍ଧି କରାଯାଇଛି। ଏହା ଚଳିତ ବର୍ଷ ଅଗଷ୍ଟ ପହିଲାରୁ ଲାଗୁହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା ଓ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

**ନୂଆବର୍ଷରୁ ଲାଗୁ ହେବ ନିୟମ, ଅଗଷ୍ଟରୁ ପିଛିଲା ଭାବେ ଲାଗୁ**

# ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ଡିମାଣ୍ଡକୁ ନେଇ ବଢୁଛି ବିବାଦ

- ଡିମାଣ୍ଡ ନୋଟିସ ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍ ଦ୍ୱାରା ପରିଚାଳିତ: ଟିପିସିଓଡିଏଲ
- ସୁରକ୍ଷା ଜମା ପର୍ଯ୍ୟାପ୍ତ ଅଛିକି ନାହିଁ ପ୍ରତିବର୍ଷ ହୁଏ ସମୀକ୍ଷା, ଜମା ଅଧିକ ଥିଲେ କମ୍ପାନୀ କରିବ ଟଙ୍କା ଫେରସ୍ତ
- ସ୍ପଷ୍ଟୀକରଣ ଉପରେ ଶକ୍ତି ସମୀକ୍ଷକଙ୍କ ମତ, ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଆଦାୟ ଟାଟାର ଇଚ୍ଛାଧିନ ବ୍ୟାପାର
- ୪ ବର୍ଷ ହେଲାଣି ବଢ଼ିନି ବିଜୁଳି ଦର, କମ୍ପାନୀ କାହିଁକି କଲା ସୁରକ୍ଷା ଜମା ସମୀକ୍ଷା

ଭୁବନେଶ୍ୱର,୧୫।୧୨(ସମିସ): ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କ ନିକଟରୁ ଅତିରିକ୍ତ ସୁରକ୍ଷା ଜମା ବାବଦରେ ଅତିରିକ୍ତ ଦେୟ ଦାଖଲ ପାଇଁ ନୋଟିସକୁ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏପରିକି ୪ ବର୍ଷ ଧରି ବିଜୁଳି ଦର ବୃଦ୍ଧି କରାଯାଇ ନ ଥିବା ବେଳେ, କମ୍ପାନୀ କାହିଁକି ସୁରକ୍ଷା ଜମା ସମୀକ୍ଷା କଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅତିରିକ୍ତ ଜମାକୁ ନେଇ ଗ୍ରାହକଙ୍କ ଅସନ୍ତୋଷ ପ୍ରରିପେକ୍ଷୀରେ ସ୍ପଷ୍ଟୀକରଣ ରଖିଛି ଟିପିସିଓଡିଏଲ (ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ)। କିଛି ଉପଭୋକ୍ତାଙ୍କୁ ଜାରି କରାଯାଇଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଡିମାଣ୍ଡ ନୋଟିସ୍ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍, ୨୦୧୯ ଦ୍ୱାରା ପରିଚାଳିତ ଅଟେ। ଏହା ଏକ ବାଧ୍ୟତାମୂଳକ ବାର୍ଷିକ ବୈଧାନିକ ଅନୁପାଳନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଟାଟା ପାୱାରର ଉପରୋକ୍ତ ସ୍ପଷ୍ଟୀକରଣକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଶକ୍ତି ସମୀକ୍ଷକ। ଓଡ଼ିଶା ବିଦ୍ୟୁତ୍ ଆୟୋଗ ଜାରି କରିଥିବା ଅଧିନିୟମ ଧାରା ୫୨, ୫୩, ୫୪ ଓ ୫୫ ଅନୁସାରେ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ ହୋଇଥିବା ବେଳେ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ ନୁହେଁ। ଏହା ଟାଟାର ଇଚ୍ଛାଧିନ ବ୍ୟାପାର ବୋଲି ଶକ୍ତି ସମୀକ୍ଷକମାନେ ଦାବି କରିଛନ୍ତି।

ଟିପିସିଓଡିଏଲର ଯୁକ୍ତି ଅନୁଯାୟୀ ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୪୭ ଅନୁଯାୟୀ ସୁରକ୍ଷା ଜମା ସଂଗ୍ରହ କରିବା ବାଧ୍ୟତାମୂଳକ ଅଟେ। ଏହି ଆଇନ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ବାବଦରେ ଉପଭୋକ୍ତାଙ୍କଠାରୁ ଉପଯୁକ୍ତ ସୁରକ୍ଷା ରାଶି ଦାବି କରିବାକୁ କ୍ଷମତା ପ୍ରଦାନ କରେ। ଏହି ଆଇନକୁ ଆଧାର କରି ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍, ୨୦୧୯ର ନିୟମାବଳୀ ୫୨, ୫୩, ୫୪ ଏବଂ ୫୫ ପ୍ରଣୟନ କରିଛନ୍ତି, ଯାହା ଏହି ପ୍ରକ୍ରିୟାକୁ କଠୋର ଭାବରେ ନିୟନ୍ତ୍ରଣ କରିଥାଏ। ନିୟମାବଳୀ ୫୩ ଅନୁଯାୟୀ ଉପଭୋକ୍ତାଙ୍କ ସୁରକ୍ଷା ଜମା ପର୍ଯ୍ୟାପ୍ତ ଅଛି କି ନାହିଁ ତାହା ପ୍ରତି ବର୍ଷ ସମୀକ୍ଷା କରାଯାଏ। ଏହି ସମୀକ୍ଷା ଗତ ଆର୍ଥିକ ବର୍ଷ (୨୦୨୪-୨୫)ରେ ଉପଭୋକ୍ତାଙ୍କ ହାରାହାରି ବିଦ୍ୟୁତ୍ ବ୍ୟବହାର ଉପରେ ଆଧାରିତ। ଟିପିସିଓଡିଏଲ ଆହୁରି ମଧ୍ୟ କହିଛି ଯେ ଯଦି ଜଣେ ଉପଭୋକ୍ତାଙ୍କ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇଛି, ତେବେ ପୂର୍ବରୁ ଥିବା ସୁରକ୍ଷା ଜମା (୨ ମାସର ବିଲିଂ ପାଇଁ ଗଣନା କରାଯାଇଥିବା) କମ୍ ପଡିଥାଏ। ତେଣୁ ଉପଭୋକ୍ତାଙ୍କୁ ଏହି ପାର୍ଥକ୍ୟ ରାଶିକୁ ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଭାବରେ ପୈଠ କରିବାକୁ ପଡିଥାଏ। ଅନ୍ୟ ପକ୍ଷରେ, ଯେଉଁ ଉପଭୋକ୍ତା ମାନଙ୍କର ବିଦ୍ୟୁତ୍ ବ୍ୟବହାର ୨୦୨୪-୨୫ ଆର୍ଥିକ ବର୍ଷରେ ହ୍ରାସ ପାଇଛି ଏବଂ ଫଳସ୍ୱରୂପ ସୁରକ୍ଷା ଜମା ଅଧିକ (ଆବଶ୍ୟକ ରାଶିର ୧୦%ରୁ ଅଧିକ) ରହିଛି, ସେମାନେ ସେମାନଙ୍କ ବିଦ୍ୟୁତ୍ ବିଲରେ ଆଡଜଷ୍ଟମେଣ୍ଟ ମାଧ୍ୟମରେ ଅତିରିକ୍ତ ରାଶି ଫେରସ୍ତ ପାଇବାକୁ ଯୋଗ୍ୟ ଅଟନ୍ତି ବୋଲି କମ୍ପାନୀ ସ୍ପଷ୍ଟ କରିଛି।

ଅପରପକ୍ଷେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ଅନୁଯାୟୀ ଉପଭୋକ୍ତାଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ବାଧ୍ୟତାମୂଳକ ନୁହେଁ, ଏହା ଟାଟାର ଇଚ୍ଛାଧିନ ବ୍ୟାପାର। ଆୟୋଗଙ୍କ ଅଧିନିୟମ ଅନୁସାରେ ଯେଉଁ ବର୍ଷ ଆୟୋଗ ଟାରିଫ୍ ବୃଦ୍ଧି କରିବେ ତାର ପରବର୍ଷ ବିତରଣ କମ୍ପାନୀ ନିଜ ପାଖରେ ଗଛିତ ଥିବା ସୁରକ୍ଷା ଜମାଟଙ୍କାକୁ ସମୀକ୍ଷା କରିବ। ଏଥିପାଇଁ ଉପଭୋକ୍ତାର ପୂର୍ବବର୍ଷରେ ବ୍ୟବହାର କରିଥିବା ବିଦ୍ୟୁତ୍ ପରିମାଣର ଦୁଇ ମାସର ହାରାହାରି ବ୍ୟବହାର ନିର୍ଣ୍ଣୟ କରି ସୁରକ୍ଷା ଜମାଟଙ୍କା ହିସାବ କରନ୍ତି। ଯଦି ଅକଳିତ ସୁରକ୍ଷା ଜମା ଗଚ୍ଛିତ ଥିବା ସୁରକ୍ଷା ଜମାର ୧୦% ଠାରୁ ଅଧିକ ହୁଏ, ତେବେ ବିତରଣ କମ୍ପାନୀ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବେ। ଆୟୋଗ ଏପରି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଗତ ଚାରି ବର୍ଷ ଧରି ରାଜ୍ୟରେ ଟାରିଫ ବୃଦ୍ଧି ହୋଇନାହିଁ। ଏପରିସ୍ଥଳେ କେଉଁ କାରଣରୁ ବିତରଣ କମ୍ପାନୀ ସୁରକ୍ଷା ଜମା ସମୀକ୍ଷା କଲେ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତବର୍ଷ ବିବାଦୀୟ ଭାବେ ଟାଟା ଅଧିକ ଆଦାୟ କରିଥିବା ଅତିରିକ୍ତ ସୁରକ୍ଷା ଜମାଟଙ୍କାକୁ ନେଇ ଦାୟର ମାମଲା ଆୟୋଗଙ୍କ ବିଚାରାଧୀନ ଥିବାବେଳେ ଓ ଟାଟା ତାହାକୁ ଫେରସ୍ତ ନକରି ପୁଣି ଚଳିତ ବର୍ଷରେ ଅତିରିକ୍ତ ସୁରକ୍ଷା ଜମାଟଙ୍କା ଆଦାୟ କରିବା ପାଇଁ ନୋଟିସ ଦେବା ଓ ତାହାକୁ ଆଦାୟ କରିବା ପାଇଁ ନିଶ୍ଚିତ ପ୍ରକ୍ରିୟା ଆରମ୍ଭ କରିବା ସଂପୂର୍ଣ୍ଣ ବେଆଇନ୍ ଅଟେ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଏହା ଉପରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପଭୋକ୍ତା ମହଲରେ ଦାବି ହେଉଥିବା ସେ କହିଛନ୍ତି।

# ଓଡ଼ିଶା ପୁଲିସ୍‌ର ନୂତନ ୱେବସାଇଟ୍ ଲୋକାର୍ପଣ

କଟକ, ୧୫।୧୨(ସମିସ): ଓଡ଼ିଶା ପୁଲିସର ସେବା ଓ ପାରଦର୍ଶିତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ ନୂତନ ୱେବସାଇଟ୍ (police.odisha.gov.in)କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଆଜି ଲୋକାର୍ପଣ କରିଛନ୍ତି। ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଥିବା ଏହି ୱେବସାଇଟକୁ ଡିଜିପି ଉନ୍ମୋଚନ କରିଥିଲେ। ଆଗାମୀ ଦିନରେ ସାଧାରଣ ଲୋକଙ୍କ ନିମନ୍ତେ ଏହି ୱେବସାଇଟ୍‌ଟି ବହୁ ଉପଯୋଗୀ ହେବା ସହ ଏହା ମାଧ୍ୟମରେ ଲୋକମାନେ ପୁଲିସ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ ବୋଲି ଡିଜିପି ମତପ୍ରକାଶ କରିଛନ୍ତି। ନୂତନ ୱେବସାଇଟ୍‌ରେ ସାଧାରଣ ନାଗରିକଙ୍କ ପାଇଁ ବିଭିନ୍ନ ଅନଲାଇନ୍ ସେବା, ପୁଲିସ ସୂଚନା, ନୋଟିସ୍, ପ୍ରେସ୍ ବିଜ୍ଞପ୍ତି, ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ, ଟ୍ରାଫିକ୍ ଓ ସୁରକ୍ଷା ସଚେତନତା, ନାଗରିକ ସେବା, ଅପରାଧ ନିରୋଧକ ପଦକ୍ଷେପ, ଗୁରୁତ୍ୱପୂର୍ଣ୍ଣ ସୂଚନା, ଆଇନଗତ ବ୍ୟବସ୍ଥା ଭଳି ସୂଚନା ଉପଲବ୍ଧ ରହିଛି। ଏହି ନୂତନ ୱେବସାଇଟ୍ ଓଡ଼ିଶା ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବ। କାର୍ଯ୍ୟକ୍ରମରେ ଏସ୍‌ଏଫ୍‌ଏସଏଲ୍‌ର ନିର୍ଦ୍ଦେଶକ ଡ. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି(ପ୍ରୋଭିଜନିଙ୍ଗ) ଚରଣ ସିଂ ମିନାଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲା ଏସପି ଓ ବାଟାଲିୟନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଓଡ଼ିଆ ଓ ଇଂରାଜୀ ଭାଷାରେ ମିଳିପାରିବ ସୂଚନା**

## ଏସ୍‌ଆଇଆର ପ୍ରସଙ୍ଗରେ ସାଂସଦ ମାନସଙ୍କ ଉଦ୍‌ବେଗ

# ସଂସ୍କାର ସନ୍ଦେହ ନୁହେଁ; ଆତ୍ମବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ

- ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ସର୍ବଦା ସ୍ୱାଗତଯୋଗ୍ୟ
- ସମ୍ପ୍ରତି ଏସ୍‌ଆଇଆର କାର୍ଯ୍ୟକାରିତାକୁ ନେଇ ସାରା ଦେଶରେ ଚିନ୍ତା



ଭୁବନେଶ୍ୱର,୧୫।୧୨(ସମିସ): ଦେଶରେ ବିଭିନ୍ନ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ(ଏସ୍‌ଆଇଆର)କୁ ନେଇ ସୋମବାର ରାଜ୍ୟସଭାରେ ଉଦବେଗ ପ୍ରକାଶ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ଏକ ସ୍ୱଚ୍ଛ ଓସଠିକ୍ ଭୋଟର ତାଲିକା ଆବଶ୍ୟକତାକୁ କେହି ବିରୋଧ କରୁନାହାନ୍ତି। ମାତ୍ର ସମ୍ପ୍ରତି ଯେଉଁଭଳି ଭାବେ ଏସ୍‌ଆଇଆର୍ କାର୍ଯ୍ୟକାରୀ ହେଉଛି, ତାହା ସାରା ଦେଶରେ ଗମ୍ଭୀର ଚିନ୍ତାର କାରଣ ପାଲଟିଛି। ନିର୍ବାଚନ ସଂସ୍କାର ଦ୍ୱାରା ଆତ୍ମବିଶ୍ୱାସ ସୃଷ୍ଟି ହେବା ଉଚିତ, ସନ୍ଦେହ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ତୃଣମୂଳସ୍ତରରୁ ଆସୁଥିବା ରିପୋର୍ଟ ଅନୁସାରେ ଏସ୍‌ଆଇଆର କାର୍ଯ୍ୟନ୍ୱୟନ ବେଳେ ପ୍ରକୃତ ଭୋଟରମାନଙ୍କୁ ଏକାଧିକ ଡକ୍ୟୁମଣ୍ଟ(କାଗଜପତ୍ର) ଦାଖଲ କରିବାକୁ କୁହାଯାଇଛି। ଯାହାଫଳରେ ଗରିବ, ପ୍ରବାସୀ ଶ୍ରମିକ, ଦିନ ମଜୁରିଆ ଏବଂ ଦୁର୍ଗମ ଏବଂ ସୀମାବର୍ତ୍ତୀ ଅଞ୍ଚଳର ଲୋକମାନେ ଏହାଦ୍ୱାରା ସବୁଠାରୁ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେତେବେଳେ ଯୋଗ୍ୟ ନାଗରିକମାନେ ଭୋଟର ତାଲିକାରୁ ବାଦ ପଡ଼ିବାର ଭୟ କରନ୍ତି, ଏହା ଆଉ ସଂସ୍କାର ନୁହେଁ-ଏହା ଏକରକମ ବହିଷ୍କାର। ବର୍ତ୍ତମାନ ଚାଲିଥିବା ଏସ୍‌ଆଇଆର କାର୍ଯ୍ୟର ସମୟ ଅତ୍ୟନ୍ତ ଚିନ୍ତାଜନକ। ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ଏଭଳି ବ୍ୟାପକ ସଂଶୋଧନ ସନ୍ଦେହ ଓ ଅବିଶ୍ୱାସ ସୃଷ୍ଟି କରିଛି। ଶ୍ରୀ ମଙ୍ଗରାଜ ପୁଣି କହିଛନ୍ତି ଯେ ଏଯାବତ୍ ଏକ ମୌଳିକ ପ୍ରଶ୍ନର କୌଣସି ସ୍ପଷ୍ଟ ଉତ୍ତର ମିଳୁନାହିଁ। ଏସ୍‌ଆଇଆର କେବଳ ଏକ ଭୋଟର ତାଲିକା ସଂଶୋଧନ, ନା ଏହା ବର୍ତ୍ତମାନ ନାଗରିକତ୍ୱ ଯାଞ୍ଚର ଏକ ବିକଳ୍ପ ତାହା ବି ସ୍ପଷ୍ଟ ନୁହେଁ। ନିର୍ବାଚନ କମିଶନଙ୍କଠାରୁ ଏନେଇ କୌଣସି ସ୍ପଷ୍ଟୋକ୍ତିର ଅଭାବ ଅନାବଶ୍ୟକ ଉଦେବେଗ ସୃଷ୍ଟି କରିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ନିରବତା ଆଦୌ ଗ୍ରହଣୀୟ ନୁହେଁ। ତେଣୁ ଏ କ୍ଷେତ୍ରରେ ତେଣୁ ମୁଁ ତୁରନ୍ତ ସୁଧାରାତ୍ମକ କାର୍ଯ୍ୟାନୁଷ୍ଠାନ ଦାବି କରୁଛି। କମିଶନଙ୍କ ପକ୍ଷରୁ ଏନଇ ସ୍ପଷ୍ଟ ଏବଂ ଏକକ ନିର୍ଦ୍ଦେଶାବଳୀ ଜାରି କରାଯିବାର ଆବଶ୍ୟକତା ରହିଛି। ଏହାସହ ଡକ୍ୟୁମେଣ୍ଟେସନ ଆବଶ୍ୟକତାକୁ ସରଳ କରାଯିବା ଆବଶ୍ୟକ। ଏଥିପାଇଁ ପର୍ଯ୍ୟାପ୍ତ ସମୟ ଦିଆଯିବା ଆବଶ୍ୟକ ବୋଲି ଶ୍ରୀ ମଙ୍ଗରାଜ ପ୍ରସ୍ତାବ ଦେଇଛନ୍ତି। ଟେକ୍ନୋଲୋଜି ଭୋଟରମାନଙ୍କୁ ସାହାଯ୍ୟ କରିବା ଉଚିତ, ସେମାନଙ୍କୁ ଭୟଭୀତ କରିବା ଉଚିତ ନୁହେଁ। ପ୍ରବାସୀ ଶ୍ରମିକ, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ପ୍ରଥମ ଥର ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଶିବିର ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି। ସେହିପରି ଭ୍ରାମ୍ୟମାଣ ଦଳଗୁଡ଼ିକ(ମୋବାଇଲ ଟିମ୍) ଦୁର୍ଗମ ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ପହଞ୍ଚିବା ଆବଶ୍ୟକ । ମତଦାନ ଏକ ସାମ୍ବିଧାନିକ ଅଧିକାର। ଯେ କୌଣସି ଅପସାରଣ ବେଳେ ଉଚିତ ପ୍ରକ୍ରିୟା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଅନୁସରଣ କରିବା ଆବଶ୍ୟକ। କୌଣସି ପ୍ରକୃତ ଭୋଟର ଯେପରି ଭୁଲ ଭାବେ ବାଦ୍ ପଡୁନାହାନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଏସ୍‌ଆଇଆରପରବର୍ତ୍ତୀ ଅଡିଟ୍ ଜରୁରୀ । ଯଦି ଆମେ ପ୍ରକୃତରେ 'ଜଣେ ବ୍ୟକ୍ତି, ଗୋଟିଏ ଭୋଟ୍' ମୂଲ୍ୟବୋଧରେ ବିଶ୍ୱାସ କରୁ, ତେବେ ଗଣତନ୍ତ୍ରକୁ ମଜବୁତ କରାଯିବା ଉଚିତ, ଏହାକୁ ଦୁର୍ବଳ କରିବା ଉଚିତ ନୁହେଁ। ଏହି ଗୃହ ଏହି ସଂସ୍କାରକୁ ସମର୍ଥନ କରେ। ମାତ୍ର ଏହା ପ୍ରକୃତ ଭୋଟରଙ୍କ ମତଦାନ ଅଧିକାରରୁ ବଞ୍ଚିତକୁ କଦାପି ସମର୍ଥନ କରିବ ନାହିଁ ବୋଲି ଶ୍ରୀ ମଙ୍ଗରାଜ ସ୍ପଷ୍ଟ କରିଛନ୍ତି।

## ବିଧାୟକଙ୍କ ଦରମା ବୃଦ୍ଧି ବିଲ୍‌କୁ ନାମଞ୍ଜୁର ପାଇଁ ରାଜ୍ୟପାଳଙ୍କୁ ନିବେଦନ

# ବିଲ୍ ଫେରାଇଦେବାକୁ ଦାବିକଲା ସିପିଆଇ(ଏମ୍)

ଭୁବନେଶ୍ୱର,୧୫।୧୨(ସମିସ): ଗତ ଡିସେମ୍ବର ୯ ତାରିଖରେ ଓଡ଼ିଶା ବିଧାନସଭାରେ ବିଧାୟକ, ପୂର୍ବତନ ବିଧାୟକ ମାନଙ୍କ ପାଇଁ ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି (ସଂଶୋଧନ) ବିଲ୍ -୨୦୨୫ ପାରିତ ହୋଇଛି। ଏହି ବିଲକୁ ରାଜ୍ୟପାଳ ମଞ୍ଜୁରୀ ନଦେବା ପାଇଁ ଏବଂ ରାଜ୍ୟବାସୀଙ୍କ ସ୍ୱାର୍ଥରେ ବିଲ୍‌ଗୁଡିକୁ ଫେରାଇ ଦେବା ଦାବି କରି ସିପିଆଇ(ଏମ୍) ପକ୍ଷରୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସୋମବାର ଦଳର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟାପାଳଙ୍କୁ ସାକ୍ଷାତ କରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଷ୍ଟ୍ରପତି ଏବଂ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଓ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରିବା ପାଇଁ ଘୋଷଣା କରିଛି।

**ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ରାଜ୍ୟବ୍ୟାପୀ ପ୍ରତିବାଦ କରିବ ଦଳ**



ବର୍ତ୍ତମାନ ଓଡିଶାରେ ଭୟଙ୍କର ବେକାରୀ ସମସ୍ୟା, ଗମ୍ଭୀର ଦାଦନ ସମସ୍ୟା, କୃଷି ସଂକଟ, ଆକାଶ ଛୁଆଁ ଦରବୃଦ୍ଧି, ଋଣଭାର ବୋଝ, ସକଳ ସ୍ତରର ଶ୍ରମିକ ଏବଂ କର୍ମଚାରୀମାନେ ନ୍ୟାୟ ସଙ୍ଗତ ସର୍ବନିମ୍ନ ମଜୁରୀ ପାଉ ନଥିବା ବେଳେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ପାଇଁ ଏହିଭଳି ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି ଚରମ ଅନ୍ୟାୟ ଏବଂ ଜନ ବିରୋଧୀ ନୀତି ବୋଲି ସିପିଆଇ(ଏମ୍) କହିଛି। ସାଂସଦ ଏବଂ ବିଧାୟକମାନେ ଦେଶ ଓ ରାଜ୍ୟର ମାଲିକ ନୁହଁନ୍ତି। ଜନଗଣ ହିଁ ଦେଶ ଓ ରାଜ୍ୟର ମାଲିକ। ସଂସଦୀୟ ବ୍ୟବସ୍ଥାରେ ସାଂସଦ ଏବଂ ବିଧାନସଭାରେ ଲୋକଙ୍କ ସ୍ୱାର୍ଥ ପାଇଁ ନୀତି ପ୍ରଣୟନ କରିବା ହେଉଛି ବିଧାୟକ ଏବଂ ସାଂସଦମାନଙ୍କର ମୌଳିକ କାମ ଏବଂ ସାମ୍ବିଧାନିକ ଦାୟୀତ୍ୱ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଯେ ଓଡିଶାରେ ଜନପ୍ରତିନିଧିମାନେ ନିଜ ସ୍ୱାର୍ଥ ପାଇଁ ଶାସକ-ବିରୋଧୀ ଏକାଠି ହୋଇ ଲୁଟିବା ପାଇଁ ଆଇନ ପ୍ରଣୟନ କରୁଛନ୍ତି। ବର୍ଦ୍ଧିତ ଦରମା ଏବଂ ଭତ୍ତା ସବୁ ରାଜ୍ୟର ମାସିକ ଦରମା ଏବଂ ଭତ୍ତାକୁ ଅତିକ୍ରମ କରି ଯାଇଛି। ଏହା ଓଡ଼ିଶାବାସୀଙ୍କ ଯନ୍ତ୍ରଣା ଏବଂ ସମସ୍ୟା ପ୍ରତି କ୍ରୁର ଉପହାସ ବୋଲି ଦଳ କହିଛି। କୃଷକ ଆନ୍ଦୋଳନ ଏବଂ ଜନସାଧାରଣଙ୍କ ଚାପରେ ଜନବିରୋଧୀ ତିନୋଟି କୃଷି ଆଇନ ବାତିଲ ହୋଇଥିଲା। ବର୍ତ୍ତମାନ୍ ବିଧାୟକ ମାନଙ୍କ ଦରମା, ଭତ୍ତା ଏବଂ ପେନସନ ବୃଦ୍ଧି ସମ୍ପର୍କିତ ଜନ ବିରୋଧୀ ବିଲ୍‌ଗୁଡିକ କାହିଁକି ବାତିଲ ହୋଇପାରିବ ନାହିଁ ବୋଲି ସିପିଆଇ(ଏମ୍) ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଛି। ଏହି ପ୍ରତିନିଧି ଦଳରେ ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ଦୁଷ୍ମନ୍ତ କୁମାର ଦାସ, ପୁଷ୍ପା ଦାଶ ଏବଂ ବଦ୍ରୀ ନାରାୟଣ ଦାଶ ପ୍ରମୁଖ ସାମିଲ ହୋଇଥିଲେ।

## ଶିମିଳିପାଳ ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ନିର୍ମାଣ

# ଆଦିବାସୀଙ୍କ ଜମିରେ ରିସର୍ଟ ତିଆରି

ବାରିପଦା, ୧୫।୧୨ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନର ପରିବେଶ ସମ୍ବେଦନଶୀଳ ଅଞ୍ଚଳ (ଇକୋ-ସେନ୍ସିଟିଭ ଜୋନ୍)ରେ ବେଆଇନ ନିର୍ମାଣ। ଆଦିବାସୀଙ୍କ ଜମିରେ ତିଆରି ଚାଲିଛି ରିସର୍ଟ। ସେଠାକୁ ଉଚ୍ଚକ୍ଷମତାସଂପନ୍ନ ବିଦ୍ୟୁତ୍ ସଂଯୋଗ ବି ନିଆଯାଇଛି। ଗୋଟିଏ କି ଦୁଇଟି ନୁହେଁ, ପ୍ରତିଯୋଗିତାମୂଳକ ଭାବେ ଏକାଧିକ ରିସର୍ଟ ବେଆଇନ ଭାବେ ନିର୍ମାଣ ଚାଲିଛି।

**କାମ ବନ୍ଦ କରାଇ ତଦନ୍ତ ନିର୍ଦ୍ଦେଶ ଦେଲେ ଆର୍‌ସିସିଏଫ୍**

ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ପ୍ରବେଶ ଫାଟକ ପିଠାବଟା ରେଞ୍ଜ ଲୁଲୁଙ୍ଗ ନିକଟରେ ଦିନ ଦିପହରେ ଏହି କାର୍ଯ୍ୟ ଜାରି ରହିଥିବା ବେଳେ ଦୀର୍ଘ ଦିନ ପରେ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ଜାଣି ନପାରିବା ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ତେବେ କିଛି ଦିନ ତଳେ ଏ ବାବଦରେ ଅଭିଯୋଗ ହେବା ପରେ ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ(ଆରସିସିଏଫ୍) ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶଚାନ୍ଦ ଗୋଗିନେନୀ ସଦଳବଳେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ନିରୀହ ଆଦିବାସୀଙ୍କୁ ହାତବାରିସି କରି ସେମାନଙ୍କ ଜମିରେ ଏପରି ବେଆଇନ ନିର୍ମାଣ କରିଆସୁଥିବା ପୁଞ୍ଜିପତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବିତ୍ ମହଲରେ ଦାବି ହୋଇଛି।



୨୦୧୧ ମସିହାର ଗାଇଡଲାଇନ୍ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବାଣିଜ୍ୟ, ଖଣି ଖନନ, ପ୍ରଦୂଷଣ ସୃଷ୍ଟି କରୁଥିବା ଉଦ୍ୟୋଗ, ଜଳବିଦ୍ୟୁତ୍ ପ୍ରକଳ୍ପ, ନୂତନ ଉଚ୍ଚତା ବିଶିଷ୍ଟ ହୋଟେଲ କିମ୍ବା ରିସର୍ଟ ସ୍ଥାୟୀ ନିର୍ମାଣକୁ ନିଷେଧ କରାଯାଇଛି। ସେହିପରି ନିୟନ୍ତ୍ରିତ କାର୍ଯ୍ୟକଳାପ କ୍ଷେତ୍ରରେ ହୋଟେଲ ଏବଂ ରିସର୍ଟ ନିର୍ମାଣ, ଗଛ କାଟିବା, ବାଣିଜ୍ୟିକ ଜଳ ବ୍ୟବହାର, ରାସ୍ତା ବୃଦ୍ଧି ସହିତ ନୂତନ କଂକ୍ରିଟ ନିର୍ମାଣ, କୃଷି ପ୍ରଣାଳୀରେ ବଡ଼ ପରିବର୍ତ୍ତନ ଭଳି କାର୍ଯ୍ୟଗୁଡ଼ିକ ପାଇଁ ମନିଟରିଂ କମିଟି ବା ସମ୍ବନ୍ଧିତ ଅଧିକାରୀଙ୍କଠାରୁ ଅନୁମତିର ଆବଶ୍ୟକତା ରହିଛି। ସେହିପରି ୨୦୨୨ରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ପ୍ରତ୍ୟେକ ସଂରକ୍ଷିତ ଅଞ୍ଚଳରେ ଅତି କମ୍‌ରେ ୧ କିମି ପର୍ଯ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ରହିବ ବୋଲି ନିର୍ଦ୍ଦେଶ ରହିଛି। ମାତ୍ର ସବୁ ନିୟମକୁ ଦଳିମକଚି ଏଠାରେ ବେଧଡ଼କ ଭାବେ ରିସର୍ଟ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ ଜାରି ରହିଛି।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଏକ ଡ୍ରାଫ୍ଟ ନୋଟିଫିକେସନ୍ ୨୦୧୯ ଜାନୁଆରୀରେ ପ୍ରକାଶ ପାଇଥିଲା। ଏଥିରେ ୦-୧୦କିମି ପର୍ଯ୍ୟନ୍ତ ସମ୍ବେନଶୀଳ ଅଂଚଳ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଯାହାକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ ପରେ ଏହା ୦-୫କିମି ପର୍ଯ୍ୟନ୍ତ ସଂଶୋଧିତ ହୋଇଥିଲା। ତେବେ ଉକ୍ତ ଘଟଣାକୁ ନେଇ ଅଦ୍ୟାବଧି ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ରହିଥିବା ବେଳେ ଖଣି, ପର୍ଯ୍ୟଟନ ଏବଂ ସ୍ଥାନୀୟ ବିକାଶ ସହ ଜଡ଼ିତ ବିବାଦ ରହିଛି। ତେବେ ଅନ୍ତିମ ନୋଟିଫିକେସନ ପ୍ରକାଶ ପାଇ ନଥିବାରୁ ପ୍ରସ୍ତାବିତ ଅଞ୍ଚଳରେ ଅନିୟନ୍ତ୍ରିତ କାର୍ଯ୍ୟକଳାପକୁ ନେଇ ଅଭିଯୋଗ ଉଠିଛି। ଏହାକୁ ନେଇ ଏନ୍‌ଜିଟିରେ ଅଭିଯୋଗ ପରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଅତିରିକ୍ତ ସଚିବଙ୍କୁ ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସଂକ୍ରାନ୍ତରେ ଆରସିସିଏଫ୍ ଗୋଗିନେନୀ କହିଛନ୍ତି, ବେଆଇନ ନିର୍ମାଣକୁ ରୋକ୍ ଲଗାଇବା ପାଇଁ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯିବ। ଏପରିକି, ବିଦ୍ୟୁତ୍ ସଂଯୋଗ କରୁଥିବା ଟିପିଏନ୍‌ଓଡିଏଲ୍ ସଂସ୍ଥା ପକ୍ଷରୁ କୌଣସି ଅନୁମତି ନନେଇ ଏଭଳି କାର୍ଯ୍ୟକଳାପ ଜାରି ରହିଥିବା ସଂପୃକ୍ତ ବିଭାଗକୁ ମଧ୍ୟ ଜଣାଇ ଦିଆଯାଇଛି।

ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ-ଡିଭିଜନ୍‌ର କ୍ଷେତ୍ର ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି, ଶିମିଳିପାଳ ଜାତୀୟ ଉଦ୍ୟାନର ସମ୍ବେଦନଶୀଳ ଅଞ୍ଚଳ ନେଇ ଏକ ପ୍ରସ୍ତାବ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦିଆଯାଇଛି। କେଉଁ ଅଞ୍ଚଳ, କେତେ ଦୂର ମଧ୍ୟରେ ସମ୍ବେଦନଶୀଳ ଭାବେ ରଖାଯିବ, ତାହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପାରିଶ ହୋଇଛି। କେନ୍ଦ୍ର ଜଳବାୟୁ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଗେଜେଟ୍ ନୋଟିଫିକେସନ୍ ପ୍ରକାଶିତ ହୋଇ ନଥିବାରୁ ଆମେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହୋଇପାରୁନାହିଁ। ଜିଲ୍ଲା ପ୍ରଶାସନର ପୂର୍ଣ୍ଣମାତ୍ରାରେ ଦାୟିତ୍ୱ ରହିଥିବା ବେଳେ କମିଟି ଗଠନ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଖଣି ମାଫିଆ ଓ ପର୍ଯ୍ୟଟନ ବ୍ୟବସାୟୀ ଏହାର ଫାଇଦା ନେଉଛନ୍ତି। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ଉଚ୍ଚକ୍ଷମତା ସମ୍ପନ୍ନ ଲାଇଟ୍ ଓ ସାଉଣ୍ଡ ବ୍ୟବହାର ଯୋଗୁଁ ଭୟର ବାତାବରଣରେ ବନ୍ୟଜନ୍ତୁ ଅସୁରକ୍ଷିତ ମଣୁଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ଆଦିବାସୀ ଜମି ଲିଜ୍ ଦେବା ଭଳି କୌଣସି ନିୟମ ନାହିଁ। ଏଭଳି ଘଟଣା ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭୁବନେଶ୍ୱରରେ ହେବ 'ଗ୍ଲୋବାଲ ଭିସା ଆପ୍ଲିକେସନ୍ ସେଣ୍ଟର୍'

ଭୁବନେଶ୍ୱର,୧୫।୧୨(ସମିସ): ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ୍ ସେଣ୍ଟର୍' ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ପ୍ରସ୍ତାବିତ ଏହି ଭିସା ସେଣ୍ଟର୍ ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ ବିଲ୍‌ଡିଂରେ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ରାଜ୍ୟ ସରକାର ୩ ହଜାର ବର୍ଗଫୁଟ୍‌ର ଜାଗା ଯୋଗାଇଦେବେ। ଆନ୍ତର୍ଜାତିକ ଭିସା ପାଇଁ ପୂର୍ବରୁ ରାଜ୍ୟବାସୀଙ୍କୁ କୋଲକାତା, ଦିଲ୍ଲୀ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ ସହରକୁ ଯିବା ପାଇଁ ପଡୁଥିଲା। ଭୁବନେଶ୍ୱରରେ ଏକ ଭିସା ସେଣ୍ଟର୍ ପ୍ରତିଷ୍ଠା କରିବା ପାଇଁ ରାଜ୍ୟବାସୀ ବହୁଦିନରୁ ଦାବି କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

**ଭିସା ପାଇଁ ଆଉ କୋଲକତା, ଦିଲ୍ଲୀ, ହାଇଦ୍ରାବାଦ ଦୌଡ଼ିବାକୁ ପଡ଼ିବନି**

# ଶିକାରୀ ଗୁଳିରେ ଦନ୍ତାହାତୀ ମୃତ



ଅନୁଗୋଳ, ୧୫।୧୨ (ସମିସ): ଅନୁଗୋଳ ବନଖଣ୍ଡରେ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଛନ୍ତି। ସପ୍ତାହ ତଳେ ଶିକାରୀ ଫାଶରେ ପଡ଼ି କଳରାପତରିଆ ବାଘର ମୃତ୍ୟୁ ହୋଇଥିବା ବେଳେ ଏବେ ଶିକାରୀଙ୍କ ଗୁଳିରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ଅନୁଗୋଳ ବନଖଣ୍ଡ ପୋକୁଣ୍ଡା ସେକ୍ସନ ମାଣିକଯୋଡ଼ି ଗାଁ ବଳିଆପଶି ନିକଟରେ ଗୁଳିବିଦ୍ଧ ଦନ୍ତାର ମୃତଦେହ ଉଦ୍ଧାର ହୋଇଛି। ହାତୀଟି ବଳିଆପଶି ଅଞ୍ଚଳକୁ ଆସିଥିବା ବେଳେ ଶିକାରୀମାନେ ତାକୁ ଗୁଳି କରିଥିଲେ। ସୋମବାର ସକାଳେ ଘଟଣା ଜଣାପଡ଼ିବା ପରେ ରେଞ୍ଜର୍‌ଙ୍କ ସହ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବାଘ ପରେ ହାତୀକୁ ହତ୍ୟା ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ‘ପରବ’ନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

# ଏଥର ସ୍ୱଦେଶୀ ମେଳା, ଡ୍ରୋନ୍ ଶୋ’

କୋରାପୁଟ,୧୫ ।୧୨(ସମିସ): ଜାତୀୟ ସ୍ତରୀୟ ଲୋକ ମହୋତ୍ସବ ‘ପରବ’ ୨୦୨୫ ମୁଖ୍ୟ ଉତ୍ସବ ଆସନ୍ତା ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ସ୍ଥାନୀୟ ପରବ ପଡିଆ ଠାରେ ଆୟୋଜନ କରାଯାଉଛି । ଏଥର ପରବ ମୁଖ୍ୟ ଉତ୍ସବରେ କିଛି ନୂତନତ୍ୱ ରହିଛି । ସ୍ୱଦେଶୀ ମେଳା ସହିତ ଡ୍ରୋନ ଶୋ ଏବଂ ଲାଇଭ ଫୁଲ ପ୍ରଦର୍ଶନ କରାଯିବ ବୋଲି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସମୁଦାୟ ୫୪୩ଟି ଷ୍ଟଲ ନିର୍ମାଣ କରାଯାଇଛି । ଯେଉଁଥିରେ ପଲ୍ଲୀଶ୍ରୀ, ସ୍ୱଦେଶୀ ଏବଂ ଖାଦ୍ୟ ମେଳା ରହିଛି । କଫି ଓ ମାଣ୍ଡିଆ ପ୍ରଦର୍ଶନ କରାଯିବା ସହ ବିକ୍ରି କରାଯିବ । ବନ୍ଦେ ମାତରଂ ଗାନର ୧୫୦ ବର୍ଷ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ପରବ ମୁଖ୍ୟ ଉତ୍ସବରେ ଏକ ବିଶେଷ ଉତ୍ସବ ପାଳନ କରାଯିବ । ୩୦ ଜଣ ଅଗ୍ନିଶମ ସେବା କର୍ମଚାରୀ ୨୪ ଘଣ୍ଟିଆ ନିୟୋଜିତ ରହିବେ । ୧୪ କୋଟି ଟଙ୍କା ବୀମା କଭରେଜ ରହିଛି । ଆଦିବାସୀ ସଂଗ୍ରହାଳୟ ଠାରେ ଜନଜାତି ପୋଷ୍ଟର ଲଗାଇ ଲୋକମାନଙ୍କୁ ସଚେତନ କରାଯିବ । ୫ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାର ସ୍ଥାନୀୟ କଳାକାର ମାନଙ୍କୁ ପ୍ରାଧାନ୍ୟ ଦିଆଯିବ । ଏଥି ସହ ଜିଲ୍ଲା ତଥା ଜିଲ୍ଲା ବାହାରୁ କଳାକାର ମାନେ ସେମାନଙ୍କର କଳା ପ୍ରଦର୍ଶନ କରିବେ । ଭାରତବର୍ଷର ପ୍ରତ୍ୟେକ ରାଜ୍ୟରୁ କଳାକାର ମାନେ ଆସିବେ । ବଲିଉଡରୁ କଳାକାର ମାନେ ଆସି



ସେମାନଙ୍କର ସଙ୍ଗୀତ ପରିବେଷଣ କରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ଏଥର ୫ ଦିନିଆ ପରବ ମହୋତ୍ସବରେ ସର୍ବକାଳୀନ ରେକର୍ଡ ବ୍ୟବସାୟ ହେବ ବୋଲି ସେ ଆଶା ରଖିଛନ୍ତି । ଶାନ୍ତି ଶୃଙ୍ଖଳା ସହ ଯେପରି ପରବ ସମାପନ ହେବ ସେଥି ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି । କୋରାପୁଟର ଗର୍ବ ପରବ ମହୋତ୍ସବକୁ ଦେଖିବା ପାଇଁ ସମସ୍ତେ ଆସନ୍ତୁ ଏବଂ ଭରପୁର ମଜା ନିଅନ୍ତୁ ବୋଲି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟା କାର୍ଯ୍ୟକ୍ରମରେ ମଞ୍ଚ ପ୍ରସ୍ତୁତି ଶୃଙ୍ଖଳିତ ଭାବେ ଅୟୋଜନ କରିବାକୁ ସାମ୍ବାଦିକ ମାନେ ପ୍ରସ୍ତାବ ଦେଇଛନ୍ତି । ଏହାକୁ ଜିଲ୍ଲାପାଳ ଗୁରୁତର ସହ ନେଇ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜୟପୁର ଉପ ଜିଲ୍ଲାପାଳ ଏ ଶସ୍ୟା ରେ‡ୀ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଏବଂ କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରାଧାରାଣୀ ସରକାର ଉପସ୍ଥିତ ଥିଲେ ।

# ପାଣିରେ ବୁଡ଼ିଯାଇ ମହିଳା ମୃତ

ବୈପାରିଗୁଡ଼ା, ୧୫।୧୨(ସମିସ): ଗାଧୋଇବା ପାଇଁ ଗାଁ ନିକଟସ୍ଥ ଗାଡ଼ିଆକୁ ଯାଇ ଆଉ ଫେରିଲେନାହିଁ ମହିଳା । ପାଣିରେ ବୁଡ଼ି ମହିଳାଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି । ମୃତକ ଚାଳିସି ବର୍ଷୀୟା ମଣିମାଁ ତଲିଆ । ସୂଚନା ଅନୁଯାୟୀ, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଚେରକା ପଞ୍ଚାୟତର ଝୋଡିଗୁଡା ଗ୍ରାମର ଧନ ତଲିଆଙ୍କ ପତ୍ନୀ ମଣିମାଁ ତଲିଆ (୪୦) ପ୍ରତିଦିନ ଭଳି ଆଜି ମଧ୍ୟ ଘରର ସବୁ କାମ ସାରି ଅପରାହ୍ନ ଗୋଟାଏ ବେଳେ ଲୁଗାପଟା ସଫା କରିବା ସହ ଗାଧୋଇବା ପାଇଁ ଗାଁ ନିକଟସ୍ଥ ଗାଡ଼ିଆକୁ ଯାଇଥିଲେ । ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରକୁ ଫେରି ନଥିବାରୁ ଆଖପାଖ ପଡ଼ୋଶୀ ଘର ଲୋକଙ୍କୁ ପଚରାଉଚୁରା କରିଥିଲେ । କେଉଁଠି ନପାଇବାରୁ ଗାଡ଼ିଆ ଆଡ଼କୁ ଖୋଜିବା ପାଇଁ ବାହାରିଥିଲେ ପୁଅ ଓ ଝିଅ । ଗାଡ଼ିଆ ନିକଟରେ ଲୁଗାପଟା ଥିବାବେଳେ ମଣିମାଁଙ୍କ ଦେଖା ମିଳିନଥିଲା । ଗାଡ଼ିଆର କିଛି ଦୂରରେ ମଣିମାଁଙ୍କୁ ଭାସୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ ପୁଅ ଏବଂ ଝିଅ । ତୁରନ୍ତ ପାଣି ଭିତରୁ ବାହାର କରିଥିଲେ । କିନ୍ତୁ ସେତେବେଳେକୁ ମଣିମାଁଙ୍କ ମୃତ୍ୟୁ ହୋଇ ସାରିଥିବା ଜାଣିବାକୁ ପାଇଥିଲେ । ଏସଂପର୍କରେ ରାମଗିରି ଫାଣ୍ଡିରେ ଖବର ଦେଇଥିଲେ । ଖବର ପାଇ ରାମଗିରି ଫାଣ୍ଡି ପୁଲିସ ଏବଂ ଚେରକା ପଞ୍ଚାୟତ ସରପଞ୍ଚ ବଳରାମ ପୂଜାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ ମୃତଦେହ ଜବତ କରିବା ସହ ଶବ ଗୃହରେ ରଖିଛି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

# ଅବିଭକ୍ତ କୋରାପୁଟ ଜିଲ୍ଲା ପ୍ରତି ଅବହେଳା ପ୍ରତିବାଦରେ ଧାରଣା




କୋରାପୁଟ,୧୫।୧୨(ସମିସ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅବିଭକ୍ତ କୋରାପୁଟର ବିକାଶ ଦିଗରେ ଅବହେଳା ପ୍ରଦର୍ଶନ କରିବା ପ୍ରତିବାଦରେ ଦଣ୍ଡକାରଣ୍ୟ ବିକାଶ ମହମଞ୍ଚ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ଖଣି, ଶିଳ୍ପ ରହିଛି, ସରକାର ସେଥିରୁ ହଜାର ହଜାର କୋଟି ଟଙ୍କା ପାଉଛନ୍ତି କିନ୍ତୁ ଏହି ଅଞ୍ଚଳ ପ୍ରତି ଗୁରୁତ୍ୱ ନଦେଇ ଉପକୂଳ ଅଞ୍ଚଳର ବିକାଶ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଥିବା ମହାମଞ୍ଚର ସଦସ୍ୟ କୃଷ୍ଣ କେଶବ ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି । ଏପରିକି ଅବିଭକ୍ତ କୋରାପୁଟ ଜିଲ୍ଲାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସରକାର ଅବହେଳା ପ୍ରଦର୍ଶନ କରିବା ଅଭିଯୋଗ କରା ଯାଇଛି । ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାଣକେନ୍ଦ୍ର ଜୟପୁର ସହର ଏକ ଐତିହାସିକ ସହର, ତାର ବିକାଶ ଦିଗରେ ମଧ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ ଉଠାଇଛନ୍ତି । ଆଜି କୋରାପୁଟ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଦିଆଯାଇ ଥିବା ବେଳେ ବୁଧବାର ରାୟଗଡ଼ା, ଶୁକ୍ରବାର ମାଲକାନଗିରି ଏବଂ ଆସନ୍ତା ସୋମବାର ଦିନ ନବରଙ୍ଗପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଜଣାପଡିଛି ।

# ୫ ମିନିଟ୍ ବିଳମ୍ବରେ ଆସିବାରୁ ୩ ଶିକ୍ଷକଙ୍କ ଦରମା କଟିଲା!

- ବିନା ଦରଖାସ୍ତରେ ଛୁଟି
- ପ୍ରଧାନଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ

ନାରାୟଣପାଟଣା,୧୫।୧୨(ସମିସ): ଆଜି ନାରାୟଣପାଟଣା ବ୍ଲକ ଶିକ୍ଷା ବିଭାଗରେ ବଡ଼ ହଲଚଲ ହୋଇଛି । ଛାନିଆ ହୋଇପଡିଛନ୍ତି ଶହ ଶହ ଶିକ୍ଷକ । ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଥିବାରୁ ସକାଳୁ ପହଞ୍ଚି ଥିଲେ ବ୍ଲକ ଶିକ୍ଷା ଅଧିକାରୀ ସୁପ୍ରୀୟା ନାୟକ । ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କୁ ଲାଗି ରହିଥିବା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସ୍କୁଲରେ ପଶୁ ପଶୁ ଅବ୍ୟବସ୍ଥା ଦେଖିବାକୁ ପାଇଥିଲେ ବିଇଓ । ପ୍ରଧାନ ଶିକ୍ଷୟିତ୍ରୀ ବିନା ଦରଖାସ୍ତରେ ତିନିଦିନ ଛୁଟିରେ ରହିଥିବା ଦାୟିତ୍ୱରେ ଥିବା ଶହ ଶିକ୍ଷକ ଜଣେଇ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଛୁଟିରେ ଯାଆନ୍ତି, ବିଇଓଙ୍କ ବିନା ଆପ୍ରୁଭାଲ୍‌ରେ କିପରି ଗଲେ ବୋଲି ବିଇଓ କହିଥିଲେ । ୩୯୦ ଛାତ୍ରଛାତ୍ରୀ କାହା ଭରସା ରେ ଖାଉଛନ୍ତି, କାହା ଭରସା ରେ ପାଠ ପଢ଼ୁଛନ୍ତି ପଚାରି ବିରକ୍ତି ପ୍ରକାଶ କରିଥିଲେ । ସମୟ ନିର୍ଘଣ୍ଟ ପୂର୍ବରୁ ୫ ମିନିଟ ବିଳମ୍ବରେ ପହଞ୍ଚି ଥିବା ତିନି ଶିକ୍ଷକଙ୍କୁ ଗୋଟିଏ ଦିନର ଦରମା ବନ୍ଦ କରିବାର କଡ଼ା ନିର୍ଦ୍ଦେଶନାମା ଜାରି କରିବା ସହ ହାତ ର ଧରେଇ ଦେଇଥିଲେ ନିର୍ଦ୍ଦେଶ ଚିଠି । ପରେ ଅପରାହ୍ନରେ ବିଇଓଙ୍କ ତିନିଜଣ ଶିକ୍ଷକ ଶିକ୍ଷୟିତ୍ରୀ ବିଇଓଙ୍କ ନିକଟକୁ ଯାଇ କ୍ଷମା ପ୍ରାର୍ଥନା କରିଥିଲେ । ଭୁଲ ମାଗିଥିଲେ । କିନ୍ତୁ ସେ କୌଣସି କଥା ଶୁଣିନଥିଲେ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କଦାପି ଖେଳିବାକୁ ଦିଆଯିବ ନାହିଁ ବୋଲି କହିଥିଲେ ବ୍ଲକ ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ । ଆଜି ଶିକ୍ଷା ବିଭାଗରେ ଏକ ପ୍ରକାର ହଲଚଲ ସୃଷ୍ଟି ହେବା ସହ ଭୟ ବାତାବରଣ ସୃଷ୍ଟି ହୋଇଛି । ଆଗାମି ଦିନରେ ସବୁ ବିଦ୍ୟାଳୟରେ ଏପରି ଚଢ଼ଉ କରାଯିବ ବୋଲି କହିଛନ୍ତି ସୁପ୍ରିୟା ନାୟକ । ନାରାୟଣପାଟଣା ବ୍ଲକରେ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡ଼ିଥିବା ବେଳେ ଶିକ୍ଷକ ମାନେ ଶିକ୍ଷା ଦାନ ନ କରି ରାଜନୀତି ,ଠିକାଦାର କାମରେ ବ୍ୟସ୍ତ ରହୁଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା । ଆଜିର ଘଟଣା ବ୍ଲକ ଶିକ୍ଷା ବିଭାଗରେ ଚହଳ ସୃଷ୍ଟି ହୋଇଛି ।

# ଟ୍ରକ୍ ଧକ୍କାରେ ବାଇକ ଚାଳକ ମୃତ

ବନ୍ଧୁଗାଁ, ୧୫।୧୨ (ସମିସ): ବନ୍ଧୁଗାଁ ବ୍ଲକ ନିଲାବାଡି ପଞ୍ଚାୟତ ସବଡମ (ଗବ୍ରାଗୁଡା) ନିକଟରେ ତଶୁ ବୋଝେଇ ଟ୍ରକ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଚାଳକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ଆହତ ହେବାରୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ସୂଚନା ଅନୁଯାୟୀ ମୃତ ବ୍ୟକ୍ତି ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ପଞ୍ଚାୟତ ଗୋକୁଲମୁଣ୍ଡା ଗ୍ରାମର ରାଜୁ ଦରା ଓ ଗୁରୁତର ଆହତ ଲକ୍ଷ୍ମୀପୁର ବ୍ଲକ ଡୁମୁରିପୁଟ ଗ୍ରାମର ଅର୍ଜୁନ ମାଛେଲି । ସମ୍ପର୍କୀୟଙ୍କ ଶୁଦ୍ଧି କ୍ରିୟା ଥିବାରୁ ଆଜି ଦୁଇ ଜଣ ବାଇକ୍ ଚଲାଇ ବନ୍ଧୁଗାଁ ବ୍ଲକ ବଡସରପଲ୍ଲୀ ପଞ୍ଚାୟତ ଏସାଡ଼ା ଗ୍ରାମକୁ ଆସି ସମ୍ପର୍କୀୟଙ୍କୁ ଖବର ଦେଇ ଫେରି ଯାଉଥିଲେ । ଦୁଇ ଜଣ ବାଇକ୍ ଆରୋହୀ ନିଜ ଘରକୁ ଫେରୁଥିବା ବେଳେ ନିଲାବାଡି ପଞ୍ଚାୟତ ସବଡମ (ଗବ୍ରାଗୁଡା) ଗ୍ରାମ ନିକଟର ମୁଖ୍ୟ ରାସ୍ତାରେ ଏକ ତସୁ ବଝେଇ ଟ୍ରକ ବିପରୀତ ଦିଗରୁ ଆସୁ ଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ପରେ ପାଖରେ ଆମ୍ବୁଲାନ୍ସ ନ ଥିବାରୁ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ଆହତଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣା ଯାଇଥିଲା । ଆଜି ପର୍ଯ୍ୟନ୍ତ ସାନସରପଲ୍ଲୀ ଗ୍ରାମର ମୁଖ୍ୟ ରାସ୍ତାରୁ ରାୟଗଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତାରେ ପିଚୁ ହୋଇ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ନିରୀହ ଲୋକଙ୍କ ଜୀବନ ଚାଲି ଯାଉଛି ।

## ■ ଝିଟିପିଟି ପଡ଼ିଥିବା ଖାଦ୍ୟଖାଇ ଛାତ୍ରୀ ଅସୁସ୍ଥ ଘଟଣା

# ପ୍ରଧାନ ଶିକ୍ଷକ ନିଲମ୍ବିତ

ବନ୍ଧୁଗାଁ,୧୫।୧୨(ସମିସ): ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ବାଉଁଶପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଝିଟିପିଟି ପଡ଼ିଥିବା ଭାତଖାଇ ଛାତ୍ରୀ ମାନେ ଅସୁସ୍ଥ ହେବା ଘଟଣାରେ ପ୍ରଧାନ ଶିକ୍ଷକ ସଦାନନ୍ଦ ହାଲାଓ୍ୱାଙ୍କୁ ନିଲମ୍ବନ କରା ଯାଇଛି । ସୂଚନାଯୋଗ୍ୟ ଶୁକ୍ରବାର ରାତିରେ ସମସ୍ତେ ଖାଇ ସାରିବା ପରେ ବଳକା ଭାତ ରଖା ଯାଇଥିଲା । ପରଦିନ ସକାଳ ପ୍ରାୟ ଆଠ ଘଣ୍ଟା ସମୟରେ ସମସ୍ତ ପିଲାଙ୍କୁ ତାହା ପରସା ଯାଇଥିଲା । ସେହି ଖାଦ୍ୟକୁ ସମସ୍ତ ଛାତ୍ରୀ ଖାଉ ଥିବା ବେଳେ ଜଣେ ଛାତ୍ରୀଙ୍କ ଥାଳିରୁ ଝିଟିପିଟି ମୁଣ୍ଡ ଓ ହାଡ଼, ଆଉ ଜଣେ ଛାତ୍ରୀଙ୍କ ଥାଳିରୁ ଲାଞ୍ଜ ବାହାରି ଥିଲା । ଦୁଇ ଛାତ୍ରୀ ସଙ୍ଗେ ସଙ୍ଗେ ନିଜ ଭାତ ନେଇ ଡ୍ରେନରେ ଫୋପାଡି ଦେଇଥିଲେ । ଭାତରେ ଝିଟି ପିଟି ପଡ଼ିଥିବା ଖବର ୱାର୍ଡେନ୍ ଲିଲି ମହାନ୍ତି ଜାଣିବା ପରେ ପ୍ରଧାନ ଶିକ୍ଷକ ସଦାନନ୍ଦ ହାଲୱାଙ୍କୁ ଅବଗତ କରିଥିଲେ । ପ୍ରଧାନ ଶିକ୍ଷକ ହାଲୱା ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିବାରୁ ସଙ୍ଗେ ସଙ୍ଗେ ମେଡିକାଲ ଟିମକୁ ଛାତ୍ରୀ ମାନେ ଅସୁସ୍ଥ ଥିବା ଜଣାଇ ଆମ୍ବୁଲାନ୍ସ ଡକାଇ ଥିଲେ । ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡା. ନିହାର ରଞ୍ଜନ ଷଡଙ୍ଗୀଙ୍କ ସହିତ ଏକ ଟିମ ହଷ୍ଟେଲରେ ପହଞ୍ଚି ପିଲାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଆବଶ୍ୟକ ଚିକିତ୍ସା କରିଥିଲେ । ଅନ୍ୟ ପକ୍ଷରେ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରି ଦାୟିତ୍ୱରେ ଅବହେଳା କରିଥିବା କାରଣରୁ ପ୍ରଧାନ ଶିକ୍ଷକ ସଦାନନ୍ଦ ହାଲୱାଙ୍କୁ ନିଲମ୍ବନ କରିଥିଲେ । ନିଲମ୍ବନ ସମୟରେ ସେ ବନ୍ଧୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ସେ କାର୍ଯ୍ୟାଳୟ ନଛାଡିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି ।

# ସଂକୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଆମ୍ବଦଳା,୧୫।୧୨(ସମିସ ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ଆଜି ସଂକୁଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଆମ୍ବଦାଳା, ମୁନିଗୁଡା, ବିଷମ କଟକ, ଚାଟିକଣା, ଦୁର୍ଗୀ ଓ ଥେରୁବାଲିର ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତଯୋଗୀତାରେ ଭାଗ ନେଇଥିଲେ । ସମସ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଓ ପ୍ରଧାନ ଆଚାର୍ଯ୍ୟ ମାନେ ଯୋଗ ଦେଇଥିଲେ । ଆଜି ଏହି ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଦସ୍ୟ ଗୌରାଙ୍ଗ ଚରଣ ପାଲଟା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଉପସଭାପତି ଜି ମୁରଲୀ ମୋହନ, ପରିଚାଳନା କମିଟିର କେ ମନ୍ମଥ ରାଓ, କେ ଶିବ ପ୍ରସାଦ ରାଓ, ସାମନ୍ତ ମହାବିଦ୍ୟାଳୟର ସଭାପତି ତଥା ବରିଷ୍ଠ ବିଜେପି ନେତା ରମେଶ ଚନ୍ଦ୍ର ସାମନ୍ତ, ଇନ୍ଦ୍ରାଗାନ୍ଧୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ତରୁଣ ରାଉତରାୟ , ପରିଚାଳନା କମିଟି ସଦସ୍ୟ କେ ଚିରଞ୍ଜିବି, ସଂକୁଳ ସଂଯୋଜକ ଉମାକାନ୍ତ ବେରଦଳାଇ, ପ୍ରଧାନ ଆଚାର୍ଯ୍ୟ ସୁବାଷ କୁମାର ଲେଙ୍କା, ସଂକୁଳ କ୍ରୀଡା ପ୍ରମୁଖ ସନ୍ତୋଷ ଷଡ଼ଙ୍ଗୀ ଯୋଗ ଦେଇ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ମଞ୍ଚ ପରିଚାଳନା ସୁଶାନ୍ତ କୁମାର କଳତା କରିଥିଲେ ।

# ସାଂସଦୀୟ ଖେଳ ମହୋତ୍ସବ ଉଦ୍‌ଘାଟିତ

ରାଇଘର,୧୫।୧୨ (ସମିସ): ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ରାଇଘର ପଞ୍ଚାୟତ ଅଧୀନରେ ଥିବା ଖୁଟୁଗାଁ ଠାରେ ଆଜି ସାଂସଦୀୟ ମହୋତ୍ସବ ଉଦ୍‌ଘାଟନ ହୋଇଯାଇଛି । ସାଂସଦ ପ୍ରତିନିଧି ପ୍ରୀତିସିଗ୍ଧା ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ମହୋତ୍ସବକୁ ଶୁଭାରମ୍ଭ କରିଥିଲେ । ପରେ ସାଂସଦ ପ୍ରତିନିଧି କ୍ରୀଡା ପତାକା ଉତ୍ତୋଳନ କରିଥିଲେ । ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ବିଜୟକୁମାର ସେଠି. ସୁଦର୍ଶ ମାଝୀ. ଯତୀନ୍ଦ୍ର ନାଥ ଗଣ୍ଡ ରାଇଘର ସରପଞ୍ଚ ଲମ୍ବୁଧାର ମାଝୀ ଯୋଗ ଦେଇଥିଲେ । ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ମାନେ ମଞ୍ଚାସୀନ ରହିଥିଲେ । ଏହି ଖେଳ ମହୋତ୍ସବ ୫ ଦିନ ଧରି ଚାଲିବାକୁ ଥିବା ବେଳେ ଏଥିରେ ଫୁଟବଲ, ଭଲିବଲ, ବ୍ୟାଡ଼ମିଣ୍ଟନ, କବାଡି, ଲମ୍ବାଡିଆଁ, ଉଚ୍ଚାଡିଆଁ, ଦୌଡ, କ୍ରିକେଟ, ଖୋକୋ ଭଳି ବିଭିନ୍ନ ଖେଳ ସାମିଲ ରହିଥିବା ସୂଚନା ମିଳିଛି । ଏହି ଖେଳ ମହୋତ୍ସବରେ ରାଇଘର ବ୍ଲକର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଭାଗ ନେଇଥିବା ବେଳେ କଲେଜ ଓ ବିଦ୍ୟାଳୟ ଗୁଡିକର ଖେଳ ଶିକ୍ଷକ,ଅଧ୍ୟାପକ ଓ ସହ ଶିକ୍ଷକମାନେ ଉପସ୍ଥିତ ରହିଥିଲେ ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ନାରାୟଣପାଟଣା,୧୫।୧୨(ସମିସ): ଆଜି ନାରାୟଣପାଟଣା ବ୍ଲକ ସଭା ଗୃହରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ସଭାପତିତ୍ୱରେ ଅଭିଯୋଗ ଶୁଣାଣି ଆୟୋଜନ ହୋଇଥିଲା । ଆୟୋଜିତ ଅଭିଯୋଗ ଶୁଣାଣିରେ କୋରାପୁଟ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ସିଡିଓ ବେଣୁଧର ଶବର, ସିଡିଏମ୍ ଓ ରବିନାରାୟଣ ମିଶ୍ର, ପ୍ରୋବେସନାରୀ ପ୍ରଶାସକ ସନ୍ତୋଷ ପାତ୍ର, ଡିଏଫ୍ଓ କେଭି ଭାସ୍କର ରାଓ, ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ କୁମାର ଦୋରା, ତହସିଲଦାର ପ୍ରଭାତୀ ଝଡିଆ ପ୍ରମୁଖଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା । ଯେଉଁଥିରେ ବ୍ୟକ୍ତିଗତ ୧୪ଟି ଓ ଗୋଷ୍ଠୀଗତ ୩୦ ଗୋଟି ଅଭିଯୋଗ ଶୁଣାଣି କରିଥିଲେ । ଜିଲ୍ଲାର ସମସ୍ତ ବିଭାଗର ବରିଷ୍ଠ ଅଧିକାରୀ ଅଭିଯୋଗ ଶୁଣାଣିରେ ସାମିଲ ହୋଇଥିଲେ । ନାରାୟଣପାଟଣା ବ୍ଲକ୍‌ରେ ତିଆରି ହେବାକୁ ଥିବା ୧୨ କୋଟି ବ୍ୟୟରେ ନୁତନ ମେଡିକାଲ ବିଳମ୍ବ ଯୋଗୁଁ ଜନସାଧାରଣ ହଇରାଣ ହେଉଥିବାରୁ ଯଥାଶୀଘ୍ର ଟେଣ୍ଡର ପ୍ରକ୍ରିୟା ସାରି କାମ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ ସମାଜସେବୀ ସୁରେନ୍ଦ୍ର ମହାନ୍ତି । ଏଥିସହ ଡିଗ୍ରୀ କଲେଜ ନିର୍ମାଣ, ବସ୍‌ସେବା, ନୂଆ ରେଲଲାଇନ୍‌ର ବ୍ୟବସ୍ଥାକୁ ଦୋହରାଇଛନ୍ତି । ମଙ୍ଗଳପୁର ଗାଁକୁ ବିଜୁଳି ସଂଯୋଗ କରିବାରୁ ପ୍ରତିଥର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବି କରିଆସୁଥିଲେ ସୁଦ୍ଧା କୌଣସି ସମାଧାନ ହେଉନଥିବା ଅଭିଯୋଗ କରିଥିଲେ ଗ୍ରାମବାସୀ । ତେନ୍ତୁଳାପଦରରୁ ଟାଙ୍ଗଣିପଦର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ରାସ୍ତା ନଷ୍ଟ ହୋଇଯାଇଥିବା ବେଳେ ପୁନଃ ଟେଣ୍ଡର କରି ନୂଆ ରାସ୍ତା ତିଆରି କରାଇବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ । ଦୁର୍ଗମ ଅପହଞ୍ଚ ଅଞ୍ଚଳର ଗାଁ ମାନଙ୍କରେ ଆଜିସୁଦ୍ଧା ବିଜୁଳି ସଂଯୋଗ ହୋଇନଥିବା ସରପଞ୍ଚ ସୁରେନ୍ଦ୍ର ପାଙ୍ଗି ଅଭିଯୋଗ କରିଥିଲେ । ତଳଗୁମାଣ୍ଡି ପଞ୍ଚାୟତରେ ମୋବାଇଲ ଟାୱାର କାମ କରୁନଥିବାରୁ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ବଡପିଲକୁରରେ ନୂତନ ଅଙ୍ଗନବାଡି ଘର ଜଗନ୍ନାଥ ନଗରକୁ ରାସ୍ତା , ଅର୍ଲିକୋଟା ଗାଁକୁ ପକ୍କା ରାସ୍ତା ପରି ବହୁ ସମସ୍ୟା ଗ୍ରାମବାସୀ ଅଭିଯୋଗ ଶୁଣାଣିରେ ଗୁହାରି କରି ସମାଧାନ ପାଇଁ ଅନୁରୋଧ କରିଥିଲେ । ପରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ପରବ ପାଇଁ ବିଭିନ୍ନ ବିଭାଗର କୃତି କର୍ମଚାରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ । ପରେ କିଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚେକ୍ ପ୍ରଦାନ କରିବା ସହ ଦିବ୍ୟାଙ୍ଗଙ୍କୁ ସାଇକେଲ ପ୍ରଦାନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ଡିପିଓ ମନୋଜ ବେହେରାଙ୍କ ତତ୍ତ୍ୱାବଧାନରେରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।

# ‘ପରବ’ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ



କୋରାପୁଟ,୧୫।୧୨(ସମିସ): ଆସନ୍ତା ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ କୋରାପୁଟ ସ୍ଥିତ ରଙ୍ଗବାଲିକୁମ୍ଭା ଠାରେ ଜାତୀୟସ୍ତରୀୟ ମହୋତ୍ସବ ପରବ ଅନୁଷ୍ଠିତ ହେବ । ଏହି ଅବସରରେରେ କୋରାପୁଟ ପୂଜାରୀପୁଟ ଷ୍ଟାଡିୟମ ଠାରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ପ୍ରଶାସନ, ପୁଲିସ, କୋରାପୁଟ ସାମ୍ବାଦିକ, ଓକିଲ ସଙ୍ଘ, ଶିକ୍ଷକ ସଂଘ, ଅମଲା ସଂଘ, ଡାକ୍ତର ସଂଘ ଏବଂ କୋବ୍ରା ଆଦି ୮ଟି ଟିମ ଭାଗ ନେଇଥିଲେ । ଜିଲ୍ଲା ପ୍ରଶାସନ ଟିମ ରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ପୁଲିସ ଟିମରେ ରୋହିତ ବର୍ମା କ୍ରିକେଟ ଖେଳିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ । ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । କର୍ମମୟ ଜୀବନ ଭିତରେ ସାଙ୍ଗ ହେଇ ଖେଳିବା କଷ୍ଟକର । ଏଇ ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଏହି ମ୍ୟାଚ ସମସ୍ତଙ୍କ ଭିତରେ ସୁସମ୍ପର୍କ ସ୍ଥାପନ କରିବା ପାଇଁ ଏହି ମ୍ୟାଚର ଆୟୋଜନ କରାଯାଇଥିଲା ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଜ୍ଞାନଜିତ୍ ତ୍ରିପାଠି କହିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଏହି ଭଳି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିବାରୁ ଜିଲ୍ଲା ପ୍ରଶାସନଙ୍କୁ ପ୍ରଶଂସା କରାଯାଇଛି ।

### ‘ଚଇତି’ ବ୍ୟାଡ୍‌ମିଣ୍ଟନ ଓ କବାଡି ପ୍ରତିଯୋଗିତା ଉଦ୍‌ଯାପିତ

# କବାଡ଼ିରେ ଗାନ୍ଧୀ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍

ଗୁଣପୁର,୧୫।୧୨(ସମିସ): ଗୁଣପୁର ଉପଖଣ୍ଡସ୍ତରୀୟ ‘ଚଇତି’ କବାଡି ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ମଙ୍ଗଳବାର ଦିନ ସ୍ଥାନୀୟ ବ୍ଲକ ଅଫିସ ପଛପଟ ପଡିଆରେ ଅନୁଷ୍ଠିତ କବାଡି ପ୍ରତିଯୋଗିତାର ବରିଷ୍ଠ ପୁରୁଷ ବିଭାଗରେ ଗୁଣପୁର ଗାନ୍ଧୀ ବିଶ୍ୱ ବିଦ୍ୟାଳୟ ଦଳ ଚାମ୍ପିଅନ ହୋଇଥିବା ବେଳେ ଗୁଣପୁର କଲେଜ ଦଳ ରନର୍ସ ହୋଇଛନ୍ତି । ସେହିପରି କନିଷ୍ଠ ପୁରୁଷ ବର୍ଗରେ ଜଗନ୍ନାଥ ପବ୍ଲିକ ସ୍କୁଲ ଦଳ ଚାମ୍ପିଅନ ହୋଇଥିବା ବେଳେ ବିକ୍ରମପୁର ହାଇସ୍କୁଲ ଦଳ ରନର୍ସ ହୋଇଛନ୍ତି । ପୂର୍ବରୁ ମହିଳା ବିଭାଗରେ ଗୁଣପୁର ଉଚ୍ଚ ବାଳିକା ବିଦ୍ୟାଳୟ ଚାମ୍ପିୟାନ ହୋଇଥିବା ବେଳେ ଡ଼ମ୍ବସରା ଉଚ୍ଚ ବାଳିକା ବିଦ୍ୟାଳୟ ରନର୍ସ ହୋଇଥିଲେ । ଅପର ପକ୍ଷରେ ସୋମବାର ଦିନ ରାତିରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବ୍ୟାଡମିଣ୍ଟ ଫାଇନାଲ ପ୍ରତିଯୋଗିତାର ବରିଷ୍ଠ ପୁରୁଷ ବିଭାଗରେ ଅଂଶୁମାନ ପଟ୍ଟନାୟକ ଓ କେ ମନୋଜ କୁମାର ଯୋଡି ଚାମ୍ପିଅନ୍ ହୋଇଥିବା ବେଳେ ଅମୀୟ ପ୍ରସାଦ ଚୌଧୁରୀ ଏବଂ ଶିବ ପ୍ରସାଦ ଶ୍ରୀ ରାମ ରନର୍ସ ହୋଇଥିଲେ । ମହିଳା ବିଭାଗରେ ଏ ସୌଖିୟା ଓ ଦେବୀଶ୍ରୀ ପାତ୍ର ଯୋଡ଼ି ଚାମ୍ପିୟାନ ହୋଇଥିବା ବେଳେ ନିବେଦିତା ଦଳ ବେହେରା ଓ ସୁମଧୟନ ଗମାଙ୍ଗ ରନର୍ସ ହୋଇଛନ୍ତି । ସେହିପରି କନିଷ୍ଠ ପୁରୁଷ ବିଭାଗରେ ସାଇଶ୍ରୀ ଶତପଥି ଓ ଏନ ନିର୍ମିତ ଯୋଡି ଚାମ୍ପିୟାନ ହୋଇଥିବା ବେଳେ ସଂଗମ ଦାଶ ଓ ଶୁଭମ ଦାଶ ରନର୍ସ ହୋଇଛନ୍ତି । ମହିଳା ବିଭାଗରେ ଆଦର୍ଶ ବିଦ୍ୟାଳୟର ଏ ସୌଖିୟା ଓ ଅନୁଶୀୟନ କାର୍ଜି ଯୋଡ଼ି ଚାମ୍ପିୟାନ ହୋଇଥିବା ବେଳେ ଭାରସିଂ ଉଚ୍ଚ ବିଦ୍ୟାଳୟର ଶ୍ରଦ୍ଧାଞ୍ଜଳି



ଶବର ଓ ଅସନି ଶବର ରନର୍ସ ହୋଇଛନ୍ତି । ଏହି ଅ?ସରରେ ଇଡ଼ତାଲ ଚଇତି କମିଟିର ଅଧକ୍ଷ ତଥା ଉପ ଜିଲ୍ଲାପାଳ ଅଭିଷେକ ଦିଲ୍ଲୀପ ଦୁଧାଲ, ଚଇତି କ୍ରୀଡ଼ା କମିଟି ଅଧକ୍ଷ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱାସ୍ତିକ ଜମାଦାର , ଏଚଡ଼ିଏଫସି ବ୍ୟାଙ୍କ ପରିଚାଳକ ଦିଲ୍ଲୀପ କୁମାର ପଣ୍ଡା, କ୍ରୀଡ଼ା କମିଟି ସଦସ୍ୟ ବରିଷ୍ଠ ସାମ୍ବାଦିକ ତ୍ରିନାଥ ଖାଡ଼ଙ୍ଗା, ବ୍ଲକ ମଙ୍ଗଳ ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡ଼ା କମିଟିର ସଦସ୍ୟ ସପନ ଦାଶ, ରବୀନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱ?ାବୋଧନ ରେ ଆୟୋଜିତ ପ୍ରତିଯୋଗିତାରେ ବ୍ୟାଡ ମିଣ୍ଟନ ଫାଇନାଲ ମ୍ୟାଚ ଗୁଡିକରେ କ୍ରୀଡ଼ାବିତ ସିଦ୍ଧାର୍ଥ ଖାଡ଼ଙ୍ଗା ରେଫେରି ଦାୟିତ୍ୱ ତୁଲାଉଥିଲେ । ସେହିପରି ପ୍ରତିଯୋଗିତା ଗୁଡିକୁ ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀ ନମିତା ରଥ, ଅଲିଭା ଜ୍ୟୋତି ଦେ, ନନ୍ଦିନୀ ପଣ୍ଡା, ଜୟକୃଷ୍ଣ ପାତ୍ର, ଶଙ୍କର୍ଷଣ ମହାନ୍ତି, ଗଣେଶ ମହାପାତ୍ର, ରମାକାନ୍ତ ମିଶ୍ର, କୈଳାଶ ପାଣିଗ୍ରାହୀ, ଦିଲ୍ଲୀପ ପଣ୍ଡା, ମନୋଜ କୁମାର ତୁଳ , ଗୌତମ ମୁଦୁଲି, ଶୁସାନ୍ତ କୁମାର ବିଷୋୟୀ, ରାମ ଶଙ୍କର ପାଳ, ଶିଶୁ ସାଗର ପ୍ରଧାନ, ନାରାୟଣ ପ୍ରସାଦ ପାଳ, ଉମାକାନ୍ତ ଶବର, ହରେକୃଷ୍ଣ ଗୌଡ଼, କମଳାକାନ୍ତ ଖୁଣ୍ଟିଆ, ପଞ୍ଚାନନ ଶତପଥି ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳାର ସହ ପରିଚାଳନା କରିବାରେ ସଫଳ ହୋଇଥିଲେ ।

## ନଦୀ ପାର ପାଇଁ ହନ୍ତସନ୍ତ କନ୍ଦାଯୋଡି ଗ୍ରାମବାସୀ

# ଚିନ୍ତା ବଢ଼ାଉଛି ଭଙ୍ଗା ଡଙ୍ଗା



କୁନ୍ଦୁରା,୧୫।୧୨(ସମିସ): ଆଜି ପର୍ଯ୍ୟନ୍ତ ନଦୀ ଉପରେ ପୋଲ ନିର୍ମାଣ ହୋଇପାରିଲା ନାହିଁ। ଲୋକଙ୍କ ଯାତାୟାତ ପାଇଁ ଡଙ୍ଗା ଏକମାତ୍ର ଭରସା। ସେ ଡ଼ଙ୍ଗା ମଧ୍ୟ ଏବେ ଭଙ୍ଗା ଅବସ୍ଥାରେ। ଯାହାକି ନଦୀ ପାର ହେବା ପାଇଁ କାନ୍ଦୁଛନ୍ତି କନ୍ଦାଯୋଡି ଗ୍ରାମବାସୀ। ଏହାକୁ ନେଇ ବଢିଛି ଅସନ୍ତୋଷ। ଏଭଳି ଘଟଣା କୁନ୍ଦୁରା ବ୍ଲକ କେରିମିଟି ପଞ୍ଚାୟତ କୋଲାବ ନଦୀ କନ୍ଦାଯୋଡି ଘାଟରେ ଦେଖିବାକୁ ମିଳିଛି । ତିନି ସପ୍ତାହ ହେଲା ଚାଲୁ ନାହିଁ ଡଙ୍ଗା। ନଦୀ ଆରପଟେ ଥିବା କସରା ଖଡ଼କ ଓ କନ୍ଦାଯୋଡ଼ି ଗାଁ ଲୋକେଙ୍କ ଚିନ୍ତା ବଢିଯାଇଛି । ସେମାନେ ଅଧିକ ୧୦ କି.ମି ରାସ୍ତା ବୁଲି ନଦୀ ପାର ହୋଇ ବ୍ଲକ,ପଞ୍ଚାୟତ ସଦର ଓ ହାଟ ବଜାରକୁ ଯାତାୟତ କରୁଛନ୍ତି। ସେହିଭଳି ଶିକ୍ଷକ,ଅଙ୍ଗନବାଡି କର୍ମୀ ଏବଂ ଅନ୍ୟ କର୍ମଚାରୀ ମଧ୍ୟ ବୁଲିକି ଯାତାୟତ କରୁଛନ୍ତି। ସରକାରୀ କର୍ମୀ ହୁଅନ୍ତୁ କିମ୍ବା ସାଧାରଣ ଲୋକ ସମସ୍ତେ ହନ୍ତସନ୍ତ ହେଉଛନ୍ତି । ଗତବର୍ଷ ନଭେମ୍ବରରେ ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା ନୂତନ ଡଙ୍ଗା ଓ ସ୍ଥାନୀୟ ବିଧାୟକ ରୁପୁ ଭତ୍ର ଏହି ଡ଼ଙ୍ଗା ଉଦଘାଟନ କରିଥିଲେ। କିନ୍ତୁ ରକ୍ଷଣାବେକ୍ଷଣ ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ବର୍ଷେ ଗଲାନି, ଅଚଳ ହୋଇଯାଇଛି । ଏ ନେଇ ଡଙ୍ଗା ପ୍ରଦାନକାରୀ ସଂସ୍ଥା ସହ ଯୋଗାଯୋଗ କରିବାରେ ଡଙ୍ଗାର ଅବଧି ଅତି କମ୍‌ରେ ପାଞ୍ଚବର୍ଷ ରହିଛି । ଏହା ପୂର୍ବରୁ ମରାମତି ହେବା କଥା ନୁହେଁ । ଏଠାରେ ଡଙ୍ଗା ଚଳାଇବା ପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତି ନାହାନ୍ତି । ନଦୀ ମଝିରେ କିଛି ବଡ଼ ବଡ଼ ପଥର ରହିଛି । ନେବା ଆଣିବା ବେଳେ ସେଠାରେ ଧକ୍କା ହୋଇ ତଳ ପାଖର୍ରେ ଫାଟି ଯାଇଛି । ପ୍ରଶାସନ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ପରିଚାଳନା ଦାୟିତ୍ୱ ଦିଆଗଲେ ଏ ଭଳି ସମସ୍ୟା ହେବ ନାହିଁ। ଭଙ୍ଗା ଡଙ୍ଗା ଯୋଗୁଁ ପାଣି ଭରିଯାଉଛି । ପୁଣି ପାଣିରୁ ବାହାର କରି ଶୁଖା ଯାଇଛି । ସମ୍ପୂର୍ଣ୍ଣ ଶୁଖିବା ପରେ ଚଳିତ ସପ୍ତାହରେ ମରାମତି କରାଯିବ। ପିଇଓ ରବିନ୍ଦ୍ର ପୂଜାରୀ କହିଛନ୍ତି ଡଙ୍ଗା ଚଳାଇବାକୁ ସେହି ଗାଁର ଜଣେ ଚାଳକଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଯେହେତୁ ଗୋଟିଏ ଗାଁ ଲୋକ ହିଁ ଯାତାୟତ କରନ୍ତି, ତେଣୁ ଅନ୍ୟ ଘାଟ ଭଳି ପଇସା ଦିଅନ୍ତି ନାହିଁ। ଜଣେ ବ୍ୟକ୍ତି ସେଠାରେ ଦିନସାରା ନିୟୋଜିତ ରହିଲେ ତାର ଦିନକ ମଜୁରୀ ପାଇ ପାରେ ନାହିଁ । ଘର ପିଛା ପଇସା ଆଦାୟ କରି ବର୍ଷକୁ ଥରେ ପଞ୍ଚାୟତରେ ନିଲାମ ପୈଠ କରନ୍ତି। ଏହି କାରଣରୁ ଗାଁର ପ୍ରାୟ ୩୦ ପରିବାର ପାଳି କରି ଚଳାଇ ଆସୁଛନ୍ତି। ଅତିଶୀଘ୍ର ମରାମତି କରାଯିବାକୁ ପଦକ୍ଷେପ ନିଆଯିବ ଓ ଚଳିତ ସପ୍ତାହରେ ଚଳାଚଳ ସ୍ୱାଭାବିକ ହେବ ବୋଲି କୁହାଯାଉଛି।

## ପୋଲ ନିର୍ମାଣ ପାଇଁ ଯାନବାହନ ଚଳାଚଳ କଟକଣା

ପୋଡ଼ାଗଡ଼,୧୫।୧୨(ସମିସ): କୋରାପୁଟ-ରାୟଗଡ଼ା ସଂଯୋଗ ୩୨୬ନଂ ଜାତୀୟ ରାଜପଥ ବଙ୍ଗଳାଗୁଡା ନିକଟରେ ପୋଲ ନିର୍ମାଣ କାର୍ଯ୍ୟ ଚାଲି ଥିବାରୁ ଡିସେମ୍ବର ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ରାସ୍ତାରେ ଗାଡି ମଟର ଚଳାଚଳକୁ ଜିଲ୍ଲା ପ୍ରଶାସନ ରୋକ ଲଗାଇଥିବା ଦେଖାଦେଇଛି। ଏହା ସକାଳ ୯ ଘଣ୍ଟାରୁ ଅପରାହ୍ନ ୫ ଘଣ୍ଟା ପର୍ଯ୍ୟନ୍ତ ୧୦ ଦିନଧରି ଚାଲୁ ରହିବ। କିନ୍ତୁ ଆସନ୍ତା ୧୮ ତାରିଖରୁ ଆଦିବାସୀ ମହୋତ୍ସବ ପରବ ହେଉଥିବାରୁ ସମୟରେ କିଛି ପରିବର୍ତ୍ତନ କରିଥିବା ସୂଚନା ମିଳିଛି। ଆଜି ପୂର୍ବାହ୍ନରେ ଜିଲ୍ଲାପାଳ କୋରାପୁଟ ଓ ଆରକ୍ଷୀ ଅଧୀକ୍ଷକ ନିର୍ମାଣ ଧୀନ ପୋଲକୁ ଯାଇ ତଦାରଖ କରିଥିବା ଦେଖାଦେଇଛି। ଆଜି ନାରାୟଣ ପାଟଣା ଠାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରକୁ ଯାଇ ଫେରୁଥିବା ସମୟରେ ଉକ୍ତ ପୋଲର ତଦାରଖ କରିଥିଲେ। ଅତି ଶୀଘ୍ର କାମ ସରିବା ପାଇଁ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିବା ଦେଖା ଦେଇଛି।

## ପିକ୍‌ଅପ୍-ଅଟୋ ଧକ୍କାରେ ଜଣକ ଗୋଡ଼ କଟିଲା

କାକିରିଗୁମା,୧୫।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ବସ୍ତରବନ୍ଧ ନିକଟରେ ସୋମବାର ଅପରାହ୍ନରେ ଏକ ଅଟୋ ରିକ୍ସା ଏବଂ ମେକ୍ସ ପିକ୍‌ଅପ୍ ଭ୍ୟାନ ମଧ୍ୟରେ ଧକ୍କା ହେବାରୁ ଜଣଙ୍କ ବାମ ଗୋଡ଼ କଟି ଯାଇଛି। ସୂଚନା ଅନୁଯାୟୀ ଡୁନୁପାର ପଞ୍ଚାୟତ ସରଗିଗୁଡା ଗ୍ରାମର ସିଙ୍ଗ ମୁଦୁଲି କାକିରିଗୁମା ସାପ୍ତାହିକ ହାଟରୁ ଘରକୁ ଫେରୁଥିବା ବେଳେ ବସ୍ତରବନ୍ଧ ଛକ




ନିକଟରେ ବିପରୀତ ଦିଗରୁ ଆସୁଥିବା ମେକ୍ସି ପିକ୍‌ଅପ୍ ସହିତ ଧକ୍କା ହୋଇଥିଲା। ସିଂଙ୍ଗର ବାମ ଗୋଡ଼ କଟିଗଲା। ଅଟୋରେ ଥିବା ଅନ୍ୟ ଯାତ୍ରୀ ଉଦ୍ଧାର କରି କାକିରିଗୁମା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସାପରେ କୋରାପୁଟ ବଡ଼ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ। ତେବେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ମଧ୍ୟ ଆମ୍ବୁଲାନ୍ସ ମିଳିନଥିଲା। ଗ୍ରାମବାସୀଙ୍କ ସହଯୋଗରେ ଏକ ଘରୋଇ ଗାଡ଼ିରେ କୋରାପୁଟ ନେଇ ଥିଲେ। ସୂଚନା ପାଇ ଦଶମନ୍ତପୁର ଥାନା ଅଧକାରୀ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି ଦୁଇଟି ଗାଡ଼ି ଜବତ କରି କାକିରିଗୁମା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସିଙ୍ଗ ମୁଦୁଲିକୁ ସ୍ୱାସ୍ଥ୍ୟ କଥା ପଚାରି ଥିଲେ।

## ସେମିଳିଗୁଡ଼ା ଜାତୀୟ ରାଜପଥ ଉନ୍ନତିକରଣ ପାଇଁ ଶୁଭ



ସେମିଳିଗୁଡା, ୧୫।୧୨(ସମିସ): ସେମିଳିଗୁଡ଼ା ଜାତୀୟ ରାଜପଥ ଉନ୍ନତୀକରଣ ପାଇଁ କୋରାପୁଟ ବିଧାୟକ ରଘୁ ରାମ ମାଛ ସୋମବାର ଶୁଭ ଦେଇଥିଲେ। ବହୁତ୍ ଦିନ ବିଳମ୍ବ ପରେ ରାସ୍ତା କାମ ଚାଲିବା ପାଇଁ ସବୁଜ ସାଙ୍କେତ ଆସିବା ପରେ କାମ ଆରମ୍ଭ ହେବାକୁ ଯାଉଚି ବୋଲି ବିଧାୟକ ରଘୁ ରାମ ମାଛ ସୂଚନା ଦେଇଥିଲେ। ଜାତୀୟ ରାଜପଥ ଉନ୍ନତୀକରଣ ନିମନ୍ତେ ମଞ୍ଜୁର ହେଇଥିବା ପାଣ୍ଠି ଫେରିଥିବା ବେଳେ ପୁଣି ମଞ୍ଜୁରୀ କରି କାମ ଆରମ୍ଭ କରୁଛୁ, ଆଉ କାମ ଠିକ୍ ସମୟରେ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେମିଳିଗୁଡାବାସୀଙ୍କ ସ୍ୱପ୍ନ ପୂରଣ ହେବା ଆଶା କରୁଛି ବୋଲି ବିଧାୟକ ମାଛ କହିଥିଲେ। କାର୍ଯ୍ୟକ୍ରମରେ ବିଜେପି ନେତା ସୁମନ୍ତ ପ୍ରଧାନ,ଜୟରାମ ଗରଡ଼ା,ଦେବେନ୍ଦ୍ର ମହାନ୍ତି, ଜିଲ୍ଲା ଆଇଟି ସେଲର ବଦ୍ରି ନାରାୟଣ ପାତ୍ର, ଅଶ୍ୱନୀ କୁମାର୍ ଜେନା, ସୁନାବେଡ଼ା ନଗର ସଭାପତି ଟୁନା କରା, ଗୋବିନ୍ଦ କଣ୍ଡା ଯୁବ ମୋର୍ଚ୍ଚା ସଭାପତି ଉମା ଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯୋଗ୍ୟ, ଜିଲ୍ଲାର ସେମିଳିଗୁଡାରେ ସହରରେ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଇ ଦାମନଯୋଡ଼ ଛକଠାରୁ ଓ ସିସିନଗର ପର୍ଯ୍ୟନ୍ତ ଡବଲ୍ ରୋଡ ନିର୍ମାଣ କରି ଡିଭାଇଡର ଦେଇ ରାସ୍ତା ଉନ୍ନତି କରିବା ପାଇଁ ୫ କୋଟି ଟଙ୍କା ଅର୍ଥ ମଞ୍ଜୁର ହେଇଛି। ସେଥିପାଇଁ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଥିବା ଗଛ କରାଯାଇଛି। ସେହିପରି ସୁନାବେଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନୂଆ ପାଣି ପାଇପ୍ ସଂଯୋଗ ଓ ପୌର ପରିଷଦ ଓ ଜାତୀୟ ରାଜପଥ ଦ୍ୱାରା ଡ୍ରେନ ନିର୍ମାଣ କାମ ଆରମ୍ଭ କରିଥିଲେ। ଡ୍ରେନ ନିର୍ମାଣ ପାଇଁ ରାସ୍ତା ଖୋଳି ଦିଆଗଲା। କିନ୍ତୁ ମାସ ମାସ ଧରି କାମ ଶେଷ ହୋଇ ନଥିବାରୁ ଲୋକେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବିପଜ୍ଜନକ ଅବସ୍ଥାରେ ଖାଲଖମା ଅତିକ୍ରମକରିବା ପାଇଁ ପଡୁଥିଲା। ଗତ ତିନି ବର୍ଷ ହେଲା ଉନ୍ନତିକରଣ କାମ ପଡ଼ି ରହିଛି। କୋରାପୁଟ ବିଧାୟକ ରଘୁରାମ ମାଛ ଓ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର ଓ ସହରବାସୀ ବାରମ୍ବାର ଅଭିଯୋଗ କରିବା ପରେ ଜିଲ୍ଲା ପ୍ରଶାସନ ପକ୍ଷର ଉନ୍ନତିକରଣ କାମ ଆରମ୍ଭକରିବାକୁ ବିଭାଗ ଅଧିକାରୀମାନେ ଆଦେଶ ଜାରି କରିଛନ୍ତି। ଉନ୍ନତିକରଣ ପାଇଁ ଅଧାରେ ଅଟକି ଥିବା ଡ୍ରେନ୍ ନିର୍ମାଣ କାର୍ଯ୍ୟ ଶେଷ କରିବା, ପୁରୁଣା ବିଦ୍ୟୁତ୍ ପୋଲ ଉଠାଇବା ସହ ରାସ୍ତାର ମଝି ଭାଗରୁ ୩୬ ଫୁଟ/ ୩୬ ଫୁଟ ଉଭୟ ପାଶ୍ୱରୁ ୭୨ ଫୁଟ ଜବରଦଖଲ ହଟାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ଓ ଦୁଇ ଲେନ୍ ବିଶିଷ୍ଟ ହେବ ସହରର ରାସ୍ତା। ରାସ୍ତାକଡ଼ରୁ ହଟିବେ ପରିବା ଦୋକାନୀ ଓ ସେମିଳିଗୁଡ଼ା ସହରର ଟ୍ରାଫିକ୍ ସମସ୍ୟା ଏଡ଼ାଇବା ପାଇଁ ଏପରି ଯୋଜନା କରିଛି ପ୍ରଶାସନ।

## ୧୭ରୁ ଧାନ ମଣ୍ଡି, ଚାଷୀଙ୍କୁ ମିଳିନି ଟୋକନ୍

ଉମରକୋଟ,୧୫।୧୨(ସମିସ): ବୁଧବାର ଅର୍ଥାତ ୧୭ ତାରିଖରେ ଆରମ୍ଭ ହେବ ଧାନ ମଣ୍ଡି । କିନ୍ତୁ ଟୋକେନ ବର୍ତ୍ତମାନ ସୁଦ୍ଧା ଆସି ନଥିବାରୁ ଧାନ କିପରି ବିକ୍ରି କରିବେ ସେଥିନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ପ୍ରଶାସନର ନିଷ୍ପତି ଅନୁଯାୟୀ ଚଳିତ ୧୭ ତାରିଖ ଦିନ ଉମରକୋଟ ଠାରେ ଧାନ ମଣ୍ଡି ଆରମ୍ଭ ହେବ। ସୂଚନା ଅନୁଯାୟୀ, ଉମରକୋଟ ବ୍ଲକରେ ଲ୍ୟାମ୍ପ୍‌ସ ଓ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ମଣ୍ଡିରୁ ଧାନ କିଣିବା ପାଇଁ ସରକାରଙ୍କ ଠାରୁ ଅନୁମତି ପାଇଛନ୍ତି। ଉମରକୋଟ ଲ୍ୟାମ୍ପ୍‌ସରେ ୧୬୭୦ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଛନ୍ତି। ସେହିଭଳି ୫ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଅଧୀନରେ ଚାଷୀ ପଞ୍ଜିକରଣ କରିଛନ୍ତି। ସେହିଭଳି ମଣ୍ଡିରୁ ଧାନ କିଣିବା ପାଇଁ ଜିଲ୍ଲାର ମିଲର ମାନେ ପ୍ରଶାସନ ନିକଟରେ ଏଗ୍ରିମେଣ୍ଟ କରିଥାନ୍ତି । କିନ୍ତୁ ଗୋଟିଏ ଦିନ ପରେ ଅର୍ଥାତ ବୁଧବାର ମଣ୍ଡି ଖୋଲୁ ଥିବା ବେଳେ ଆଜି ସୁଦ୍ଧା କୌଣସି ମିଲର ଏଗ୍ରିମେଣ୍ଟ କରିନାହାନ୍ତି ବୋଲି ସୂଚନା ମିଳିଛି। ଅପର ପକ୍ଷରେ ଗତ ବର୍ଷର ଚାଉଳ ମିଲରଙ୍କ ଠାରୁ ସରକାର ନେଇନାହାନ୍ତି। ମିଲରେ ଚାଉଳ ମିଲିଂ କରି ରଖିଛନ୍ତି । କିନ୍ତୁ ମିଲରମାନଙ୍କ ଚାଉଳ ରଖିବା ପାଇଁ ଜିଲାରେ କୌଣସି ଗୋଦାମ ଖାଲି ନାହିଁ। ଫଳରେ ମିଲ ମାଲିକ ମାନେ ଏଗ୍ରିମେଣ୍ଟ କରିପାରୁ ନାହାଁନ୍ତି। ମିଲର ଏଗ୍ରିମେଣ୍ଟ କରି ନଥିବା ଯୋଗୁଁ ଚାଷୀ ମାନଙ୍କ ଟୋକେନ ଆସି ନ ଥିବା ଅନୁମାନ କରାଯାଉଛି। ଅପର ପକ୍ଷରେ ପଡୋଶୀ ଛତିଶଗଡ ରାଜ୍ୟରେ ଧାନ ମଣ୍ଡି ଖୋଲି ଯାଇଥିବା ବେଳେ ଉମରକୋଟ ଅଞ୍ଚଳର ଧାନ ପଡୋଶୀ ରାଜ୍ୟକୁ ଯାଇଥିବା ଅନୁମାନ କରାଯାଉଛି। ଅନ୍ୟପଟେ ଏବେ ରବି ଋତୁ ପାଇଁ ଚାଷୀ ପ୍ରସ୍ତୁତ ହେଉଛନ୍ତି । ସାରର ଅଭାବକୁ ଦେଖି ରବି ଋତୁ ଚାଷ ପାଇଁ ଚାଷୀ ଏବେଠାରୁ ସାର କିଣିବାକୁ ମନ ବଳାଉଥିଲେ ମଧ୍ୟ ଚାଷୀଙ୍କ ନିକଟରେ ଟଙ୍କା ନାହିଁ । ମଣ୍ଡିରୁ ଟଙ୍କା ଆସିଲେ ଚାଷୀ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଘଟଣାକୁ ନେଇ ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶୀଷ ମହାନ୍ତିଙ୍କୁ ଯୋଗଯୋଗ ପାଇଁ ଫୋନ କରିଥିଲେ ମଧ୍ୟ ସେ ଫୋନ ଗ୍ରହଣ କରି ନଥିଲେ। ପ୍ରଶାସନ ଏଦିଗରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

● ଧାନଖଳାରେ ନିଆଁ

## ପୋଡ଼ି ପାଉଁଶ ହୋଇଗଲା ବର୍ଷକର ଫସଲ



ପୋଡ଼ାଗଡ଼,୧୫।୧୨(ସମିସ): ବର୍ଷକର ଫସଲ ହେଲା ପାଉଁଶ। ଅଚାନକ ଦିନ ଦ୍ୱିପହର ବେଳେ ଧାନଖଳାରେ ନିଆଁ ଲାଗିଗଲା । ପାଡିଗଲା ବର୍ଷକର ଫସଲ। କେମିତି ପରିବାରର ପ୍ରତିପୋଷଣ କରିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି ଚାଷୀମାନେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧିନସ୍ଥ କଲାଟି ଗୁଡ଼ା ଗାଁରେ। ଚାଷୀ ମାନେ କ୍ଷେତରୁ ଫସଲ ସଂଗ୍ରହ କରି ଖଳାରେ ଅମଳ ପାଇଁ ଗଦା କରି ରଖିଥିଲେ। ଆଉ ଗୋଟିଏ କି ଦୁଇ ଦିନ ମଧ୍ୟରେ ଅମଳ କରି ଘରେ ନେଇ ରଖିଥାନ୍ତେ। ହେଲେ ଆଜି ନିଆଁ ଲାଗି ପଡ଼ି ଯାଇଥିବା ଦୁଃଖର ସହ ପ୍ରକାଶ କରିଛନ୍ତି। ସୂଚନା ରୁ ଜଣାପଡିଛି ଯେ, ବର୍ଷ ସାରା ପରିଶ୍ରମ କରି କ୍ଷେତରେ ଖଟି ଚାଷ କରିଥିଲେ। ଖାଇବା ସମୟରେ ନଷ୍ଟ ହୋଇଗଲା ଚାଷ। ଗାଁ ନିକଟସ୍ଥ ଖଳାରେ ୧୦ ପରିବାରର ଧାନ ମାଣ୍ଡିଆ, ନିଆଁରେ ପୋଡ଼ି ନଷ୍ଟ ହୋଇଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ପାଖାପାଖି ୫୦ ଏକର ଜମିରେ ଚାଷ ହୋଇ ଥିବା ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ଏଥିରେ ଅଗ୍ନିଶମ ବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଯେଉ ମାନଙ୍କର ଫସଲ ନଷ୍ଟ ହଇଛି ସେମନେହେଲେ ପରମା ମୁଦୁଲି ୪ କ୍ୱିଣ୍ଟାଲ ମାଣ୍ଡିଆ ମେଟା ର ୪ କ୍ୱିଣ୍ଟାଲ ଧାନ ସଦାବନ୍ଧୁର ୫ କ୍ୱିଣ୍ଟାଲ ହାଡୁର ୧୦କୁ ଧାନ ୩ କ୍ୱିଣ୍ଟାଲ ମାଣ୍ଡିଆ ଏହିପରି ୧୦ରୁ ଅଧିକ ଚାଷୀର ଫସଲ ନଷ୍ଟ ଯାଇଥିବା ଦେଖା ଦେଇଛି। ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀକୁଳ ଆକୁଳ ନିବେଦନ କରିଛନ୍ତି।

## କବି ରମାକାନ୍ତ ରଥଙ୍କ ଜୟନ୍ତୀରେ ଆଲୋଚନାଚକ୍ର




କୋରାପୁଟ,୧୫।୧୨(ସମିସ): କୋରାପୁଟ ସାହିତ୍ୟ ପରିବାର ଆନୁକୂଲ୍ୟରେ ଓଡ଼ିଶାର ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ଜନ୍ମଦିନରେ ଏକ ରାଜ୍ୟ ସ୍ତରୀୟ ସାହିତ୍ୟ ସଭା "ସ୍ମରଣୀୟ ରମାକାନ୍ତ' କାର୍ଯ୍ୟକ୍ରମ କୋରାପୁଟ ରାମକୃଷ୍ଣ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହେଇଯାଇଛି। ସମଗ୍ର ଭାରତୀୟ ସାହିତ୍ୟ ତଥା ଓଡ଼ିଆ ସାହିତ୍ୟକୁ ରମାକାନ୍ତ ରଥଙ୍କ ଅବଦାନ ଅତୁଳନୀୟ। କବିତା, ଗଳ୍ପ ଓ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟକୁ ବିଶେଷ କରି ଓଡ଼ିଆ କବିତାକୁ ବିଶ୍ୱ ସାହିତ୍ୟର ସମକକ୍ଷ କରି ପାରିଥିଲେ। ସ୍ମରଣୀୟ ରମାକାନ୍ତ କାର୍ଯ୍ୟକ୍ରମରେ ଗାଳ୍ପିକ ତଥା ସମାଲୋଚକ ନାରାୟଣ ପଣ୍ଡା ସଭାପତିତ୍ୱ କରିଥିଲାବେଳେ ଓଡ଼ିଶାର ବିଶିଷ୍ଟ କଥାକାର ରବି ପଣ୍ଡା ମୁଖ୍ୟ ଅତିଥି ଓ ରବି ସ୍ୱାଇଁ ମୁଖ୍ୟ ଏବଂ ଡ.ଅମୂଲ୍ୟ ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କବି ରମାକାନ୍ତ ରଥଙ୍କ କିଛି ସ୍ମରଣୀୟ କବିତା ପାଠ କରିଥିଲେ ଡ. କମଳ ମାହୁନ୍ତ, ଡ. ଲୋପାମୁଦ୍ରା ସ୍ୱାଇଁ, ଡ. ଦେବୀପ୍ରସାଦ ଭଦ୍ର , ନାରାୟଣ ପଣ୍ଡା, ରବି ପଣ୍ଡା, ଡ. ବିଜୟ କୁମାର ନନ୍ଦ, ଡ. ପ୍ରୀତିଧାରା ସାମଲ, ପ୍ରଶାନ୍ତ ସ୍ୱାଇଁ, ରମେଶ ସାହୁ, ଜଳଧର ସ୍ୱାଇଁ , ଚିନ୍ମୟ କୁମାର ବେହେରା ପ୍ରମୁଖ। କାର୍ଯ୍ୟକ୍ରମକୁ କୋରାପୁଟ ସାହିତ୍ୟ ପରିବାରର ଉପସଭାପତି ରବି ଶତପଥୀ ପରିଚାଳନା କରିଥିବା ବେଳେ ଉପସ୍ଥିତ ସାହିତ୍ୟିକ କବିଙ୍କ କୃତି ଆଲୋଚନା କରିଥିଲେ। ଏହି ସଭାରେ ଡ.ଜଗବନ୍ଧୁ ସାମଲ , ଧିରବ୍ରତ ପାତ୍ର , ଅକ୍ଷୟ ଭଦ୍ର ,ପଦ୍ମା ଶାସ୍ତ୍ରୀ, ବିଜୟ ପ୍ରଧାନ, ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଡ.ପ୍ରୀତିଧାରା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

■ କୋରାପୁଟ ଇଣ୍ଟରନେଟ୍ ଭରସାରେ ଥିଲେ ମାଲକାନଗିରିବାସୀ

## ଦୁମୁରିଗୁଡା ଗାଁରେ ଜମୁଥିଲା ଗହଳି



ବୈପାରୀଗୁଡ଼ା,୧୫।୧୨(ସମିସ): ବୈପାରୀଗୁଡା ବ୍ଲକ ଦୁମୁରିଗୁଡା ଗାଁରେ ଜମୁଥିଲା ମାଲକାନଗିରିବାସୀଙ୍କ ଗହଳି । କାରଣ ମାଲକାନଗିରି ଜିଲ୍ଲାରେ ପ୍ରଶାସନ ପକ୍ଷରୁ ଇଣ୍ଟରନେଟ କଟକଣା ଲାଗିରହିଥିଲା। ଇଣ୍ଟରନେଟ୍ ନଥିବା ଯୋଗୁଁ ହନ୍ତସନ୍ତ ହେଉଥିଲେ ଜିଲ୍ଲାବାସୀ। ଏଥିଲାଗି ଇଣ୍ଟରନେଟ ପାଇଁ ମାଲକାନଗିରି ଜିଲ୍ଲାର ଗବିନ୍ଦପାଲି, ଖଇରପୁଟ, ମାଥିଲି ଅଞ୍ଚଳର ଲୋକେ କୋରାପୁଟ ସୀମାନ୍ତ ତଥା ବୈପାରୀଗୁଡା ବ୍ଲକର ଦୁମୁରିଗୁଡା ଗାଁ ଉପରେ ନିର୍ଭର ଥିଲେ। ସେଠାରେ କୋରାପୁଟ ଇଣ୍ଟରନେଟ ଉପଲବ୍ଧ ଥିଲା। ବିଶେଷକରି ସରକାରୀ କର୍ମଚାରୀଙ୍କ ଗହଳି ଅଧିକ ରହୁଥିଲା। ସେଠାରେ ସୁବିଧାରେ ଅଫିସ ଅନ୍‌ଲାଇନ କାମ କରୁଥିଲେ। କିନ୍ତୁ ଧୀରେ ଧୀରେ ସୁଧୁରୁଛି ମାଲକାନଗିରି ସ୍ଥିତି। ପରିସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ଆଜି ଦିନ ୧୨ଟା ଯାଏ ଇଣ୍ଟରନେଟ ଉପରେ ଲାଗିଥିଲା କଟକଣା। ସ୍ଥିତି ସୁଧୁରିଥିବାରୁ କଟକଣା ଉଠିଛି। ୭ ଦିନ ପରେ ଇଣ୍ଟରନେଟ ଆସିଛି। ମାଲକାନଗିରି ବାସୀଙ୍କୁ ପାଇଁ ଆଶ୍ୱସ୍ତି ମିଳିଛି । ଏଣୁ ଜିଲ୍ଲା ପ୍ରଶାସନକୁ ଲୋକେ ଧନ୍ୟବାଦ ଜଣାଇଛନ୍ତି।

## ସାଂସଦ କ୍ରୀଡା ମହୋତ୍ସବ



ପାପଡାହାଣ୍ଡି,୧୫।୧୨(ସମିସ): ଜଟାବାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ତିନିଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ବ୍ଲକ ସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜିର ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁ, ଦାମୋଦର ପ୍ରଧାନ, ହରି ପାଣିଗ୍ରାହୀ, ଜିପିଓ ଅକ୍ଷୟ ପଟ୍ଟନାୟକ, ଜଟାବାଲ ପିଇଓ ନରସିଂ ଭତରା, ବ୍ଲକର ସମସ୍ତ ପିଇଓ, ଛାତ୍ରଛାତ୍ରୀ ଏବଂ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରତିଯୋଗୀଙ୍କୁ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ୧୦୦ ମିଟର ଦୌଡ଼, ଫୁଟବଲ, ଭଲିବଲ, କ୍ରିକେଟ, କବାଡି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, କ୍ରିକେଟ୍‌ରେ ପାପଡାହାଣ୍ଡି, ଭଲିବଲରେ ନୂଆକୋଟ, ଫୁଟବଲରେ ଜଟାବାଲ, କବାଡିରେ ନୂଆକୋଟ ଦଳ ଚମ୍ପିଅନ ହୋଇଛି। ଏହି କ୍ରୀଡାକୁ କ୍ରୀଡା ଶିକ୍ଷକ ଯାଉଲ ହୁସେନ, ଦିଲୀପ ଭଞ୍ଜ, ମଞ୍ଜୁଶ୍ରୀ କର, ପ୍ରଣତି ପଟ୍ଟନାୟକ, ମିନତୀ ନାୟକ, ପ୍ରିୟରଞ୍ଜନ ପ୍ରଧାନ, ସୁରେଶ ଦାସ, ପ୍ରମୋଦ କରକୋରା, ରଜତ ପ୍ରଧାନ, ସ୍ୱାଗତ ମୁଣ୍ଡ, ଚେତାବଳୀ ସାହା, ଗୋପୀନାଥ ବିଶୋଇ ପ୍ରମୁଖ ପରିଚାଳନା କରିଥିଲେ।

## 'ମଣ୍ଡେଇ' ମଞ୍ଚରେ ରାଜନୀତି !

# ବିଜେଡି ବିଧାୟକଙ୍କୁ ଅଣଦେଖା ଅଭିଯୋଗ



ନବରଙ୍ଗପୁର,୧୫।୧୨(ସମିସ): ନବରଙ୍ଗପୁରର ଲୋକ ମହୋତ୍ସବ 'ମଣ୍ଡେଇ'ର ତୃତୀୟ ଦିବସରେ ମଣ୍ଡେଇ ମଞ୍ଚ ପାଲଟିଲା ରାଜନୈତିକ ମଞ୍ଚ । ବିଜେଡିର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ନିମନ୍ତ୍ରଣ କରାଯାଇ ନଥିବାରୁ ଜିଲ୍ଲାପାଳଙ୍କ ଉପରେ ବିଗିଡ଼ିଥିଲେ। ସୂଚନା ପ୍ରକାରେ, ଲୋକ ମହୋତ୍ସବ ମଣ୍ଡେଇ ୩ୟ ଦିନ ସନ୍ଧ୍ୟାରେ ଯେତେବେଳେ ସଭାକାର୍ଯ୍ୟ ଚାଲିଥିଲା, ସେତେବେଳେ ଡାବୁଗାଁ ବିଧାୟକ ଶ୍ରୀ ରନ୍ଧାରିଙ୍କୁ କହିବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ସେହି ସମୟରେ ଜିଲ୍ଲାରେ ୨୦୦ ଗାଁକୁ ରାସ୍ତା । ମଣ୍ଡି ବିଳମ୍ବ ହେଉଛି, ତାକୁ ଠିକ୍ ସମୟ ମଧ୍ୟରେ କରାଯାଉ, ମେଗା ପାନୀୟଜଳ ପ୍ରକଳ୍ପ ଅସଂପୂର୍ଣ୍ଣ। ଅନ୍ୱେଷା ହଷ୍ଟେଲ ବନ୍ଦ, ପେସା ଆଇନ ଲାଗୁ, ରେଳ ପହଞ୍ଚିପାରିଲା ନାହିଁ। ଜିଲ୍ଲାରେ ଉଡ଼ା ଜାହାଜ କେବେ ଚାଲିବ ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ଜିଲ୍ଲାରେ ଗୋଟିଏ ମେଡିକାଲ କଲେଜ୍ ପ୍ରତିଷ୍ଠା, ଗାଁରେ ନଳକୂଅ ଖନନ ପ୍ରଭୃତି ଦାବି ସେ ଉପସ୍ଥାପନ କରିଥିଲେ। ବିଜେପିକୁ ସମାଲୋଚନା ନୁହେଁ, " ମଞ୍ଚସ୍ଥ ଅତିଥି ମନ୍ତ୍ରୀଙ୍କ ଦ୍ୱାରା ସରକାରଙ୍କୁ ସେ ଅନୁରୋଧ କରିଥିଲେ। ଗତ ମଣ୍ଡେଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବାକୁ ସେ କହିଥିଲେ। ତେବେ ବିଧାୟକ ଶ୍ରୀ ରନ୍ଧାରୀ କହୁଥିବା ସମୟରେ ଜିଲ୍ଲାପାଳ ଭାଷଣ ଶୀଘ୍ର ସାରିବା ପାଇଁ କହିଥିଲେ। ବିନା ପ୍ରୋଟୋକାଲରେ ଜଣେ ବିଧାୟକଙ୍କୁ ଚୌକିରେ ବସି କହିବା ପରେ ମଞ୍ଚରେ ଜିଲ୍ଲାପାଳଙ୍କୁ ବିଗିଡ଼ିଲେ ଶ୍ରୀ ରନ୍ଧାରୀ। ଏଥି ସହିତ ଜିଲ୍ଲାପାଳ ତାଙ୍କୁ କୁଆଡେ ପ୍ରତୀକ୍ଷା ନକରି ତୃତୀୟ ଦିନର କାର୍ଯ୍ୟକ୍ରମ ଶୁଭାରମ୍ଭ କରି ଦେଇଥିବା କହି ଜିଲ୍ଲା ପ୍ରଶାସନ ଉପରେ ପାଟି କରିଥିଲେ। ବିଧାୟକ ରନ୍ଧାରୀଙ୍କ ଏଭଳି କଥାରେ ତଳେ ଥିବା ବିଜେପି କର୍ମୀମାନେ ହଟଗୋଳ ଆରମ୍ଭ କରି ଦେଇଥିଲେ। ପରସ୍ପରକୁ ଆକ୍ଷେପ ପ୍ରତି ଆକ୍ଷେପ ହୋଇଥିଲା। ଶେଷରେ ରାଗିଯାଇ ରନ୍ଧାରୀ କହିଲେ ନିଜକୁ ବାଘ ବୋଲି କହିଥିଲେ। ଏହାର ଜବାବରେ ମନ୍ତ୍ରୀ କହିଲେ କାମ କରି ବାଘ ହୁଅ । ଆଉ ବାଘ ଠିଆ ହୋଇଛି କାହାକୁ ଡରିବ ନାହିଁ। ଶ୍ରୀ ରନ୍ଧାରୀଙ୍କ ରାଗକୁ ପ୍ରଶମିତ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ବୁଝାସୁଝା କରିଥିଲେ। ଏହା ପରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶ୍ରୀ ରନ୍ଧାରୀଙ୍କୁ କାଉଣ୍ଟର କରିବାକୁ ଯାଇ ୨୪ ବର୍ଷରେ ଯାହା ଯାହା କରାଯାଇ ନ ଥିଲା ୧୭ ମାସରେ ତାକୁ କରି ଦେଖେଇଛନ୍ତି ବିଜେପି ସରକାର ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ପଞ୍ଚାୟତ ରାଜ ମନ୍ତ୍ରୀ ଜିଲ୍ଲାର ସବୁ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଅନ୍ୟ ପଟେ ବିଜେପି ଦଳର ପୂର୍ବତନ ସାଂସଦଙ୍କୁ ମଞ୍ଚରେ ସ୍ଥାନ ଦେବା ଓ ଅନ୍ୟ ଦଳର ପୂର୍ବତନ ସାଂସଦ ମାନଙ୍କୁ ସ୍ଥାନ ନଦେବା ନେଇ ମଧ୍ୟ ବିଧାୟକ ଶ୍ରୀ ରନ୍ଧାରୀ ଅସନ୍ତୋଷ ପ୍ରକାଶ କରିଥିଲେ। । ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧାୟକ ଶ୍ରୀ ରନ୍ଧାରୀଙ୍କୁ ବୁଝା ୁଝା କରିବା ପରେ ଶେଷରେ ମଞ୍ଚରେ ଯାହା କିଛି ଘଟିଗଲା ତାହା ଏକ ଦୁର୍ଘଟଣା ସଦୃଶ ଥିଲା ବୋଲି ସେ କହିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଯେଉଁ ସବୁ ଏଭଳି ଆୟୋଜନ କରାଯାଉଛି ସେଥିପାଇଁ ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନକୁ ସେ ଧନ୍ୟବାଦ୍ ଦେଇଥିଲେ। ମୁଖ୍ୟ ଅତିଥି ଓ ଅତିଥି ବିଭିନ୍ନ ସମସ୍ୟା ସମାଧାନ କରିବାକୁ ବିଧାୟକ ତାଙ୍କ ଭାଷଣରେ ଅନୁରୋଧ କରିଥିଲେ। ଏହା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

➤ ବିଜେଡି-ବିଜେପି କଥା କଟାକଟି
➤ କଳାକୁ ବଞ୍ଚାଇ ରଖିବା ପାଇଁ ଧନ୍ୟବାଦ ହେଲେ ମନୋହର ରନ୍ଧାରୀ

# ସମ୍ପାଦକୀୟ



ବ୍ୟକ୍ତିର ଅଧିକାର ମିଳିବାରେ ବିଳମ୍ବ ହିଁ ଅଧିକାରର ଅବମାନନା ।
-ମାର୍ଟିନ ଲୁଥର କିଙ୍ଗ(ଜୁନିୟର)

ସକାଳ
THE SAKALA

## ବିପନ୍ନ ଚିଲିକା

ଜୈବ ବିବିଧତା, ଅନୁପମ ସୌନ୍ଦର୍ଯ୍ୟ, ଆର୍ଦ୍ରଭୂମି, ବହିରାଗତ ପକ୍ଷୀ ଓ ଜଳଜ ପ୍ରାଣୀଙ୍କ ସମାଗମ ଦୃଷ୍ଟିରୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳର ମାନ୍ୟତା ହାସଲ କରିଥିବା ଚିଲିକା ଏବେ ବିପନ୍ନ । ଦିନକୁ ଦିନ ପଟୁମାଟିରେ ପୋତି ହୋଇପଡୁଥିବାରୁ ଚିଲିକାର ଆୟତନ ହ୍ରାସ ପାଇବା ସହ ବିଭିନ୍ନ ପ୍ରଜାତିର ପ୍ରାଣୀ ବିଲୁପ୍ତ ହେବାକୁ ବସିଲାଣି । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ରକ୍ଷଣାବେକ୍ଷଣା ଦାୟିତ୍ୱରେ ଥିଲେ ମଧ୍ୟ ଦିନକୁ ଦିନ ତାହାର ସ୍ଥିତି ବିପନ୍ନ ହେବାରେ ଲାଗିଛି । ସରକାରଙ୍କ କେବଳ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତି ଓ ପ୍ରତିଶ୍ରୁତିରେ ଚିଲିକାର ପୁନରୁଦ୍ଧାର ହୋଇପାରିବ ନାହିଁ । ଏ ଦିଗରେ ଯେଉଁ ନିଷ୍ଠା ଓ ଆନ୍ତରିକତା ଆବଶ୍ୟକ ତାହାର ଅଭାବ ସବୁସ୍ତରରେ ପରିଲକ୍ଷିତ ହେଉଛି ।

ଏସିଆର ଏହି ବୃହତ୍ତମ ଲବଣାକ୍ତ ହ୍ରଦରେ ପ୍ରତିବର୍ଷ ୮ ଲକ୍ଷ ଟନର ପଟୁମାଟି ପ୍ରବେଶ କରୁଥିବାରୁ ସଂକୋଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ଗତ ୫ ବର୍ଷ ମଧ୍ୟରେ ସିଡିଏ ୩.୨୬ ଲକ୍ଷ ଘନମିଟର ଖନନ କରିଛି । ପଟୁମାଟି ପ୍ରବେଶ କରିବାର ଏକାଧିକ କାରଣ ମଧ୍ୟରୁ ନଦୀ, ଉପନଦୀ ଓ ନାଳ ପାଣି ଚିଲିକାରେ ପଡୁଥିବାରୁ ଜଳବାୟୁ ପରିବର୍ତ୍ତନ ଜନିତ ଅଦିନିଆ ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ଏହି କ୍ଷତି ଘଟାଇ ଚାଲିଛି । ଫଳରେ ଚିଲିକା ମୁହାଣ ପୋତି ହୋଇପଡୁଛି ଓ ଆୟତନ ହ୍ରାସ ପାଉଛି । ଏହାକୁ ରୋକିବା ସକାଶେ ଚତୁଃପାର୍ଶ୍ୱରେ ବୃକ୍ଷରୋପଣ ଓ ଆର୍ଦ୍ରଭୂମିର ସଂରକ୍ଷଣ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବ ଏ କ୍ଷେତ୍ରରେ ବାଧକ ସାଜିଛି । ୧୯୪୫ ରେ ଚିଲିକା ଆର୍ଦ୍ରଭୂମିର ଆୟତନ ୨୯୪୬ ବର୍ଗ କିଲୋମିଟର ଥିବା ବେଳେ ତାହା ଏବେ ୧୧୬୫ କିଲୋମିଟରକୁ ହ୍ରାସ ପାଇଛି । ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ବିଭାଗୀୟ ମନ୍ତ୍ରୀ ସୂଚାଇଛନ୍ତି ଯେ ଆଇଆଇଟି (ମାଡ୍ରାସ) ଏହାର ରକ୍ଷଣାବେକ୍ଷଣ ପାଇଁ ବୈଷୟିକ ପରାମର୍ଶ ଦେବେ । ସରକାରଙ୍କ ଅନୁରୋଧକ୍ରମେ ଏହି ରିପୋର୍ଟ ପ୍ରସ୍ତୁତି ଓ ତାହାର ରୂପାୟନ ପ୍ରକ୍ରିୟା କେବେ ଆରମ୍ଭ ହେଉଛି ତାହା ଭିନ୍ନ କଥା । ତେବେ ଏଭଳି ଏକ ବ୍ୟାପକ କାର୍ଯ୍ୟକ୍ରମକୁ ସିଡିଏ ଉପରେ ଭରସା କରି ଆଖିବୁଜି ଦେଇ ହେବନି । ଏକଥା ସତ ଯେ ନିୟମିତ ଜଳର ମାନ ପରୀକ୍ଷଣ କରାଯାଇ ଏଥିରୁ ଉତ୍ପନ୍ନ ଦୁର୍ଲଭ ପ୍ରାଣୀଙ୍କ ପାଇଁ ତାହା କେତେଦୂର ଉପଯୋଗୀ ତାହାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଏଥିପାଇଁ ସିଡିଏ ପକ୍ଷରୁ ୩୩ଟି ନିରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । କିନ୍ତୁ ତାହା ଯଥେଷ୍ଟ ନୁହେଁ ।

ଏଠାରେ ଆମେ ଆଉ ଗୋଟିଏ ହ୍ରଦ ସଂପର୍କରେ ଉଲ୍ଲେଖ କରିବାକୁ ଉଚିତ୍ ମନେ କରୁଛୁ । ଅଂଶୁପାର ମଧୁର ଜଳରାଶି ଓ ପଦ୍ମପତ୍ରରେ ସୁଶୋଭିତ ଏହି ହ୍ରଦ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ଠିକଣା ସମୟରେ ରକ୍ଷଣାବେକ୍ଷଣା ହୋଇନପାରିବାରୁ ପଟୁମାଟିରେ ପୋତି ହୋଇ ନିଜର ପରିଚୟ ହରାଇବାକୁ ବସିଛି । କିଛିବର୍ଷ ତଳେ ଅଂଶୁପାକୁ ପର୍ଯ୍ୟଟନ କେନ୍ଦ୍ରର ରୂପ ଦେବା ପାଇଁ ଚାଲିଥିବା ପ୍ରୟାସ ଅର୍ଥାଭାବରୁ ଅଟକିଯାଇଛି । ସରକାରୀ ବ୍ୟବସ୍ଥାର ଗତି ଓ ପ୍ରକୃତି ସଂପର୍କରେ ସମସ୍ତେ ଅବଗତ ଅଛନ୍ତି । ଚିଲିକା ଅନ୍ତତଃ ଏଭଳି ଏକ ଦୁର୍ଗତିର ସମ୍ମୁଖୀନ ନହେଉ । କଥା ଓ କାମରେ ଅନ୍ତର ନରହୁ ।

## ଶରିଫ୍‌ଙ୍କ ବିକଳ ସ୍ଥିତି

ରୁଷ ରାଷ୍ଟ୍ରପତି ପୁତିନଙ୍କ ଭାରତ ଗସ୍ତ ପରେ ବିଶ୍ୱ ରାଜନୈତିକ ସ୍ତରରେ ଯେଉଁ ମୃଦୁ ଭୂକମ୍ପନ ଅନୁଭୂତ ହୋଇଛି ସେଥିରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେତିକି ବିଚଳିତ ନୁହନ୍ତି, ତା'ଠାରୁ ଅଧିକ ଶଙ୍କାଗ୍ରସ୍ତ ହୋଇପଡ଼ିଛି ପାକିସ୍ତାନ । ଆମେରିକା ଓ ଚୀନ ସହ ସୁସଂପର୍କ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦେଶର ନିରାପତ୍ତା ନେଇ ସ୍ଥିର ନିଶ୍ଚିତ ହୋଇପାରୁନାହାନ୍ତି । ତେଣୁ ରୁଷ ସହ ସଂପର୍କ ସୁଦୃଢ଼ କରିବା ସକାଶେ ପାକିସ୍ତାନ ବ୍ୟଗ୍ର ହୋଇପଡ଼ିଛି ଏବଂ କୂଟନୈତିକ ସ୍ତରରେ ଗୋଟିଚାଳନା ଆରମ୍ଭ କରିଦେଇଛି । ଚୀନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ପ୍ରେକ୍ଷାପଟ୍ଟରେ ପୁତିନଙ୍କୁ ଶରିଫ ସାକ୍ଷାତ କରିଥିଲେ ମଧ୍ୟ ତାହା କେବଳ ସୌଜନ୍ୟରେ ସୀମିତ ଥିଲା । ଆଞ୍ଚଳିକ ରଣନୀତିରେ ରୁଷଠାରୁ ସେଭଳି ସହଯୋଗର ପ୍ରତିଶ୍ରୁତି ମିଳିନଥିଲା ପାକିସ୍ତାନକୁ । ନାଟୋ ସାମରିକ ମେଣ୍ଟ ଓ ଆମେରିକାର ସମର୍ଥନ ସତ୍ତ୍ୱେ ରୁଷର ସାମରିକ କାର୍ଯ୍ୟାନୁଷ୍ଠାନରେ ୟୁକ୍ରେନ ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଛି । ଏବେ ଯେଉଁ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ଜାରି ରହିଛି ସେଥିରେ ମଧ୍ୟ ରୁଷର ସର୍ତ୍ତକୁ ପ୍ରାଧାନ୍ୟ ଦିଆଯାଇଛି । ତେଣୁ ପୁତିନ ଯେ ସମଗ୍ର ବିଶ୍ୱର ଅନ୍ୟତମ ସର୍ବଶକ୍ତିମାନ ରାଷ୍ଟ୍ରନେତା ଏହା ପ୍ରମାଣିତ ହୋଇଛି । ଗତ ଶୁକ୍ରବାର ତୁର୍କମେନସ୍ତାନରେ ଆୟୋଜିତ ଆନ୍ତର୍ଜାତିକ ବୈଠକରେ ପୁତିନଙ୍କ ଉପସ୍ଥିତିର ସୁଯୋଗ ନେବା ସକାଶେ ପାକିସ୍ତାନ ନେତାଙ୍କ କୂଟନୈତିକ ପ୍ରୟାସ ମଧ୍ୟ ବିଫଳ ହୋଇଛି । ଏପରି କି ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ସମସ୍ତ କୂଟନୈତିକ ସୌଜନ୍ୟ ଉଲ୍ଲଂଘନ କରି ଅପଦସ୍ଥ ହୋଇଛନ୍ତି ।

କୌଣସି ଆନ୍ତର୍ଜାତିକ ସ୍ତରରେ ଆୟୋଜିତ ଶିଖର ସମ୍ମିଳନୀ ଯୋଗଦେଇଥିବା ରାଷ୍ଟ୍ରନେତାଙ୍କ ମଧ୍ୟରେ ବ୍ୟକ୍ତିଗତ ସାକ୍ଷାତ ଓ ତଥ୍ୟ ଆଦାନପ୍ରଦାନର ସୁଯୋଗ ସୃଷ୍ଟି କରିଥାଏ । ତୁର୍କମେନସ୍ତାନ୍‌ରେ ପୁତିନଙ୍କୁ ଭେଟିବା ପାଇଁ ଟାରିଫଙ୍କ ବିକଳ ଅବସ୍ଥା କେବଳ ପଦାରେ ପଡ଼ିଯାଇନାହିଁ ସେ ସାଧାରଣରେ ନିନ୍ଦିତ ଓ ଅପଦସ୍ଥ ହୋଇଛନ୍ତି । ଏହି ସାକ୍ଷାତ ଆଲୋଚନା ପାଇଁ ସମୟସୂଚୀ ଓ ସ୍ଥାନ ନିରୂପଣ ଆଗରୁ ହୋଇଥିଲା । ଶେହବାଜ ସାକ୍ଷାତ କରିବା ପାଇଁ ଦୀର୍ଘ ୪୦ ମିନିଟ ଧରି ଅପେକ୍ଷା କରିଥିଲେ ମଧ୍ୟ ପୁତିନଙ୍କ ପକ୍ଷରୁ କୌଣସି ସୂଚନା ମିଳି ନଥିଲା । ତେଣୁ ଧୈର୍ଯ୍ୟହରା ହୋଇ ତୁର୍କୀ ରାଷ୍ଟ୍ରପତିଙ୍କ ସହ ପୁତିନଙ୍କ ଆଲୋଚନା ଚାଲିଥିବା ବେଳେ ଶରିଫ୍ କୋଠରି ଭିତରକୁ ଧସେଇ ପଶିଥିଲେ । ପାକିସ୍ତାନ ଓ ତୁର୍କୀର ସୁସଂପର୍କ ଦୃଷ୍ଟିରୁ ସେଠାରେ ସୌଜନ୍ୟ ଦୃଷ୍ଟିରୁ ଶରିଫଙ୍କୁ ୧୦ ମିନିଟ ପାଇଁ ଅବସ୍ଥାନ କରିବାର ସୁଯୋଗ ମିଳିଥିଲା । ଦୁଇ ରାଷ୍ଟ୍ରନାୟକଙ୍କ ମଧ୍ୟରେ ଆଲୋଚନା ଜାରି ରଖିଥିବାରୁ ଶରିଫ ବାଧ୍ୟ ହୋଇଫେରିଆସିଥିଲେ ।

ସମ୍ପର୍କ ତିକ୍ତ ହେଉ ବା ମଧୁର କୂଟନୈତିକ ସ୍ତରରେ ସର୍ବନିମ୍ନ ଶାଳୀନତା ରକ୍ଷା ପ୍ରତି ରାଷ୍ଟ୍ରମୁଖ୍ୟମାନେ ସଚେତନ ରହିବା ସର୍ବାଦୌ କର୍ତ୍ତବ୍ୟ । ଏହାକୁ ଆମେ ଆନ୍ତର୍ଜାତିକ ସ୍ତରରେ ନିର୍ଦ୍ଧାରିତ ପ୍ରୋଟୋକଲ କହିପାରିବା । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଭଳି ବ୍ୟକ୍ତିତ୍ୱ ହିଁ ଏହାକୁ ଉଲ୍ଲଙ୍ଘନ କରିଥା'ନ୍ତି । ଜଣେ ସର୍ବଶକ୍ତିମାନର ଅହଂକାରରେ ମତ୍ତ ଥିବା ବେଳେ ଆଉ ଜଣେ ନିଜ ବିକଳ ସ୍ଥିତିରେ ବିବଶ ।

# ମାଗଣା ମୋହ

ଡ. ଉଷାରାଣୀ ଦାଶ

'ମାଗଣା' ଏତେ ଆକର୍ଷଣୀୟ କାହିଁକି? ଡାନ୍ ଆରିଲିଙ୍କ ପୁସ୍ତକ 'ପ୍ରେଡିକ୍ଟେବଲି ଇରେସନାଲ' ଅନୁସାରେ, ଯେତେବେଳେ କିଛି ମାଗଣା ମିଳେ ଲୋକମାନେ ସେମାନଙ୍କର ଆଚରଣଗତ ଧାରାକୁ ପରିବର୍ତ୍ତନ କରିଦିଅନ୍ତି ଏବଂ ଏହାକୁ ପାଇବାକୁ ଅଧିକ ଇଚ୍ଛୁକ ହୁଅନ୍ତି । ମାଗଣା କେବଳ ମୂଲ୍ୟର ଏକ ସୂଚକ ନୁହେଁ । ଏହା ଏକ ଅତ୍ୟନ୍ତ ଶକ୍ତିଶାଳୀ ଭାବପ୍ରବଣ ସୃଷ୍ଟିକାରୀ, ଯାହା ପ୍ରାୟତଃ ଏତେ ଅପ୍ରତିରୋଧୀ ଯେ ଅନାବଶ୍ୟକ ଥିଲେ ମଧ୍ୟ ମାଗଣାରେ ମିଳିବାର ଲୋଭରେ ହାସଲ କରିବାକୁ ପ୍ରେରିତ କରେ । ୨୦୦୭ ମସିହାରେ କରାଯାଇଥିବା 'ଜିରୋ ଆଜ୍ ଏ ସ୍ପେଶାଲ୍ ପ୍ରାଇସ୍: ଦି ଟ୍ରୁଲ୍ ଭ୍ୟାଲ୍ୟୁ ଅଫ୍ ଫ୍ରି ପ୍ରଡକ୍ଟସ୍' ଶୀର୍ଷକ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗ୍ରାହକମାନେ ୮୦% ରିହାତି ମୂଲ୍ୟରେ ଏକ ଉତ୍କୃଷ୍ଟ ଗୁଣଯୁକ୍ତ ଚକୋଲେଟ୍ ବ୍ରାଣ୍ଡ କିଣିବା ଅପେକ୍ଷା ନିମ୍ନ-ଗୁଣବତ୍ତାର ମାଗଣା ଚକୋଲେଟ୍ ବାର୍ ପାଇବାକୁ ପସନ୍ଦ କରନ୍ତି ।

'ମାଗଣା' ଶବ୍ଦଟି ମାନବ ଭାବନା ପାଇଁ ଏକ ଚୁମ୍ବକ ସଦୃଶ । ଏହା ମନୁଷ୍ୟର ଭାବନା, ଆଶା, ଲାଭକାମନା ଓ ଆତ୍ମତୃପ୍ତିକୁ ଜାଗ୍ରତ କରୁଥିବା ଗୋଟିଏ ଶକ୍ତିଶାଳୀ ମାନସିକ ସଙ୍କେତ । ଯେତେବେଳେ କୌଣସି ବସ୍ତୁ, ସୁବିଧା କିମ୍ବା ସେବା ମାଗଣାରେ ମିଳେ ମନୁଷ୍ୟ ସ୍ୱାଭାବିକ ଭାବେ ସାଧାରଣ ବିବେକ, ତର୍କ ଓ ବିଚାରକୁ ପଛରେ ରଖି ଭାବନା ଆଧାରିତ ସିଦ୍ଧାନ୍ତ ନେଇଥାଏ । ଏହି ଆକର୍ଷଣକୁ ମାନସିକ ଶାସ୍ତ୍ରରେ 'ଜିରୋ ପ୍ରାଇସ ଇଫେକ୍ଟ' ବା 'ଶୂନ୍ୟ ମୂଲ୍ୟ ପ୍ରଭାବ' ବୋଲି କୁହାଯାଏ । ମାଗଣା ମିଳୁଥିବା ଜିନିଷ ମଣିଷର ଭାବନା, ବିପଦର ଭୟ, ଲୋଭ ଓ ଆନନ୍ଦକୁ ଏକାଠି ଉତ୍ତେଜିତ କରେ । କୌଣସି ଆର୍ଥିକ ଚାପ ନ ଥିବାରୁ ଏହାର ମୂଲ୍ୟବୋଧ, ଆବଶ୍ୟକତା, ଗୁଣବତ୍ତା ମୂଲ୍ୟାଙ୍କନ ନକରି ଗ୍ରହଣ କରିବା ନିରାପଦ ମଣନ୍ତି । ମାଗଣା ଜିନିଷଗୁଡ଼ିକ ପ୍ରାୟତଃ କ୍ୱଚିତ କିମ୍ବା ସୀମିତ ସମୟ ପାଇଁ ଉପଲବ୍ଧ ମନେହୁଏ । ଯେପରିକି 'ଆଜି ପାଇଁ ମାତ୍ର ମାଗଣା', 'ପ୍ରଥମ ଦଶଜଣଙ୍କ ପାଇଁ ମାଗଣା' ଇତ୍ୟାଦି, ଯାହା ସେଥିପ୍ରତି ଆହୁରି ଅଧିକ ଆଗ୍ରହ ସୃଷ୍ଟି କରେ । ସେହିପରି 'ଦଶମ କପ୍ କଫି ମାଗଣା', 'ଏକ ଲିଟର ପ୍ୟାକେଟରେ ୨୫୦ମିଲି ମାଗଣା', 'ଗୋଟିଏ କିଣିଲେ ଆଉ ଗୋଟିଏ ମାଗଣା', 'ଅନଲାଇନ୍‌ରେ କିଣିଲେ ବିତରଣ ମାଗଣା' ଇତ୍ୟାଦି ଘୋଷଣା ଓ ଯୋଜନାଗୁଡ଼ିକ ଆମକୁ ଖୁବ ଆକର୍ଷିତ କରେ ।

ମାଗଣାର ପରମ୍ପରା ଖୁବ୍ ପ୍ରାଚୀନ । ପୁରାତନକାଳରେ ବ୍ୟାପାରୀମାନେ ଗ୍ରାହକଙ୍କୁ ଆକର୍ଷଣ କରିବା ପାଇଁ ଅଧିକ ଶସ୍ୟ, ମସଲା ଭଳି ଜିନିଷ ମାଗଣା ଭାବରେ ଦେଉଥିଲେ । ଏହାକୁ ପ୍ରଥମ 'ମାଗଣା ଉପହାର' ଧାରଣା ଭାବେ ଧରାଯାଏ । ୧୭୦୦-୧୮୦୦ ମସିହାରେ ଆଧୁନିକ 'ମାଗଣା ଉପହାର'ର ଆରମ୍ଭ ହୋଇଥିଲା, ଯେଉଁଥିରେ ଦୋକାନୀମାନେ ପ୍ରଚାର ପାଇଁ ମାଗଣା କ୍ୟାଲେଣ୍ଡର, ବୁକମାର୍କ, ପ୍ରିଣ୍ଟେଡ୍ କାର୍ଡ ଭଳି ଛୋଟ ଉପହାର ଦେବା ଆରମ୍ଭ କରିଥିଲେ । ୧୮୮୦ ଦଶକରେ ବହୁମାତ୍ରାରେ ଉତ୍ପାଦନ ହେଉଥିବା ଦ୍ରବ୍ୟ ଉପହାର ପ୍ରଦାନ ପରମ୍ପରା ଆରମ୍ଭ ହେଲା । ଆମେରିକାର 'ଆଲେନ ଆଣ୍ଡ ଜିଣ୍ଟର' କମ୍ପାନୀ ସିଗାରେଟ୍ ପ୍ୟାକେଟରେ ମାଗଣା 'ବେସବଲ୍ କାର୍ଡ' ପ୍ରଦାନ ବେପାରବାଣିଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା । ୧୯୦୦-୧୯୩୦ମଧ୍ୟରେ ମାଗଣା ନମୁନା ଧାରଣାର ଆରମ୍ଭ ହେଲା । 'ପ୍ରୋକ୍ଟର ଆଣ୍ଡ ଗାମ୍ବଲ' ଓ 'କୋକାକୋଲା' ଭଳି କମ୍ପାନୀମାନେ ମାଗଣା ନମୁନା, ଡ୍ରିଙ୍କ କୁପନ୍ ଦେବା ଆରମ୍ଭ କଲେ । ଏହିଠାରୁ 'ମାଗଣା ଉପହାର' ବ୍ୟାପକ ଭାବେ ଲୋକପ୍ରିୟ ହେଲା । ୧୯୫୦-୧୯୮୦ମଧ୍ୟରେ ଆଧୁନିକ ପ୍ରଚାରମୂଳକ ଉପହାରର ଧାରା ଆରମ୍ଭ ହୋଇଥିଲା । ଏହି ସମୟରେ ବ୍ୟବସାୟୀମାନେ ପେନ୍, ବ୍ୟାଗ୍, ଟି-ସାର୍ଟ ଭଳି ଉପହାର ଦେଉଥିଲେ । ୨୦୦୦ ପରେ 'ମାଗଣା ଉପହାର'ର ଡିଜିଟାଲାଇଜେସନ୍ ଯୁଗ ଆରମ୍ଭ ହେଲା । ମାଗଣା ଇ-ବୁକ୍, ଟ୍ରାୟାଲ୍, ଟେମ୍ପଲେଟ୍, ଡିଜିଟାଲ୍ ଟୁଲ୍, ଶିଫିଂ ଆଦି ଆସିଲା ।

ରାଜନେତାମାନେ ମଧ୍ୟ ନିର୍ବାଚନୀ ପ୍ରତିଶ୍ରୁତି, ଦରିଦ୍ରତା ହ୍ରାସ, ଜନସମର୍ଥନ କିମ୍ବା ଔଦାର୍ଯ୍ୟ ପ୍ରଦର୍ଶନ ଆଦି ବିଭିନ୍ନ କାରଣରୁ ମାଗଣା ଖାଦ୍ୟ, ଇନ୍ଧନ, ଜଳ, ଶିକ୍ଷା, ବସ୍ତୁସାମଗ୍ରୀ କିମ୍ବା ଅର୍ଥ ସହାୟତା ବଣ୍ଟନ କରିବା ଆରମ୍ଭ କଲେ । ଏହିକ୍ରମରେ କାଳିଆ, ବଳିଆ, ସୁଭଦ୍ରା, ମଧ୍ୟାହ୍ନ ଭୋଜନ, ମାଗଣା ସାଇକେଲ, ଲାପଟପ, ଟଙ୍କିକିଆ ଚାଉଳ, ପାଞ୍ଚଟଙ୍କିଆ ମିଲ, ମାଗଣା ବିଜୁଳି ଇତ୍ୟାଦି ଯୋଜନାମାନ ଆତ୍ମପ୍ରକାଶ କଲେ । ସେଥିମଧ୍ୟରୁ କେତେକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କର ମୌଳିକ ଆବଶ୍ୟକତା ପୂରଣ ସହିତ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଉନ୍ନତି ନିମିତ୍ତ ହୋଇଥିବା ବେଳେ ଅନ୍ୟ କେତେକ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ମାତ୍ର ଦେଖାଯାଇଛି ଏହି ମାଗଣା ମୋହରେ ସ୍ୱଚ୍ଛଳ ବର୍ଗର ଲୋକମାନେ ଜାଲିଆତି କରି ନିଜକୁ ସେହିବର୍ଗରେ ସାମିଲ କରିଦେଉଛନ୍ତି ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ କୌଣସି କାର୍ଯ୍ୟ ବା ପରିଶ୍ରମ ନକରି କେବଳ ସେହି ମାଗଣାକୁ ଚାହିଁ ବସିରହୁଛନ୍ତି । ସେମାନଙ୍କ ମଧ୍ୟରେ ନିର୍ଭରଶୀଳତା ଏବଂ ଅଧିକାରର ଏକ ନକାରାତ୍ମକ ଢାଞ୍ଚା ସୃଷ୍ଟି ହେଉଛି ।

ଅନେକକ୍ଷେତ୍ରରେ ମାଗଣାର କିଛି ସୁପ୍ରଭାବ ଦେଖିବାକୁ ମିଳେ । ଲୋକମାନେ ନୂଆ ଜିନିଷ ପରୀକ୍ଷା କରିବାର ସୁଯୋଗ ପାଇ ନୂଆ ଅଭିଜ୍ଞତା ହାସଲ କରନ୍ତି । ମାଗଣା ଯୋଜନାଗୁଡ଼ିକ ଦେଶର ଅନେକ ସମସ୍ୟା ହ୍ରାସ କରିବାରେ ସହାୟତା କରେ । 'ନିତି ଆୟୋଗ'ର ରିପୋର୍ଟ ଅନୁସାରେ ବିହାର ଓ ପଶ୍ଚିମବଙ୍ଗରେ ସ୍କୁଲ ଛାତ୍ରୀମାନଙ୍କୁ ଦିଆଯାଇଥିବା ମାଗଣା ସାଇକେଲ ଦ୍ୱାରା ସେମାନଙ୍କର ନାମଲେଖା ଓ ଉପସ୍ଥାନ ବଢ଼ିଛି ଏବଂ ଅଧାରୁ ପାଠ ଛାଡୁଥିବା ହାର ହ୍ରାସ ପାଇଛି । ବିଶ୍ୱବ୍ୟାଙ୍କର ଅଧ୍ୟୟନ ଅନୁସାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ଖାଦ୍ୟ ରିହାତି ଭଳି ମାଗଣା ସାମଗ୍ରୀ ୨୦୧୧-୧୨ ମସିହାରେ ଭାରତରେ ଦାରିଦ୍ର୍ୟ ଅନୁପାତ ୭%କୁ ହ୍ରାସ କରିପାରିଛି । 'ସେଣ୍ଟର ଫର ପଲିସି ରିସର୍ଚ୍ଚ' ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାଯାଏ ଲାପଟପ୍, ସାଇକେଲ ଓ ନଗଦ ହସ୍ତାନ୍ତର ଭଳି ଯୋଜନା ଉତ୍ତର ପ୍ରଦେଶ ଓ ତାମିଲନାଡୁରେ ଭୋଟରଙ୍କ ମତଦାନ, ରାଜନୈତିକ ସଚେତନତା ଓ ସରକାରଙ୍କ ପ୍ରତି ସନ୍ତୁଷ୍ଟି ଉପରେ ସକାରାତ୍ମକ ପ୍ରଭାବ ପକାଇଛି । 'ଏଡିଆର' ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ତାମିଲନାଡୁର ୪୧% ଭୋଟର ମାଗଣା ଉପହାରକୁ ଭୋଟ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଭାବରେ ବିବେଚନା କରନ୍ତି ।

ମାଗଣା ଯୋଜନା ସହିତ ଅନେକ ସମସ୍ୟା ମଧ୍ୟ ଜଡ଼ିତ ଅଛି । ସେଗୁଡ଼ିକ ମଧ୍ୟରେ ଅନାବଶ୍ୟକ ଓ ଗୁରୁତ୍ୱହୀନ ଜିନିଷ ପାଇବାର ଲୋଭ ଅନ୍ୟତମ । ଏହା ଅପଚୟ ଓ ବିବେକହୀନ ଆଚରଣକୁ ବଢ଼ାଇଦିଏ । ଏହା ଶାରୀରିକ, ମାନସିକ ଓ ଆର୍ଥିକ ସମସ୍ୟାକୁ ମଧ୍ୟ ଆମନ୍ତ୍ରଣ କରେ । ବିକ୍ରି ହୋଇ ନପାରି ଗଚ୍ଛିତ ଥିବା ପୁରୁଣା, ନିକୃଷ୍ଟ ମାନଯୁକ୍ତ ଦ୍ରବ୍ୟକୁ ମାଗଣା ନାମରେ ବଣ୍ଟନ କରାଯାଏ । ରିହାତି ପୂର୍ବରୁ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରାଯାଇଥାଏ । ମାଗଣା ଆପ୍, ମାଗଣା ଅଫର୍ ବା ମାଗଣା ସର୍ଭିସ୍‌ରେ ଗୁପ୍ତସର୍ତ୍ତ ଥାଏ । ମାଗଣା ଟ୍ରାୟାଲ୍ ସ୍କିମରେ ପ୍ରଥମେ କିଛି ଦିନ କିମ୍ବା ମାସ ମାଗଣାରେ ବ୍ୟବହାର କରିବାକୁ ଦିଆଯାଇ ଜନସାଧାରଣଙ୍କୁ ଅଭ୍ୟସ୍ତ କରାଇବା ପରେ ଏଥିପାଇଁ ଟଙ୍କା ଦେବାକୁ ବାଧ୍ୟ କରାଯାଏ, ଯାହାର ଏକ ବଳିଷ୍ଠ ଉଦାହରଣ ଜିଓ କମ୍ପାନୀର ମାଗଣା ଡାଟା ଯୋଜନା । ଲୋକେ କେବଳ ମାଗଣା ଉପହାର ପାଇବା ପାଇଁ ଅନଲାଇନ୍‌ରେ ମାଗଣା 'ସିଫିଂ' ପାଇବା ପାଇଁ ଏବଂ ମାଗଣା କୁପନ୍/କୋଡ୍‌କୁ ବ୍ୟବହାର କରିବା ଉଦ୍ଦେଶ୍ୟରେ ଅନାବଶ୍ୟକ ସାମଗ୍ରୀ କିଣିଥା'ନ୍ତି । ଏହାଛଡ଼ା ଆଜିକାଲି ମାଗଣା ନାମରେ ଠକାମୀ ଘଟଣା ମଧ୍ୟ ବଢ଼ିଚାଲିଛି । ମାଗଣା ରିଚାର୍ଜ, ମାଗଣା ଉପହାର ବା ମାଗଣା ଅଫର୍ ଭାବରେ ଲୋକଙ୍କ ଫୋନ୍ ନମ୍ବର, ଇମେଲ୍ ଭଳି ବ୍ୟକ୍ତିଗତ ତଥ୍ୟ ଚୋରି କରିବାର ଘଟଣା ଘଟୁଛି ।

ବିଶ୍ୱରେ ଅନେକଦେଶ ଅଧିକ ପରିମାଣରେ ମାଗଣା ସୁବିଧା ବଣ୍ଟନ କରିବାରୁ ଦେଶର ଅର୍ଥନୀତି ଦୁର୍ବଳ ହେବା ସହିତ ଦୀର୍ଘମିଆଦୀ ସମସ୍ୟା ସୃଷ୍ଟି ହେଉଛି । ଭେନେଜୁଏଲା ସରକାର ବହୁବର୍ଷ ଧରି ମାଗଣା ଇନ୍ଧନ, କମମୂଲ୍ୟରେ ଖାଦ୍ୟ ଓ ଅନେକ ପଦାର୍ଥ ବଣ୍ଟନ କରିଥିଲେ । ଫଳସ୍ୱରୂପ ଦେଶ ଭୟଙ୍କର ମୁଲ୍ୟସ୍ଫୀତି, ଖାଦ୍ୟ ସଙ୍କଟ ଓ ଆର୍ଥିକ ଅସ୍ଥିରତାରେ ପଡ଼ିଲା । ଶ୍ରୀଲଙ୍କା ସରକାର ଦୀର୍ଘଦିନ ଧରି ମାଗଣା କୃଷି ସହାୟତା, ରାସାୟନିକ ଶସ୍ୟ ଓ ଖାଦ୍ୟ ବଣ୍ଟନ କରିବା ଫଳରେ ସରକାରୀ ଋଣ ବଢ଼ିଲା, ଦେଶ ଭୟାବହ ଆର୍ଥିକ ଓ ରାଜନୈତିକ ସଙ୍କଟରେ ପତିତ ହେଲା । ଗ୍ରୀସରେ ବର୍ଷବର୍ଷ ଧରି ମାଗଣା ସୁବିଧା, ରିହାତି, ସରକାରୀ ଖର୍ଚ୍ଚ ଓ ଅତ୍ୟଧିକ ସାମାଜିକ ସୁରକ୍ଷା ଯୋଜନା ଚାଲୁଥିଲା । ଏଥିଯୋଗୁଁ ୨୦୦୮ ପରେ ଦେଶ ଗଭୀର ଋଣ ସଙ୍କଟରେ ପଡ଼ିଲା । ଜିମ୍ବାୱେ ସରକାର ମାଗଣାରେ ଖାଦ୍ୟ ଓ ଧାନ ବାଣ୍ଟୁଥିଲେ । ଶେଷରେ ସେ ଦେଶର ଉତ୍ପାଦନ କମିଲା, ସରକାରୀ ଭଣ୍ଡାର ଖାଲି ହେଲା ଏବଂ ଭୟଙ୍କର ମୁଦ୍ରାସ୍ଫୀତି ସୃଷ୍ଟି ହୋଇ ଅର୍ଥନୀତିର ପତନ ଘଟିଲା ।

'ମାଗଣା' ଏକ ଦୁଇଧାରୁଆ ଖଣ୍ଡା । ଗୋଟିଏ ପଟେ ଏହା ମନୁଷ୍ୟକୁ ଖୁସି, ଅଭିଜ୍ଞତା ଓ ଆତ୍ମତୃପ୍ତି ଦିଏ । ଅନ୍ୟପଟେ ଏହା ଲୋଭ, ଭ୍ରମ, ନିର୍ଭରତା ଓ ଲୁକ୍କାୟିତ ଖର୍ଚ୍ଚର ବ୍ୟୂହ ଭିତରେ ଆମକୁ ଆବଦ୍ଧ କରେ । ତେଣୁ ମାଗଣାର ମୋହରେ ଆଚ୍ଛନ୍ନ ନ ହୋଇ ଏହାର ବ୍ୟବହାରଗତ ଆବଶ୍ୟକତା ଓ ପରିଣାମକୁ ବିବେକବୁଦ୍ଧିର ସହିତ ବୁଝିବିଚାରି ଯଥାଯଥ ପଦକ୍ଷେପ ନେବା ହେଉଛି ସମୁଚିତ ଉପାୟ । ଅନ୍ୟଥା ମାଗଣାର ମାୟାଜାଲରେ କବଳିତ ହୋଇ ନିଜ କଷ୍ଟାର୍ଜିତ ଧନ, ବହୁମୂଲ୍ୟ ଜୀବନ ଓ ରାଷ୍ଟ୍ରକୁ ବିପଦ ମୁହଁକୁ ଠେଲିଦେବା ସାର ହେବ ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୮୧୩୩୭୬୧୨

# ବିକାଶରେ ଅନ୍ତରାୟ ଆତଙ୍କବାଦ

ସୁଧାଂଶୁ ପାତ୍ର

ଆତଙ୍କବାଦ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଓ ଚିନ୍ତାଜନକ ସମସ୍ୟା । କିନ୍ତୁ ଆତଙ୍କବାଦ ଦମନ ପଦକ୍ଷେପରେ ସରକାରଙ୍କ ଟାଳଟୁଳ ନୀତି ଓ ବିଳମ୍ବ ହିଁ ଆତଙ୍କବାଦୀଙ୍କୁ ଅଧିକ ଉତ୍ସାହିତ କରୁଛି, ଯାହାର ସଦ୍ୟତମ ଉଦାହରଣ ରୂପେ ଅଷ୍ଟ୍ରେଲିଆ ବେଳାଭୂମିରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣକୁ ନିଆଯାଇପାରେ । ଆତଙ୍କବାଦୀ କାର୍ଯ୍ୟକଳାପ, ସେମାନଙ୍କ ସ୍ଥିତି ଓ ଭବିଷ୍ୟତ ଯୋଜନା ବିଷୟରେ ସୂଚନା ସଂଗ୍ରହ କ୍ଷେତ୍ରରେ ପ୍ରମୁଖ ଭୂମିକା ହେଉଛି ଗୁଇନ୍ଦା ସଂସ୍ଥାମାନଙ୍କର । କାରଣ ଗତ କିଛିମାସମଧ୍ୟରେ ଭାରତରେ ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରୁ ଆରମ୍ଭ କରି ନିକଟରେ ଦିଲ୍ଲୀ କାରବୋମା ବିସ୍ଫୋରଣ ପର୍ଯ୍ୟନ୍ତ ସବୁଥିରେ ଗୁଇନ୍ଦା ସଂସ୍ଥାର ବିଫଳତା ପ୍ରମାଣିତ ହୋଇଛି । ଅବଶ୍ୟ ଦିଲ୍ଲୀ କାର ବୋମା ବିସ୍ଫୋରଣରେ ଭାରତୀୟ ଗୁଇନ୍ଦା ସଂସ୍ଥାକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ପ୍ରମାଣ ମିଳିଛି, ଯାହାକି ପ୍ରମାଣିତ କରୁଛି ତୁର୍କୀର ପାକିସ୍ତାନୀ ସମ୍ପର୍କ । କିନ୍ତୁ ଏହାକୁ 'ପୋଷ୍ଟମୋର୍ଟମ କାମ' ବୋଲି କୁହାଯାଇପାରେ । କାରଣ ଏହି ତଥ୍ୟ ବା ସୂଚନା ଯଦି ଆଗରୁ ହାସଲ ହୋଇପାରି ଥା'ନ୍ତା ତେବେ ୧୨ଜଣଙ୍କ ଜୀବନରକ୍ଷା ହୋଇପାରିଥା'ନ୍ତା ।



କାତାର ବିଶ୍ୱର ଅନ୍ୟତମ ଛୋଟ ଦେଶ । ମାତ୍ର ବହୁ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନମାନଙ୍କର ଏହା ଶରଣାସ୍ଥଳୀ । ଆମେରିକା 'ଫାଉଣ୍ଡେସନ ଫର ଡିଫେନ୍ସ ଅଫ ଡେମୋକ୍ରେସିଜ୍' ତରଫରୁ ୨୦୧୭ରେ ପ୍ରାପ୍ତ ଏକ ରିପୋର୍ଟ ଅନୁଯାୟୀ ଆତଙ୍କବାଦୀଙ୍କୁ ପ୍ରଚୁର ଆର୍ଥିକ ସହାୟତା କରୁଛି କାତାର । ଆତଙ୍କବାଦୀ ସଂଗଠନ ଅଲକାଏଦାକୁ କୋଟି କୋଟି ଡଲାର ପ୍ରଦାନ କରୁଥିବା ଅବଦୁଲ ରହମାନ ଅଲ୍‌ନୁଆମା କାତାରର ନାଗରିକ । ଏପରିକି ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଖଲିଦ୍, ସେଖ ମହମ୍ମଦକୁ ମଧ୍ୟ କାତାର ମାଧ୍ୟମରେ କୋଟିକୋଟି ଡଲାର ମିଳୁଥିବା ରିପୋର୍ଟ ରହିଛି । ଏପରିକି ତାଲିବାନ ଓ କାତାରର ବିଚାରଧାରା ଏକ ବୋଲି କାତାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା କମିଟି ସ୍ପଷ୍ଟ କରିସାରିଛି । କାତାର ପକ୍ଷରୁ ଇରାନକୁ ମିଜାଇଲ୍‌ସ ଯୋଗାଇଥିବା ଅଭିଯୋଗ ଆଣି ୨୦୧୭ରେ ସାଉଦିଆରବ ସଂଯୁକ୍ତ ଆରବରାଷ୍ଟ୍ର ଓ ବାହାରିନ୍ କାତାର ସହ ସମ୍ପର୍କ କାଟିଥିବା ସୂଚନା ଅଛି । ଏବେ ନୂଆ ସମ୍ପର୍କ ତୁର୍କୀ ସହ ଯୋଡ଼ି ନୂଆ ଆତଙ୍କବାଦୀ ଆକ୍ରମଣ ଯୋଜନା କରୁଛି ପାକିସ୍ତାନ । ଜର୍ମାନୀ ଓ ତୁର୍କୀ ଠାରୁ ମିଳୁଥିବା ଅର୍ଥରେ ପଞ୍ଜାବ ଓ ଉତ୍ତରପ୍ରଦେଶରେ ମଦ୍ରାସା ଓ ମସ୍‌ଜିଦ୍ ପାଇଁ ଜମି କିଣାଚାଲିଛି ବୋଲି ମଧ୍ୟ ରିପୋର୍ଟ ଅଛି ।

ଆମେରିକାର ଏକ ବଡ଼ ସୈନ୍ୟ ଆଡା କତାରରେ ରହିଛି । ଏହାର ରାଜଧାନୀରେ ବସି ଇହୁଦୀମାନଙ୍କୁ ହତ୍ୟା କରିବା ଯୋଜନା ହମାସର ଆତଙ୍କବାଦୀମାନେ କରୁଥିବା ଅଭିଯୋଗ ହେଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହିନ୍ଦୁ ଦେବୀମାନଙ୍କର ଅଶ୍ଳୀଳ ଚିତ୍ର ଆଙ୍କିଥିବା ଏମ୍.ଏଫ, ହୁସେନଙ୍କୁ କାତାର କେବଳ ଶରଣ ଦେଇନି, ଏକ ବଡ଼ ବଙ୍ଗଳା ମଧ୍ୟ ଉପହାର ଦେଇଛି । ନୁପୁର ଶର୍ମା ମାମଲାକୁ ନେଇ କାତାର ଭାରତରେ ସାମ୍ପ୍ରଦାୟିକତା ଭାବ ସୃଷ୍ଟି କରିବା ଭୂମିକା ମଧ୍ୟ ନେଇଛି । ଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ଖଲିସ୍ତାନୀ ଓ ଇସଲାମବାଦ ଆତଙ୍କବାଦୀକୁ କାତାର ପକ୍ଷରୁ ପ୍ରଚୁର ଅର୍ଥ ପ୍ରଦାନ କରାଯାଇଥିବା ମଧ୍ୟ ସ୍ପଷ୍ଟ ହୋଇଛି । ତେଣୁ ଆମେରିକାର ଦୋହରା ନୀତି ବି କାତାରର ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଁ ଦାୟୀ । କାତାରର ଆତଙ୍କବାଦୀ ଯୋଜନା ଓ ଆର୍ଥିକ ସହାୟତାକୁ ଭାରତ ପକ୍ଷରୁ କଡ଼ା ବିରୋଧ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ଗୁଇନ୍ଦା ସଂସ୍ଥାର ନଜର ଆହୁରି ତୀବ୍ର କରିବାକୁ ପଡ଼ିବ ।

ଅନ୍ୟପକ୍ଷରେ ଆତଙ୍କବାଦ ଦମନ ଏବଂ ଆତଙ୍କବାଦୀଙ୍କ ସୀମା ପ୍ରବେଶ ଏକ ସମ୍ବେଦନଶୀଳ ପ୍ରସଙ୍ଗ । ତେଣୁ ରାଜନୈତିକ କ୍ଷେତ୍ରରେ ମଧ୍ୟ ଏହାର ବହୁତ ପ୍ରଭାବ ରହିଛି । ଏଇ ଦୁଇଟି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଭାରତ ସରକାର ଗୁରୁତ୍ୱ ଦେବା ସହିତ ବିଶ୍ୱ ଶାନ୍ତି ପ୍ରତିଷ୍ଠା ପାଇଁ ଆତଙ୍କବାଦର ମୂଳୋତ୍ପାଟନ ଦିଗରେ ବିଶ୍ୱ ଜନମତ ସୃଷ୍ଟି ଉଦ୍ୟମ ଆବଶ୍ୟକ । ଭାରତ ଆତଙ୍କବାଦ ମୁକ୍ତ ହେଲେ ବିକଶିତ ଭାରତ ଗଠନ ସ୍ୱପ୍ନ ଆହୁରି ସୁଦୃଢ଼ ହେବ ।

ଭୁବନେଶ୍ୱର, ମୋ: ୯୦୯୦୩୨୩୨୬୦

# ନାରୀ ଓ ବ୍ୟାୟାମ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ମଣିଷ ପ୍ରଜାତିର ଦୁଇଟି ଭିନ୍ନ ଭିନ୍ନ ଅଙ୍ଗ ହେଲେ ନାରୀ ଓ ପୁରୁଷ । ତେବେ ସେମାନଙ୍କ ମଧ୍ୟରେ ରହିଛି ଅନେକ ପ୍ରଭେଦ । ଶାରୀରିକ ଗଠନ ଓ ଚୟାପଚୟନଠାରୁ ଆରମ୍ଭ କରି ମାନସିକ ପ୍ରକ୍ରିୟା ପର୍ଯ୍ୟନ୍ତ ସେମାନଙ୍କୁ ଦୁଇଟି ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ରୂପେ ଉଭା କରିଛି । ତାହାକୁ ନେଇ କିପରି ଭିନ୍ନ ହୋଇଛି ସେମାନଙ୍କ ଜୀବନଧାରା, ତାହାର ଅନ୍ୟତମ ଉଦାହରଣ ହେଲା ତାଙ୍କ ଶରୀର ଆବଶ୍ୟକ କରୁଥିବା ଶାରୀରିକ ଶ୍ରମ ବା ବ୍ୟାୟାମର ବିଭିନ୍ନତା ।

ନିକଟରେ (ନଭେମ୍ବର, ୨୦୨୫) ଇଂଲଣ୍ଡର 'ବାଇଓ ବ୍ୟାଙ୍କ' ଦ୍ୱାରା ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ସୁସ୍ଥ ରହିବା ପାଇଁ ନାରୀମାନେ ପୁରୁଷମାନଙ୍କ ତୁଳନାରେ କମ୍ ବ୍ୟାୟାମ ଆବଶ୍ୟକ କରନ୍ତି । ଏହାର ଗବେଷକମାନେ ଦୀର୍ଘ ୮ ବର୍ଷ ଧରି ପ୍ରାୟ ୮୦ ହଜାର ପ୍ରାପ୍ତ ବୟସ୍କଙ୍କ ଦୈହିକ କାର୍ଯ୍ୟକଳାପ ଓ ହୃତପିଣ୍ଡର ସ୍ୱାସ୍ଥ୍ୟ ଉପରେ ଅଧ୍ୟୟନ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ସେମାନଙ୍କ ମତରେ ସପ୍ତାହକୁ ନାରୀମାନେ ୨୫୦ ମିନିଟ୍ ବା ୪ଘଣ୍ଟା ଏବଂ ପୁରୁଷମାନେ ୫୩୦ ମିନିଟ୍ ବା ୯ ଘଣ୍ଟା ବ୍ୟାୟମ କଲେ ସେମାନଙ୍କ ଠାରେ ହୃତପିଣ୍ଡ ସଂପର୍କିତ ରୋଗର ଆଶଙ୍କା ପ୍ରାୟ ୩୦ ଶତାଂଶ ହ୍ରାସ ପାଏ ।

ନାରୀ ଓ ପୁରୁଷ ଆବଶ୍ୟକ କରୁଥିବା ବ୍ୟାୟାମରେ ଏହି ତାରତମ୍ୟର ଅନ୍ୟତମ ମୁଖ୍ୟ କାରଣ ହେଲା ସେମାନଙ୍କ ହରମୋନ୍‌ର ବିଭିନ୍ନତା । ତାହା ଯଥାକ୍ରମେ ହେଲା 'ଏଷ୍ଟ୍ରୋଜେନ୍' ଓ 'ଟେଷ୍ଟୋଷ୍ଟେରୋନ୍' । ବ୍ୟାୟାମ କାଳରେ ସେମାନଙ୍କ ଠାରେ ସାମୟିକ ଏହାର ମାତ୍ରା ବୃଦ୍ଧି ଘଟେ । ପୁରୁଷମାନଙ୍କଠାରେ ଟେଷ୍ଟୋଷ୍ଟେରୋନ୍‌ର ମାଂସପେଶୀ ସୃଷ୍ଟିକାରୀ ପ୍ରଭାବ ରହିଛି । ମାଂସପେଶୀର ବସ୍ତୁତ୍ୱ ବୃଦ୍ଧି କରିବା ସହିତ ହାଡ଼ର ସାନ୍ଦ୍ରତା ବୃଦ୍ଧି କରାଏ ଏବଂ ଅଧିକ ପ୍ରଗାଢ଼ କାର୍ଯ୍ୟ କରିବା ଲାଗି ଶ୍ୱେତସାର ବ୍ୟବହାର କରି ଶକ୍ତି ଉତ୍ପାଦନ କରାଏ । ପୁରୁଷମାନଙ୍କ ହୃତପିଣ୍ଡ ଓ ଫୁସଫୁସ ଆକାରରେ ବଡ଼ ହୋଇଥିବା ବେଳେ ରକ୍ତରେ ହିମୋଗ୍ଲୋବିନ୍‌ର ସ୍ତର ମଧ୍ୟ ଉଚ୍ଚ । ଏହା ଅଧିକ ଅମ୍ଳଜାନ ଆବଶ୍ୟକ କରେ । ସେଥିପାଇଁ ସେମାନେ ଶୀଘ୍ର ହାଲିଆ ହୋଇପଡ଼ନ୍ତି ଏବଂ ସାଧାରଣ ଅବସ୍ଥାକୁ ଆସିବାକୁ ଅଧିକ ସମୟ ନିଅନ୍ତି ।

ଅନ୍ୟପକ୍ଷରେ, ନାରୀମାନଙ୍କଠାରେ 'ଓଷ୍ଟ୍ରୋଜେନ୍'ର ପ୍ରଭାବ ହେତୁ ମାଂସପେଶୀ ସେତେଟା ଅସମ ହୁଏ ନାହିଁ । ସେମାନେ ଶ୍ରମକାଳରେ ଶକ୍ତି ପାଇଁ ସ୍ନେହସାରର ଜାରଣ ଉପରେ ଅଧିକ ନିର୍ଭରଶୀଳ ହୁଅନ୍ତି । ତେଣୁ ହଠାତ୍ ହାଲିଆ ହୋଇପଡ଼ନ୍ତି ନାହିଁ । ସେମାନଙ୍କ ହିମୋଗ୍ଲୋବିନ୍ ସ୍ତର କମ ଏବଂ ହୃତପିଣ୍ଡ ତୁଳନାତ୍ମକ ଭାବେ ସାନ । ଏଣୁ ବ୍ୟାୟାମ ବା ଶାରୀରିକ ଶ୍ରମ କାଳରେ ସେମାନଙ୍କ ହୃତ୍‌ସ୍ପନ୍ଦନ ହାର ପୁରୁଷ ତୁଳନାରେ ଅଧିକ ହୁଏ । ତେଣୁ ସେମାନେ ଶୀଘ୍ର ହାଲିଆ ହେବା ସ୍ଥିତିରୁ ମୁକୁଳି ଆସନ୍ତି ।

'ଜେଣ୍ଡର ଇକ୍ୱ୍ୟଇଟି ପଲିସି ଇନଷ୍ଟିଚ୍ୟୁଟ' ଦ୍ୱାରା ୨୦୨୪ ମସିହାରେ ଅନୁଷ୍ଠିତ ଆକଳନ ଅନୁସାରେ ଦୈନନ୍ଦିନ ଜୀବନରେ ନାରୀମାନେ ପୁରୁଷମାନଙ୍କ ତୁଳନାରେ ୧୩ ଶତାଂଶ କମ୍ ବିଶ୍ରାମ ସମୟ ପାଆନ୍ତି । କାରଣ ସେମାନେ ଅନେକ ସମୟ ଧରି ଗୃହକର୍ମରେ ଲିପ୍ତ ରହନ୍ତି । ତେବେ ଏ କାମ ଏତେଟା କଠୋର ନୁହେଁ । ଏହା ସତ୍ତ୍ୱେ ବି ଯେତିକି ଶାରୀରିକ ଶ୍ରମ ବା ବ୍ୟାୟାମ ନାରୀମାନଙ୍କର ସର୍ବନିମ୍ନ ଆବଶ୍ୟକତା, ସେମାନଙ୍କ ମଧ୍ୟରୁ ୪୩ ଶତାଂଶ ତାହା କରନ୍ତି ନାହିଁ । ତେବେ ଶ୍ରମଜୀବୀ ମହିଳାଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଉଥିବା ଦୃଷ୍ଟିରୁ ୨୦୩୦ ମସିହା ବେଳକୁ ଏହା ୩୨ ଶତାଂଶକୁ ହ୍ରାସ ପାଇବ ବୋଲି ମନେ କରାଯାଏ । ପୁରୁଷମାନଙ୍କ କ୍ଷେତ୍ରରେ ତାହା ଯଥାକ୍ରମେ ୨୭ ଶତାଂଶ ଓ ୧୯ ଶତାଂଶ ।

କେବଳ ଭାରତୀୟ ମହିଳା କାହିଁକି, ସାରା ବିଶ୍ୱର ସମସ୍ତ ପ୍ରାପ୍ତବୟସ୍କଙ୍କ ମଧ୍ୟରୁ ୩୧ ଶତାଂଶ, ଅର୍ଥାତ୍ ୧.୮ ବିଲିୟନ ୨୦୨୨ ମସିହା ବେଳକୁ ଆବଶ୍ୟକସ୍ତରର ବ୍ୟାୟାମ ବା ଶାରୀରିକ ଶ୍ରମ କରୁ ନଥିଲେ । ଏଣୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ସେମାନଙ୍କୁ ସପ୍ତାହକୁ ଅତିକମ୍‌ରେ୧୫୦ ମିନିଟ ସାଧାରଣ ଭାବେ କିମ୍ବା ୭୫ ମିନିଟ୍ କଠିନ ଭାବେ ଶ୍ରମ କରିବାକୁ ଉପଦେଶ ଦେଇଛି ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



କୋରୁକୋଣ୍ଡା, ୧୫।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସ୍ଥିତ ନାକାମାମୁଡ଼ି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମୀ ରଞ୍ଜନ ସେନାପତି ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ବିଭିନ୍ନ ସମସ୍ୟା ନେଇ ଆସିଥିବା ଜନ ସାଧାରଣଙ୍କ ଅଭିଯୋଗ ଗୁଡିକୁ ଶୁଣିଥିଲେ। ଏହି ଶିବିରରେ ମୋଟ ୧୧୩ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ୫୨ ଗୋଟି ବ୍ୟକ୍ତିଗତ ଥିବା ବେଳେ ୬୧ଟି ସାମୂହିକ ଅଭିଯୋଗ ରହିଥିଲା। ବିଭିନ୍ନ ଯୋଜନାର ହାତ ପାହାନ୍ତାରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ୍ ଆୟୋଜନ କରାଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର, ସରପଞ୍ଚ ଲକ୍ଷ୍ମୀ ମାଡ଼ି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରଶାଦ ଗୁରୁଙ୍କ ସମେତ ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

### ଶାନ୍ତି ବଜାୟ ରଖିବାକୁ ଅପିଲ୍ କଲେ ଜିଲ୍ଲାପାଳ, ଏସ୍‌ପି

# ରାଖାଲଗୁଡା, ମାରିୱାଡ଼ା, ନିଳିଗୁଡ଼ା ଓ ଏମ୍‌ଭି ୧୮ ଗ୍ରାମବାସୀଙ୍କ ସହ ଜିଲ୍ଲାପାଳ, ଏସ୍‌ପିଙ୍କ ଆଲୋଚନା



- ଜିଲ୍ଲାରେ ସ୍ୱାଭାବିକ ହେଲା ଇଣ୍ଟରନେଟ୍ ସେବା
- ଫେକ୍ ନିଉଜ୍, ଗୁଜବ ପ୍ରଚାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି/କୋରୁକୋଣ୍ଡା,୧୫।୧୨(ସମିସ): ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସ୍‌ପି ବିନୋଦ ପାଟିଲ ଏଚ୍ ରାଖାଲଗୁଡା, ମାରିୱାଡ଼ା, ନିଲିଗୁଡ଼ା ଓ ଏମଭି ୧୮ ଗାଁ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ ଭବିଷ୍ୟତର ପିଢ଼ି ପାଇଁ ଆମ ସମସ୍ତଙ୍କୁ ଭାଇଚାରାର ବନ୍ଧନରେ ବାନ୍ଧି ହୋଇ ରହିବାକୁ ପଡିବ। ପୁଣି ଥରେ ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାକୁ ପ୍ରୟାସ କରିବାକୁ ହେବ। ପରସ୍ପର ମଧ୍ୟରେ କଥାବାର୍ତ୍ତା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି। ନିଜ ନିଜ ମଧ୍ୟରେ ଥିବା ଭୁଲ୍ ବୁଝାମଣାକୁ ଦୂର କରିବାକୁ ହେବ ବୋଲି ଆଜି ୪ଟି ଗ୍ରାମର ଗ୍ରାମବାସୀଙ୍କୁ ବୁଝାଇଛନ୍ତି ଜିଲ୍ଲାପାଳ। ଯେ କୌଣସି ପ୍ରକାର ଆଇନଶୃଙ୍ଖଳା ସମ୍ପର୍କୀତ ବିଷୟ ଗୁଡ଼ିକୁ ସିଧାସଳଖ ଏସ୍‌ପିଙ୍କୁ ଅବଗତ କରାଇବାକୁ ଏସ୍‌ପି କହିଛନ୍ତି। ବର୍ତ୍ତମାନ ଭଳି ସମ୍ବେଦନଶୀଳ ପରିସ୍ଥିତିରେ ସୋସିଆଲ ମିଡିଆରେ ଫେକ୍ ନିଉଜ୍ କିମ୍ବା ଗୁଜବ ପ୍ରଚାର କରି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବା ନାହିଁ ବୋଲି ଲୋକଙ୍କୁ ସଚେତନ କରିଛନ୍ତି ଏସ୍‌ପି। ଫେକ୍ ନିଉଜ୍ କିମ୍ବା ଗୁଜବ ପ୍ରଚାରକାରିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଏସ୍‌ପି ଏହି ଅବସରରେ କହିଛନ୍ତି। ଏଥି ସହିତ ଜିଲ୍ଲାପାଳ ଗ୍ରାମବାସୀଙ୍କର ଗ୍ରାମରେ ରହିଥିବା ମୌଳିକ ସମସ୍ୟା ଗୁଡ଼ିକୁ ଶୁଣିଥିଲେ। ଆଦିବାସୀଙ୍କ ଘରଡିହ ପଟ୍ଟା ଶୀଘ୍ର ପ୍ରଦାନ କରିବାରେ ତତ୍ପର ହେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ନିଲିଗୁଡ଼ା ଗ୍ରାମରେ ଡ୍ରପ୍ ଆଉଟ୍ ହୋଇଥିବା ଏକ ଛାତ୍ରୀ ବିଷୟରେ ଜାଣିବାକୁ ପାଇଥିଲେ ଜିଲ୍ଲାପାଳ। ତୁରନ୍ତ ହଷ୍ଟେଲ ବ୍ୟବସ୍ଥା ଥିବା ନିକଟସ୍ଥ ବିଦ୍ୟାଳୟରେ ତାଙ୍କ ନାମ ଲେଖାଇବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ସେହି ସମୟରେ ଗ୍ରାମରେ ଉପସ୍ଥିତ ଥିବା ଅଭିଭାବକ ମାନଙ୍କୁ ଶିକ୍ଷାର ଗୁରୁତ୍ୱ ଓ ନାରୀ ଶିକ୍ଷା କେତେ ଜରୁରୀ ବୁଝାଇଥିଲେ ଜିଲ୍ଲାପାଳ। ଜିଲ୍ଲାପାଳ ଓ ଏସ୍‌ପିଙ୍କ କଥା ମାନି ପରସ୍ପର ମଧ୍ୟରେ ଭାଇଚାରା ବଜାୟ ରଖିବେ ବୋଲି ଗ୍ରାମବାସୀ ସହମତି ପ୍ରକାଶ କରିଛନ୍ତି।

## ଖରିଫ୍ ଧାନ କ୍ରୟ ପାଇଁ ସଚେତନତା ରଥର ଶୁଭାରମ୍ଭ



କୋରାପୁଟ,୧୫।୧୨(ସମିସ): ୨୦୨୫-୨୬ ଖରିଫ ଧାନ କ୍ରୟ ନିମନ୍ତେ କୋରାପୁଟ ନୀୟନ୍ତ୍ରିତ ବଜାର କମିଟି (ଆରଏମସି) ଦ୍ୱାରା କୃଷକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଆକାଉଣ୍ଟାଣ୍ଟ ଅଜୟ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଗୌରୀ ଶଙ୍କର ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ କୃଷକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ବଜାର କମିଟି ଦ୍ୱାରା ଦୁଇଟି ସଚେତନତା ରଥ କୋରାପୁଟ ଉପଖଣ୍ଡର ବନ୍ଧୁଗାଁ, ନାରାୟଣପାଟଣା, ଲକ୍ଷ୍ମୀପୁର, ଦଶମନ୍ତପୁର, କୋରାପୁଟ, ସେମିଲିଗୁଡା, ଲମତାପୁଟ, ନନ୍ଦପୁର ଏବଂ ପଟ୍ଟାଙ୍ଗୀ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଖରିଫ ଧାନ କେବଳ ମଣ୍ଡିରେ ବିକ୍ରି କରି ସଠିକ୍ ଦର ପାଇବାକୁ ସଚେତନ କରିବ ବୋଲି ଜଣାପଡିଛି। ଆରଏମସି କର୍ମଚାରୀ ସତ୍ୟ ନାରାୟଣ ମହାପାତ୍ର, ପ୍ରଫୁଲ ଦେବତା, ବିନୋଦ ପଟ୍ଟନାୟକ, ରମାକାନ୍ତ କଂସାରୀ, ଭରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



### ● ଜିଆଇଇଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହ

# ‘ଅଭିନବ ଚିନ୍ତାଧାରା ଓ କଠିନ ପରିଶ୍ରମ ସଫଳତାର ଚାବିକାଠି’




ଗୁଣୁପୁର, ୧୫।୧୨(ସମିସ): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା ଆନୁଷ୍ଠାନିକ ଭାବେ ସମାବର୍ତ୍ତନ ଉତ୍ସବର ଶୁଭାରମ୍ଭ ଘୋଷଣା କରିଥିଲେ। ବିଶ୍ୱବିଦ୍ୟାଳୟର ଉପ-କୁଳପତି ଡ଼ ଏଭିଏନଏଲ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ଓ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଅବଗତ କରିଥିଲେ। ପ୍ରୋ ଚାନ୍ସେଲର ପ୍ରଫେସର ଡ. ଲଳିତ ମୋହନ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ଗବେଷଣା ମାଧ୍ୟମରେ ସକାରାମକ ଚିନ୍ତାଧାରା ସୃଷ୍ଟି କରିବା ସହ ଶିକ୍ଷା ଓ ଆଧୁନିକ ଚିନ୍ତା ଦ୍ୱାରା ସମାଜ ସେବା ପାଇଁ କହିଥିଲେ। ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା ଯୋଗଦେଇ ବିଜ୍ଞାନ ଓ ବୈଷୟିକ ଗବେଷଣା କ୍ଷେତ୍ରରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି ବୋଲି କହିବା ସହ କଠିନ ପରିଶ୍ରମ ଓ ଏକାଗ୍ରତା ଦ୍ୱାରା ଲକ୍ଷ୍ୟ ହାସଲ କରି ଭାରତକୁ ଏକ ମହାନ ଦେଶ ଭାବେ ଗଢିବାକୁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ତଥା ବିଶ୍ୱ ପାଣିପାଗ ସଂଗଠନର ତୃତୀୟ ଉପ ସଭାପତି ଡ. ମୃତ୍ୟୁଞ୍ଜୟ ମହାପାତ୍ର ଯୋଗ ଦେଇ ୧୫ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ସହ ସ୍ନାତକରେ ୩୬୦ ଜଣଙ୍କୁ ଓ ସ୍ନାତକୋତ୍ତରରେ ୧୭୦ ଜଣଙ୍କ ସହ ୩୦ ଜଣଙ୍କୁ ପିଏଚଡି ଡିଗ୍ରୀ ପ୍ରଦାନ କରିଛନ୍ତି। ଏହା ସହ ବଳରାମ ପଣ୍ଡା ସ୍ମାରକୀ ପୁରସ୍କାର ୩ ଜଣ ଓ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ କୃତିତ୍ୱ ପାଇଁ ୩ ଜଣଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ବିଶ୍ୱବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଓ ଅବଦାନ ପାଇଁ ପ୍ରଶଂସା କରିବା ସହ ଅଭିନବ ଚିନ୍ତାଧାରା ସଫଳତାର ଚାବିକାଠି ଓ ସାଂପ୍ରତିକ ବିଷୟରେ ଗବେଷଣା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଆଇଟି ରାୟପୁରର ନିର୍ଦ୍ଦେଶକ ଡ. ଏନ୍ ଭି ରାମାନା ରାଓ ଯୋଗ ଦେଇ ଉଚ୍ଚ, ନୂତନ ଚିନ୍ତାଧାରା ଓ ଗବେଷଣା ମାଧ୍ୟମରେ ସମାଜର ଉନ୍ନତି ପାଇଁ ଆଗକୁ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର , ବିଶ୍ୱ ବିଦ୍ୟାଳୟର ବୋଡର୍ ସଦସ୍ୟ ବୃନ୍ଦ, ସଂଯୋଜକ ଡ. ରାଧାକୃଷ୍ଣ ପାଢ଼ୀ, ସମସ୍ତ ବିଭାଗର ଡିନ, ବିଭାଗର ମୁଖ୍ୟ, ଅଧ୍ୟାପକ ,ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ରେଜିଷ୍ଟ୍ରାର ଡ. ଏନ୍.ଭି.ଜଗନ୍ନାଧା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣୀଡୁଡୁମା ରାସ୍ତା ଅସ୍ଥାୟୀ ମରାମତି ଆରମ୍ଭ



ନନ୍ଦପୁର, ୧୫।୧୨ (ସମିସ): ବହୁ ଉଦ୍ୟମ ପରେ ରଣୀଡୁଡୁମା ରାସ୍ତା ଅସ୍ଥାୟୀ ମରାମତି ଆରମ୍ଭ ହୋଇଛି। ଗତ କିଛିଦିନ ହେବ ପର୍ଯ୍ୟଟନ ସ୍ଥଳୀ ରାଣୀ ଡୁଡୁମାରେ ଅସଂଖ୍ୟ ଜନ ସମୁଦ୍ର ଦେଖିବାକୁ ମିଳିଥିଲା। ଜିଲ୍ଲା ତଥା ଜିଲ୍ଲା ବାହାରୁ ଓ ପଡୋଶୀ ରାଜ୍ୟ ମାନଙ୍କରୁ ସହ ସହ ସଂଖ୍ୟାରେ ଚାରି ଚକିଆଯାନରେ ରାଣୀ ଡୁଡୁମାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ଲାଗି ପର୍ଯ୍ୟଟକ ମାନଙ୍କ ଭିଡ଼ ଜମୁଛି। ଝରଣା ନିକଟକୁ ଯିବା ରାସ୍ତା ଯାହା ସ୍ଥାନୀୟ ଭୈରବ ମନ୍ଦିର ନିକଟରୁ ପ୍ରାୟ ୭୦୦ ମିଟର ଖାଲଖମା ପୂର୍ଣ୍ଣ ରାସ୍ତାକୁ ଆଜି ମୋରମ ପକାଇ ପର୍ଯ୍ୟଟକଙ୍କ ଯାତାୟାତ ନିମନ୍ତେ ଅସ୍ଥାୟୀ ମରାମତି ଆରମ୍ଭ କରାଯାଇଥିବା ନନ୍ଦପୁର ପର୍ଯ୍ୟଟନ ବିକାଶ ପରିଷଦର ଉପ ସଭାପତି ଗୋପାଳକୃଷ୍ଣ ବେବର୍ତ୍ତା ମତ ପ୍ରକାଶ କରିଛନ୍ତି। ମରାମତି ସହ ଆଗକୁ ନୂଆ ବର୍ଷ ଉପଲକ୍ଷେ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିବା ଆଶା କରାଯାଇ ଅତିରିକ୍ତ ଗାଡି ପାର୍କିଂ ବ୍ୟବସ୍ଥା କରିବା ସହ ପର୍ଯ୍ୟଟନ ସ୍ଥଳକୁ ସଂଯୋଗ କରୁଥିବା ରାସ୍ତାକୁ ଲମ୍ବିଥିବା ଗଛ ଡ଼ାଳ ଗୁଡ଼ିକୁ କାଟି ସଫା କରାଯିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏହା ଛଡ଼ା ଆଗନ୍ତୁକ ମାନଙ୍କ ସମସ୍ତ ସୁବିଧା ସୁଯୋଗ ସୁନିଶ୍ଚିତ କରିବା ଲାଗି ବିକାଶ ପରିଷଦ ଦୃଢ଼ ନିଷ୍ପତି ନେଇଛି ବୋଲି ମଧ୍ୟ ମନ୍ତବ୍ୟ ଦେଇଛନ୍ତି।

## ଜନ ଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର ୧୫।୧୨ (ସମିସ): ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର , ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୪ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ୨ଟି ଅଭିଯୋଗର ସମାଧାନ ତତ୍କ୍ଷଣାତ କରାଯାଇଥିଲା।

### ନନ୍ଦପୁର ବ୍ଲକ୍‌ରେ ବିଜେଡିର କର୍ମୀ ସମ୍ମିଳନୀ

# ସବୁ ମନାନ୍ତର ଭୁଲି ଦଳକୁ ସୁଦୃଢ କରିବାକୁ ପୂର୍ବତନ ବିଧାୟକଙ୍କ ଆହ୍ୱାନ



ନନ୍ଦପୁର,୧୫।୧୨ (ସମିସ): ନନ୍ଦପୁର ବ୍ଲକରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ୨୪ ବର୍ଷ ଧରି ବିଜେଡି ଶାସନରେ ଓଡ଼ିଶାରେ ଗରିବଙ୍କ ସେବାରେ ପ୍ରିୟ ନବୀନ ବାବୁଙ୍କ ଗୁଣ ଗାନ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ବିଜୁ କର୍ମୀ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଦେଢ଼ ବର୍ଷ ମଧ୍ୟରେ ବିଜେପି ସରକାର ଗୋଟିଏ ମଧ୍ୟ ପ୍ରତିଶ୍ରୁତି ପାଳନ କରି ନଥିବାରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ବିଜୁ କର୍ମୀ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ କୋରାପୁଟ ପୂର୍ବତନ ବିଧାୟକ ଶ୍ରୀ ପଡ଼ାଲ। ସବୁ ମାନ ଅଭିମାନ, ମନାନ୍ତର ଭୁଲି ଏକାଠି ହୋଇ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସଜବାଜ ହେବା ସହ ତୃଣମୂଳ ସ୍ତରରେ ଲୋକଙ୍କ ସହ ରହିବାକୁ ସେ ଆହ୍ୱାନ ଦେଇଥିଲେ। ନନ୍ଦପୁର ୫ ବ୍ଲକ ପରି ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଏପରି କର୍ମୀ ସମ୍ମିଳନୀ ଆୟୋଜିତ କରି ସଂଗଠନକୁ ମଜଭୁତ କରିବାକୁ ଯୁବ ଗୋଷ୍ଠୀକୁ ସେ ଆହ୍ୱାନ ଦେଇଛନ୍ତି। ଶ୍ରୀ ମାଝୀ ରାଜ୍ୟର ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ସମସ୍ତ ପ୍ରତିଶ୍ରୁତିକୁ ନେଇ ଓଡ଼ିଶା ବାସୀଙ୍କୁ ଯେଉଁ ଭୁଆଁ ବୁଲାଇଛନ୍ତି, ଆଗାମୀ ଦିନରେ ସରକାରଙ୍କ ମୁଖା ଖୋଲାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଈଶ୍ୱରଚନ୍ଦ୍ର ପାଣିଗ୍ରାହୀ, ନୂତନ ଜିଲ୍ଲା ସଭାପତି ଝିନ୍ନ ହିକ୍‌କା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପିତମ କୁମାର ପାଢ଼ି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲା ମହିଳା ସଭାପତି ପାର୍ବତୀ ମସ୍ତି, ପୂର୍ବତନ ଜିଲ୍ଲା ଏସଡିସି ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ, ବ୍ଲକ୍ ମହିଳା ସଭାନେତ୍ରୀ କୁନି ଦଳପତି, ବରିଷ୍ଠ ନେତା କାର୍ତ୍ତିକ ଖେମୁଣ୍ଡୁ, ସୁରେଶ୍ ପଟ୍ଟନାୟକ, ଜିଲ୍ଲା ମିଡ଼ିଆ ସେଲ ଈଶ୍ୱର ଅଲର୍ଡା, ସେକ ବାଜି ସମେତ ବହୁ ଯୁବ କର୍ମୀ ଯୋଗ ଦେଇଥିଲେ।

### ଦାଶ ବେନହୁର ପାଇଲେ ରାୟଗଡା ସାହିତ୍ୟ ସମ୍ମାନ

# ‘ସାହିତ୍ୟ ଅକ୍ଷରରେ ନୁହେଁ, ହୃଦୟରେ ବନ୍ଧା’



ରାୟଗଡା, ୧୫।୧୨(ସମିସ): ସାହିତ୍ୟ ସଂସ୍କୃତିର ଉଚ୍ଚତର ଅଙ୍ଗ। ସ୍ଥାପତ୍ୟ ହଜିଯିବ ଓ ନଷ୍ଟ ହୋଇଯିବ। କିନ୍ତୁ ସାହିତ୍ୟ ହଜିବନି। ସବୁ ଅସ୍ଥିର କିନ୍ତୁ ଅକ୍ଷର କୀର୍ତ୍ତି ଚିରସ୍ଥାୟୀ। ସେଥିପାଇଁ ସାହିତ୍ୟ ଅକ୍ଷରରେ ନୁହେଁ, ହୃଦୟରେ ବନ୍ଧା ବୋଲି ରାୟଗଡ଼ ସାହିତ୍ୟ ମହୋତ୍ସବ ଅବସରରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଯୁଜିଏମ ଆଇଟି ସମ୍ମିଳନୀ ପ୍ରକୋଷ୍ଠରେ ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାୟଗଡ଼ ସାହିତ୍ୟ ମହୋତ୍ସବ ୨୦୨୫ ଅବସରରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଯୋଗ ଦେଇ କହିଥିଲେ ଯେ, ସମ୍ବେଦନା ହେଉଛି ସାହିତ୍ୟର ମୂଳ ପିଣ୍ଡ। ମାଆର ସ୍ୱର ହେଉଛି ସାହିତ୍ୟର ଆଦ୍ୟ ସ୍ୱର। ଯୁଗେ ଯୁଗେ ରାମାୟଣ ସତ୍ୟର, ଗୀତା ଧର୍ମର ଏବଂ ଭାଗବତ ଭକ୍ତିର କଥା କହି ଆସୁଛି। ଜଗନ୍ନାଥ ମନ୍ଦିର ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟ ଏବଂ ଓଡ଼ିଆ ଜାତି ସଦା ସର୍ବଦା ନିଜ କଥା ନିଜେ କହି ଆସିଛି ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଡ଼ ମହାନ୍ତି ରାୟଗଡ଼ ସାହିତ୍ୟର ଇତିହାସ ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳେ ମହୋତ୍ସବର ସମ୍ପାଦକ ସୁଶାନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସାହିତ୍ୟ ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମହୋତ୍ସବ ଉପଦେଷ୍ଟା ଅଶୋକ କୁମାର ଶାରଦା ଓ ଲାବଣ୍ୟ ଶବର ରାୟଗଡା ସାହିତ୍ୟ ପରିବେଶ ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟିକ ଦାଶ ବେନହୁରଙ୍କୁ ସ୍ମାରକୀ, ଉପଢୌକନ ସହ ଦଶ ହଜାର ଟଙ୍କାର ପୁରସ୍କାର ରାଶି ସହ ଚଳିତ ବର୍ଷର ରାୟଗଡ଼ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଶ୍ରୀଧର ପଟ୍ଟନାୟକ ସଂଚାଳନ କରିଥିବା ବେଳେ ସଂଗଠନ ସମ୍ପାଦକ ଡ଼ ଦ୍ୱିତୀଚନ୍ଦ୍ର ସାହୁ ରାୟଗଡ଼ର ଗୌରବମୟ ସ୍ୱର୍ଣ୍ଣିମ ଇତିହାସ ସମ୍ପର୍କରେ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବର ମୁଖପତ୍ର ଶବ୍ଦ ରାଗ ଓ କବି ସଙ୍ଗୀତା ମିଶ୍ରଙ୍କ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବୟୋଜ୍ୟେଷ୍ଠ ସାହିତ୍ୟିକ ଶ୍ରୀରଙ୍ଗ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ପର୍ବ ଗଳ୍ପ ଅଧିବେଶନରେ ଗାଳ୍ପିକ ଶିବାଶିଷ ପାଢୀ, ଶ୍ରୀଧର ପଟ୍ଟନାୟକ ଓ ରୂପେଶ ସାହୁ ନିମନ୍ତ୍ରିତ ଗାଳ୍ପିକ ଭାବେ ଗଳ୍ପ ପଠନ ସହ ସମ୍ମାନିତ କରାଯାଇଥିଲା। ବେବିରାଣୀ ନନ୍ଦଙ୍କ ସଂଯୋଜନାରେ ପରିଚାଳିତ ଏହି ଆସରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଗାଳ୍ପିକ ଇଂ. ବିଷ୍ଣୁ ସାହୁ, ମୁଖ୍ୟବକ୍ତା ଭାବେ ଚନ୍ଦ୍ରକାନ୍ତ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ରମେଶ ଟାକ୍ରୀ, ଗାଳ୍ପିକ ରବି ପଣ୍ଡା ଓ ରବି ସ୍ୱାଇଁ ଯୋଗଦେଇ ଓଡ଼ିଆ ଗପର କ୍ରମଧାରା ସମ୍ପର୍କରେ ମତ ରଖିଥିଲେ। ଲାବଣ୍ୟ ମୋହନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସାନ୍ଧ୍ୟ ଅଧିବେଶନରେ ଦକ୍ଷିଣାଞ୍ଚଳ ଆରଡ଼ିସି ସଂଗ୍ରାମ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଚାର ସର୍ବସ୍ୱ ନ ହୋଇ ନିରଳସ ସାହିତ୍ୟ ସାଧନା କରିବାକୁ ସାହିତ୍ୟିକଙ୍କୁ ବୁଝାଇଥିଲେ। ଏହି ଅବସରରେ ବିପିନ ବିହାରୀ ବିଶ୍ୱାଳ ଙ୍କ ଅଧ୍ୟକ୍ଷତାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାର କବି ଯୋଗଦେଇ କବିତା ପାଠ କରିଥିଲେ। ଏଥିରେ କବି ପ୍ରୀତିଧାରା ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କବି ମାଧୁରୀ ପଣ୍ଡା, ରବି ଶତପଥି, ବିଜୟ ପ୍ରଧାନ ଯୋଗଦେଇ ଓଡ଼ିଆ କବିତା ଉପରେ ନିଜର ମତ ରଖିଥିଲେ। ଅରୁଣ ଲେଙ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ନିରଞ୍ଜନ ନାୟକ ଏହାକୁ ସଂଚାଳନ କରିଥିଲେ। କବି ମହାଶ୍ୱେତା ପାଣିଗ୍ରାହୀ, ସସ୍ମିତା ମିଶ୍ର, କଲ୍ୟାଣୀ ସାସମଲ, ରବି ଶତପଥି, ଅରୁଣ ପାଣିଗ୍ରାହୀ, ତ୍ରିବେଣୀ ମିଶ୍ର, ସସ୍ମିତା ଆଚାର୍ଯ୍ୟ, ପ୍ରଶାନ୍ତି ସାହୁ ପ୍ରମୁଖ ସଂଯୋଜନା କରିଥିଲେ।

## ବିଷମକଟକରେ ଏବିଭିପିର ବୈଠକ



ବିଷମକଟକ,୧୫।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସହରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏଭିବିପି) ତରଫରୁ ପ୍ରଥମ ଥର ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶ ର ସର୍ବ ବୃହତ ଛାତ୍ର ସଂଗଠନ ବିଷୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଂଗଠନ ବିଭାଗ ମନ୍ତ୍ରୀ ସଞ୍ଜୟ ମଲ୍ଲିକ ବିଷମକଟକରେ ପହଞ୍ଚି ଡୁକୁମ ରୋଡ଼ ସ୍ଥିତ ଶିଶୁ ମନ୍ଦିର ବିଦ୍ୟାଳୟ ପ୍ରାଙ୍ଗଣରେ ବୈଠକ କରିଛନ୍ତି। ସମାଜ ଓ ଦେଶ ଗଠନରେ ଛାତ୍ର ମାନଙ୍କ ଭୂମିକା ଗୁରୁତପୂର୍ଣ୍ଣ ଅଟେ। ବିଷମକଟକର ବିଭିନ୍ନ ବିଦ୍ୟାଳୟ ସମେତ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଏହି ସଂଗଠନରେ ଯୋଡିବା ଏବଂ ସମାଜ ନିର୍ମାଣ ପାଇଁ ଛାତ୍ର ଛାତ୍ରୀ ମାନଙ୍କ ଭୂମିକାକୁ ନେଇ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସ୍ୱୟଂ ସେବକ ସଂଘର ବରିଷ୍ଠ ସଦସ୍ୟ ମକରଧ୍ୱଜ ଉତ୍ତରାସିଲି, ସମ୍ମାନିତ ଅତିଥି ରୂପେ ଖଣ୍ଡ ସଂଘ ଚାଳକ ନେତ୍ରାନନ୍ଦ ଶତପଥୀ ମୁଖ୍ୟବକ୍ତା ଭାବେ ଭାବେ ଯୋଗ ଦେଇଥିବା ବେଳେ ଏବିଭିପି ସଂଘଠନର ରାୟଗଡା ଓ ଗଜପତି ଜିଲ୍ଲା ବିଭାଗ ସଂଗଠନ ମନ୍ତ୍ରୀ ସଞ୍ଜୟ ମଲ୍ଲିକ ବୈଠକ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱୟଂ ସେବକ ସଂଘର ଅନିଲ କୁମାର ସାହୁ, ଗୋ-ସେବକ ସୁବୋଧ ପ୍ରଧାନୀ, ଶୁଭମ ମହାପାତ୍ର ଏବଂ ସ୍ଥାନୀୟ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଆଜି ବିଷମକଟକ ଠାରେ ଏବିଭିପିର ମୂଳଦୁଆ ସ୍ଥାପନ ହେଲା ଏବଂ ଆଗାମୀ ଦିନରେ ଦେଶ ହିତର ମୂଳ ଉଦ୍ଦେଶ୍ୟ ନେଇ ବିଷମକଟକ ଅଞ୍ଚଳରେ ରହିଥିବା ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ଏହି ସଂସଦରେ ସାମିଲ କରାଯିବ ବୋଲି ଶ୍ରୀ ଉତ୍ତରାସିଲି ପ୍ରକାଶ କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଶୁଭାରମ୍ଭ

ନବରଙ୍ଗପୁର,୧୫।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥ ଆଧ୍ୟାତ୍ମିକ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ରଥମେ ପର୍ଯ୍ୟଟନ ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାକୁ ମିଳିଥିବା ୧୪୮ ଜଣଙ୍କ ଲକ୍ଷ୍ୟଧାର୍ଯ୍ୟ ମଧ୍ୟରୁ ୧୪୪ ଜଣ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଉପଯୁକ୍ତ ବୋଲି ବିବେଚିତ ହୋଇ ୫ ଜଣ ନୋଡାଲ ଅଧିକାରୀଙ୍କ ସହ ରାୟଗଡ଼ା ରେଳ ଷ୍ଟେସନ ଅଭିମୁଖେ



ଯାତ୍ରା କରିଛନ୍ତି। ରାୟଗଡ଼ା ଠାରୁ ତୀର୍ଥଯାତ୍ରୀ ମାନେ ୧୫ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ରାମେଶ୍ୱରମ ଓ ମଦୁରାଇ ତୀର୍ଥକ୍ଷେତ୍ର ଅଭିମୁଖେ ଯାତ୍ରା କରିବେ। କାର୍ଯ୍ୟକ୍ରମରେ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ତୀର୍ଥଯାତ୍ରାର ଶୁଭାରମ୍ଭ କରିବା ସହିତ ଏହି ଅବସରରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ସାହୁ ଓ ଭାରପ୍ରାପ୍ତ ପର୍ଯ୍ୟ ଟନ ଅଧିକାରୀ ଘାସିଆ ହରିଜନ ସହ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ଗରିବ ଓ ଅସହାୟ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଅମୂଲ୍ୟ ଆଧ୍ୟାତ୍ମିକ ତୀର୍ଥଯାତ୍ରାର ସୁଯୋଗ ସୃଷ୍ଟି ହୋଇଛି।

# ରାମେଶ୍ୱରମ-ମଦୁରାଇକୁ ୭୭୫ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଆରମ୍ଭ

## ରେଳଷ୍ଟେସନରେ ଶୁଭେଚ୍ଛା ଜଣାଇଲେ ଉପମୁଖ୍ୟମନ୍ତ୍ରୀ

ରାୟଗଡା,୧୫ ।୧୨(ସମିସ): ବରିଷ୍ଠ ନାଗରିକ ତୀର୍ଥ ଯୋଜନାରେ ବରିଷ୍ଠ ନାଗରିକ ଯାତ୍ରାକୁ ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ା । ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣରେ ଯାଇଛନ୍ତି ୭୭୫ ଜଣ ବରିଷ୍ଠ ନାଗରିକ। ଦକ୍ଷିଣ-ପଶ୍ଚିମାଞ୍ଚଳ ଅନ୍ତର୍ଗତ କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲାର ୭୭୫ଜଣ ତୀର୍ଥଯାତ୍ରୀ ଓ ୨୫ ଜଣ ଏସକର୍ଟ ଆଜି ରାୟଗଡ ରେଳ ଷ୍ଟେଶନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ରାମେଶ୍ୱର ଓ ମଦୁରାଇ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀଙ୍କ ଅଧ୍ୟକ୍ଷତାରେ ରେଳ ଷ୍ଟେସନଠାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ପର୍ଯ୍ୟଟନ କମିଶନର ତଥା ଶାସନ ସଚିବ ବଳବନ୍ତ ସିଂହ, ରେଳବାଇ ଡିଆରଏମ ଅମିତାଭ ସିଂଘଲ, ଏସ୍‌ପି ସ୍ୱାତୀ ଏସ. କୁମାର ଅତିଥି ଭାବେ




ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରେଳବାଇ ଆଇଆରସିଟିସି କର୍ତ୍ତୃପକ୍ଷ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ବରିଷ୍ଠ ନାଗରିକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ମନୋଭାବ ଆସୁଥିବା ବେଳେ ସେମାନେ ତୀର୍ଥସ୍ଥାନ ଭ୍ରମଣ କରିପାରନ୍ତିନାହିଁ। ତାହା ଦୂରେଇବା ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ପର୍ଯ୍ୟଟନ ବିଭାଗ ତରଫରୁ କରାଯାଇଛି। ଏଥିରେ ରାୟଗଡା ଜିଲ୍ଲାର ୧୧୮ ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୬୮ଜଣ, ନବରଙ୍ଗପୁର ୧୪୮ଜଣ, ମାଲକାନଗିରି ୭୫, ନୂଆପଡା ଜିଲ୍ଲାର ୭୪ ମଧ୍ୟ ଏବଂ କଳାହାଣ୍ଡିର ୧୯୨ ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା କରିଛନ୍ତି। ଗତକାଲି ଉକ୍ତ ଛଅଟି ଜିଲାରେ ତୀର୍ଥଯାତ୍ରୀଙ୍କୁ ରାୟଗଡାରେ ରହଣି ବ୍ୟବସ୍ଥା କରାଯାଇଥିବା ବେଳେ ସଂଧ୍ୟାରେ ଭଜନ ସନ୍ଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ଦାବିହୀନ ଜମାରାଶି ସୁରକ୍ଷା ସଚେତନତା ଶିବିର

ରାୟଗଡ଼ା,୧୫।୧୨(ସମିସ): ଅଗ୍ରଣୀ ବ୍ୟାଙ୍କ କାର୍ଯ୍ୟାଳୟ, ରାୟଗଡା ଆନୁକୁଲ୍ୟରେ ସୋମବାର ସ୍ଥାନୀୟ ପୌରପରିଷଦ ଭବନ ପରିସରରେ ଦାବିହୀନ ଜମାରାଶି ସୁରକ୍ଷା ସଚେତନା ଶିବିର 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କରୁ ତନ୍ମୟ ଜୟସ୍ୱାଲ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଉତ୍ତର କୁମାର ପଟେଲ, ୟୁନିଅନ ବ୍ୟାଙ୍କର ଉପ-ଆଞ୍ଚଳିକ ପ୍ରବନ୍ଧକ ପ୍ରଭାବ କୁମାର ସିହ୍ନା, ଓଡିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଦେବେଶ୍ ରଞ୍ଜନ ଧର ଯୋଗ ଦେଇଥିଲେ।



ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ ନକରି ସଭା ଆରମ୍ଭ କରିଥିଲେ। ପରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ତନ୍ମୟ ଜୟସ୍ୱାଲ ରିଜର୍ଭ ବ୍ୟାଙ୍କର ଉଦଗମ୍ୟ ପୋର୍ଟାଲ ବ୍ୟବହାର କରି ଯେକୌଣସି ବ୍ୟକ୍ତିର ଜନ୍ମ ତାରିଖ ଓ କାର୍ଡ ମାଧ୍ୟମରେ କିପରି ଦାବିହୀନ ପୁଞ୍ଜି ସମ୍ପର୍କିତ ତଥ୍ୟ ହାସଲ କରିହେବ ଜଣାଇଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କର ପ୍ରବନ୍ଧର ଗ୍ରାମାଞ୍ଚଳର ଉପଭୋକ୍ତା ମାନେ ଗ୍ରାହକ ସେବା କେନ୍ଦ୍ରରେ ବି ତଥ୍ୟ ହାସଲ କରି ପାରିବେ କହିଥିଲେ। ପ୍ରଭାକା ରସିହ୍ନା ଦାବିହାନୀ ପୁଞ୍ଜିକୁ କିପରି ଦାବି କରିପାରିବେ ବିଶଦ୍ ଭାବେ ବୁଝାଇଥିଲେ। ଦେବେଶ ଧର କେୱାଇସିର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଅଗ୍ରଣୀ ପ୍ରବନ୍ଧକ ଦେବେନ୍ଦ୍ର କୁମାର ବାଉରୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଆମ ପୁଞ୍ଜି, ଆମ ଅଧିକାର ସହାୟକ ପୁସ୍ତିକ୍ତା ଉନ୍ମୋଚନ କରାଯାଇ ଉପଭୋକ୍ତାଙ୍କ ଗହଣରେ ବିତିରଣ କରାଯାଥିଲା। ରାୟଗଡା ଦଶଟି ବିଭିନ୍ନ ବ୍ୟାଙ୍କ ଏଥିରେ ଅଂଶଗ୍ରହଣ କରିଥଲେ। ଏସବିଆଇର ୫ ଟି ଜମିଖାତା ମୂଲ୍ୟ- ୩୧.୨୪ ଲକ୍ଷ ଟଙ୍କା , ୟୁବିଆଇର ୧୧ ଟି ଜମି ଖାତାର ୩.୬୭ ଲକ୍ଷ ଟଙ୍କାର, ବିଓଆଇର ୫ ଟି ଜମାଖାତାର ୮.୫୨ ଲକ୍ଷ ଟଙ୍କା ଓ ବିଓବିର ୧ ଟି ଜମାଖାତାରୁ ୧୬୩୩ ଟଙ୍କାରୁ ପୁନଃ ସକ୍ରିୟ କରାଯାଇଥିଲା। ସୁରେନ୍ଦ୍ର କୁମାର ଜାଲ୍ ଧନ୍ୟବାଦ ଅର୍ପଣ କରିଥିଲେ। ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟର ସଂସାର ଧଳ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**• ବିଦ୍ୟାଳୟ ପାଣି ଟାଙ୍କିରେ ବିଷ ମିଶିବା ଘଟଣା**

# ଖବର ପ୍ରକାଶନ ନକରିବା ପାଇଁ ସହକାରୀ ଶିକ୍ଷକଙ୍କ ଚାପ !

ମାଥିଲି,୧୫ ।୧୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ ସିନ୍ଧାବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଣି ଟାଙ୍କିରେ ଗତ ଗୁରୁବାର ଦିନ କେହି ଦୁର୍ବୃତ୍ତ ବିଷ ପକାଇଥିବା ଥାନାରେ ଅଭିଯୋଗ କରିଛନ୍ତି ବିଦ୍ୟାଳୟର ପ୍ରଧାନଶିକ୍ଷକ। ସୂଚନା ନେବାରୁ ଗତ ଗୁରୁବାର ଦିନ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ରୋଷେଇ କରିବା ପାଇଁ ରୋଷେୟା ମାନେ ପାଣି ସଂଗ୍ରହ କରିବା ପାଇଁ ପାଣି ଟ୍ୟାପ ଖୋଲିଲା ପରେ ସାବୁନ ଫେଣ ପରି ବାହାରିବା ସହିତ ଦୁର୍ଗନ୍ଧ ହୋଇଥିଲା। ରୋଷେୟା ମାନେ ଏପରି ଦେଖିବା ପରେ ସନ୍ଦେହ ହୋଇଥିଲା। ସଙ୍ଗେ ସଙ୍ଗେ ରୋଷେୟା ମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକ ମାନଙ୍କୁ ପାଣି ଦେଖାଇଥିଲେ। ପ୍ରଧାନ ଶିକ୍ଷକ ରୋଷେୟା ମାନଙ୍କୁ ଏହି ପାଣିରେ ରୋଷେଇ କରିବା ପାଇଁ ବାରଣ କରିବା ସହିତ ସଙ୍ଗେ ସଙ୍ଗେ ସେହି ପାଣିକୁ ସଂଗ୍ରହ କରି ମାଥିଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନ ଥାନାରେ ଏକ ଟିମ ଗଠନ କରିଥିଲେ। ମାଥିଲି ଥାନା ପୋଲିସ ଟିମ ମୁଖ୍ୟ ଇନ୍ସପେକ୍ଟର ମନୋରଞ୍ଜନ ପ୍ରଧାନ ଓ ପୋଲିସ ଟିମ ବିଦ୍ୟାଳୟରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ପରେ ମାଥିଲି ଥାନା କେଶ ନମ୍ବର ୨୫୮/୨୫ରେ ଏକ ମାମଲା ରୁଜୁ କରି ପାଣି ସଂଗ୍ରହ କରି ଅଧିକ ତଦନ୍ତ ଆରମ୍ଭ କରିଛି। ବିଦ୍ୟାଳୟରେ ଏପରି ସମ୍ବେଦନଶୀଳ ସମୟରେ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ସଞ୍ଜୟ କୁମାର ରାଏସିଂ ଏହି ଖବରକୁ ପ୍ରସାରଣ ନକରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବସି ସାମ୍ବାଦିକଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଫୋନ ଯୋଗେ ସେ ଏହି ଚାପ ପକାଇଥିବା ବେଳେ ଏହାର ଫୋନ କଲ ରେକର୍ଡ ମଧ୍ୟ ରହିଛି। ଏହି ଚାପ ସତ୍ୱେ 'ସକାଳ' ଖବରକାଗଜରେ ଗତ ୧୨ ତାରିଖରେ ଉକ୍ତ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ସମ୍ପୃକ୍ତ ସହକାରୀ ଶିକ୍ଷକ ଶ୍ରୀ ରାଏସିଂ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଓ ସଦସ୍ୟ ମାନଙ୍କୁ ଖବରଟିକୁ ବିକୃତ କରି ପ୍ରକାଶିତ ହୋଇଛି ଏବଂ ସାମ୍ବାଦିକ ଜଣଙ୍କ ସମ୍ପୃକ୍ତ ଶିକ୍ଷକଙ୍କୁ ବାରମ୍ବାର ପଇସା ମାଗୁଛି ବୋଲି ମିଥ୍ୟା କଥା କହି ପରିଚାଳନା କମିଟିର ସଦସ୍ୟ ମାନଙ୍କୁ ଉତ୍ତ୍ୟକ୍ତ କରାଇଥିଲେ। ଏହା ସହ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ଦ୍ୱାରା ସାମ୍ବାଦିକଙ୍କୁ ଫୋନ କରାଇ ବିଦ୍ୟାଳୟର ଖବର ବାହାର କରିବା ପାଇଁ ଆପଣଙ୍କୁ କିଏ କହିଲା, ଖବର ବାହାର କରିବା ପୂର୍ବରୁ ଆମକୁ କାହିଁକି ପଚାରିଲେ ନାହିଁ ବୋଲି ଧମକ ଦେଉଥିବା ଦେଖିବାକୁ ମିଳିଛି। ତେବେ ଏହି ଶିକ୍ଷକ ଜଣଙ୍କ କାହିଁକି ଏପରି କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ଶିକ୍ଷକ ଜଣଙ୍କର ଏଥିରେ କଣ ସ୍ୱାର୍ଥ ଅଛି, ଏହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିରପେକ୍ଷତା ଭାବରେ ଯଦି ତଦନ୍ତ କରାଯିବ ତାହେଲେ ପକୃତ ସତ୍ୟ ସାମ୍ନାକୁ ଆସିପାରେ ବୋଲି ବହୁ ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ ଉତ୍ସବ

ପଦ୍ମପୁର,୧୫।୧୨(ସମିସ) : ରାୟଗଡ଼ା ଜିଲ୍ଲାର ପଦ୍ମପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୨୫ବର୍ଷ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ ସମାରୋହ ୧୨ଓ ୧୩ ତାରିଖ ଦୁଇଦିନ ଧରି ପାଳିତ ହୋଇଯାଇଛି। ଏହି ସାଂସ୍କୃତିକ କାର୍ଯ୍ୟରେ ପ୍ରଥମ ଦିନ କଳସ ଯାତ୍ରାରେ ଅତିଥି ରୂପେ ସ୍ୱାମୀ ଅଖିଳାନନ୍ଦ ତୀର୍ଥ ମହାରାଜ (ମହେନ୍ଦ୍ର ଗିରି ) ସାମିଲ ହୋଇଥିଲେ। କଳସ ଯାତ୍ରାରେ ପୂର୍ବଛାତ୍ର, ମାତୃ ଭାରତୀ ଏବଂ ବର୍ତ୍ତମାନ ଅଧ୍ୟୟନ ରହିଥିବା ଶିଶୁଙ୍କ ଅଭିଭାବିକା ମାନଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବ ଛାତ୍ରମାନଙ୍କ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ଅଶୋକ ପାଢୀ, ଗ୍ରାମ୍ୟ ବିକାଶ ପୂର୍ବ କ୍ଷେତ୍ର ସଂଯୋଜକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଉପସ୍ଥିତ ରହି ଶିଶୁଙ୍କ ଭବିଷ୍ୟତ ଗଠନରେ ଯୁବ ସମାଜର ଭୂମିକା ସମ୍ପର୍କରେ ଉପସ୍ଥାପନ କରିଛନ୍ତି। ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ହୃଷିକେଶ ରଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ,ପଦ୍ମପୁର, ମୁଖ୍ୟବକ୍ତା ରୂପେ ସରୋଜ ହାତୀ, ସମ୍ପାଦକ ଶିକ୍ଷା ବିକାଶ ସମିତି ଓଡ଼ିଶା ଉପସ୍ଥିତ ରହି ପ୍ରଥମ ଦିନ କାର୍ଯ୍ୟକ୍ରମ ପରିସମାପ୍ତ ହୋଇଥିଲା। ଏହି ଅବସରରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସାହୁ , ପ୍ରଧାନ ଆଚାର୍ଯ୍ୟ, ୨୫ ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ପରେ ପରେ ଯୁଗ୍ମ ସମ୍ପାଦକ ଡାକ୍ତର ଅରୁଣ କୁମାର ମାନସିଂହ ଅତିଥି ମାନଙ୍କ ପରିଚୟ ପ୍ରଧାନ କରିଥିଲେ। ଉପସଭାପତି ପୂର୍ଣ୍ଣବାସୀ ପାଣିଗ୍ରାହୀ ସଭାର କାର୍ଯ୍ୟଭାର ପରିଚାଳନା କରିଥିଲେ। ଶିକ୍ଷାବିତଙ୍କ ଦ୍ୱାରା ଆଧୁନିକ ସମାଜରେ ବୈଦିକ ଗଣିତର ଆବଶ୍ୟକତା ଉପରେ ଆଲୋଚନା ଚକ୍ର ଏବଂ ବୈଦିକ ଗଣିତ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ରୂପେ କୃଷ୍ଣପ୍ରସାଦ ପାଣିଗ୍ରାହୀ,



ସହ ଜିଲ୍ଲା ପ୍ରମୁଖ,ରାୟଗଡ଼ା,ଶିକ୍ଷା ବିକାଶ ସମିତି ,ଓଡିଶା ଉପସ୍ଥିତ ରହିଥିଲେ। ସଂକୁଳ ସଂଯୋଜକ ,ଗୁଣପୁର ପ୍ରଫୁଲ୍ଲ କୁମାର ଶତପଥି ଉପସ୍ଥିତ ରହି ବୈଦିକ ଗଣିତର ସୁତ୍ର ଏବଂ ପଦ୍ଧତି ଗୁଡିକ ଉପସ୍ଥାପନ ପ୍ରଚାର ଏବଂ ପ୍ରସାର କରିଥିଲେ। ପୂର୍ବ ଛାତ୍ର ସଂସଦ ଗଠନ ନିମନ୍ତେ ଅତିଥି ରୂପେ ଶ୍ରୀମାନ ସଞ୍ଜୟ ମଲ୍ଲିକ ବିଭାଗ ସଂଗଠନ ସମ୍ପାଦକ ଅଖିଳ ଭାରତୀୟ ବିଦ୍ୟା ଭାରତୀ ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମଣିମାଳା ଶବର ଅଧକ୍ଷ ପଞ୍ଚାୟତ ସମିତି, ଅତିଥି ରମେଶ ଚନ୍ଦ୍ର ସାହୁ, ଉପାଧ୍ୟକ୍ଷ ପଞ୍ଚାୟତ ସମିତି, ପଦ୍ମପୁର, କଣ୍ଡାଗିରି ପ୍ରକାଶ, ସରପଞ୍ଚ, ପଦ୍ମପୁର ମୁଖ୍ୟବକ୍ତା, ସରସ୍ୱତୀ ନନ୍ଦ ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂପାଦକ ସୁନିଲ ମିଶ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଦିନ ବଳରାମ ସାହୁ ଆଚାର୍ଯ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ଏବଂ ଦ୍ୱିତୀୟ ଦିନ କିଶୋର ଚନ୍ଦ୍ର ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ।

# ରାୟଗଡ଼ାରେ ଉପ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ରାୟଗଡ଼ା,୧୫।୧୨ (ସମିସ): ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଦିନିକିଆ ରାୟଗଡ଼ ଜିଲ୍ଲା ଗସ୍ତରେ ଆସି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଯାଉଥିବା ରେଳ ଯାତ୍ରୀଙ୍କୁ ପତାକା ଦେଖାଇ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ମା' ମଝୀଘରିଆଣି ମନ୍ଦିରକୁ ଯାଇ ଦର୍ଶନ କରିବା ସହିତ ମନ୍ଦିର ପରିଚାଳନା କମିଟି ଅସହିତ ଆଲୋଚନା କରିଥିଲେ । ଏହାସହିତ ସ୍ଥାନୀୟ ପ୍ରଦକ୍ଷିଣ ଗୃହରେ ମହିଳା ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ପର୍ଯ୍ୟଟନ,ଗ୍ରାମ୍ୟ ନିର୍ମାଣ, ଶିକ୍ଷା,ଶିଶୁ ସୁରକ୍ଷା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବିଭାଗ ଉପରେ ସମୀକ୍ଷା କରିଥିଲେ। ବିଶେଷ କରି ଅଙ୍ଗନବାଡି କେନ୍ଦ୍ର ଓ



ଅଙ୍ଗନବାଡି ଗୁଡ, ଅପପୁଷ୍ଟି ଅଞ୍ଚଳ ଶିଶୁ ସ୍ୱାସ୍ଥ୍ୟ ଓ ପୁଷ୍ଟକର ଖାଦ୍ୟ ପ୍ରସ୍ତୁତି ଓ ବଣ୍ଟନ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପଚାରିଥିଲେ। କାଶୀପୁର ଅଞ୍ଚଳରେ ଖଣିଜ ପାଣ୍ଠି ଜରିଆରେ ପୁଷ୍ଟିକର ଖାଦ୍ୟ ଦେବା ପାଇଁ ପ୍ରୟାସ କରୁଥିବା ମନ୍ତ୍ରୀଙ୍କୁ କୁହାଯାଇଥିଲା। ଜିଲ୍ଲାରେ ମିଶନ ବାଣ୍ଟଲ୍ୟ ସମ୍ପର୍କରେ ପଚାରିଥିଲେ । ଏଥି ପାଇଁ ଆହୁରି ପ୍ରଚାର ପ୍ରସାର କରିବାକୁ କହିଥିଲେ । ଏହା ସହିତ ଲକ୍ଷ ପତି ଦିଦି ଓ ସୁଭଦ୍ରା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ପର୍ଯ୍ୟଟନ ବିଭାଗ ଉପରେ ଆଲୋଚନା କରି ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କରିବାକୁ ପଦକ୍ଷେପ ନେବାକୁ କହିଥିଲେ । ଗ୍ରାମ୍ୟ ନିର୍ମାଣ ବିଭାଗ ଉପରେ ଆଲୋଚନା କରି ଜିଲ୍ଲାର ଗ୍ରାମ୍ୟ ଯୋଗାଯୋଗ ଉପରେ ଆଗ୍ରତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହା ସହିତ ପାନୀୟ ଜଳ, ଧାନ ସଂଗ୍ରହ ଉପରେ ମଧ୍ୟରେ ଜିଲ୍ଲାପାଳ ସହିତ ଆଲୋଚନା କରିଥିଲେ।

## ଲୋକ ମହୋତ୍ସବ 'ମଣ୍ଡେଇ'ର ତୃତୀୟ ସଂଧ୍ୟା

# 'ମଣ୍ଡେଇ' କଳା ସଂସ୍କୃତି ଓ ଭାଇଚାରାର ମଞ୍ଚ : ମନ୍ତ୍ରୀ





ନବରଙ୍ଗପୁର, ୧୫।୧୨ (ସମିସ) : ଲୋକ ମହୋତ୍ସବ ମଣ୍ଡେଇ ଓ ପଲ୍ଲୀଶ୍ରୀ ମେଳାର ୩ୟ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, କମେଡି ନାଇଟ ଏବଂ ଅର୍କେଷ୍ଟ୍ରା ପରିବେଷଣ କରାଯାଇଥିଲା। ୩ୟ ଦିନରେ ଦୁଲୁକିଲା ମଣ୍ଡେଇ ମଞ୍ଚ। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ପୌରହିତ୍ୟରେ ଆରମ୍ଭ ହୋଇଥିବା ମଣ୍ଡେଇ କାର୍ଯ୍ୟକ୍ରମର ତୃତୀୟ ଦିନର ମଣ୍ଡେଇ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇ ଏହି ନବରଙ୍ଗପୁର ଜିଲ୍ଲା ମାଟି ଏକ ସହିଦଙ୍କ ମାଟି , ବହୁ କଳା ସଂସ୍କୃତିର ମାଟି। ଖୁବ୍ କମ୍ ଦିନ ମଧ୍ୟରେ ଜିଲ୍ଲାର ୧୫୦ ଗ୍ରାମକୁ ପିଚୁ ରାସ୍ତା ତିଆରି ହେବ। ଜିଲ୍ଲାର ସମ୍ପୂର୍ଣ୍ଣ ବିକାଶ ଯଦି ହେବାର ଅଛି, ତା ହେଲେ ସମସ୍ତ ଜିଲ୍ଲା ବାସୀଙ୍କ ସହଯୋଗ କାମନା କରୁଛି ବୋଲି ମୁଖ୍ୟ ଅତିଥି ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ , ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ। ବରେଣ୍ୟ ଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଏହି ମଣ୍ଡେଇ ପଡିଆର ଉନ୍ନତି କରଣ ପାଇଁ ୬କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା କହିବା ସହିତ ନବରଙ୍ଗପୁର ଜିଲ୍ଲାର ବିକାଶ ସମସ୍ତଙ୍କ ସହଯୋଗରେ ହିଁ ହୋଇ ପାରିବ ବୋଲି କହିଥିଲେ। ଏହି ମଣ୍ଡେଇ ମଞ୍ଚ ଏକ ଭାଇ ଚାରା କଳା ସଂସ୍କୃତିର ଆଦାନ ପ୍ରଦାନର ମଞ୍ଚ ଏହି ମଞ୍ଚକୁ ରାଜନୈତିକ ମଞ୍ଚ କରିବା ଆଦୌ ଉଚିତ୍ ନୁହେଁ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ସାଂସଦ ଙ୍କ ବଳଭଦ୍ର ମାଝୀ ଯୋଗ ଦେଇ ନବରଙ୍ଗପୁର ଜିଲ୍ଲା ହେଉଛି କଳା, ସଂସ୍କୃତି , ଲୋକ ନୃତ୍ୟ ଏବଂ ଲୋକ କଳାର ଜିଲ୍ଲା ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ନବରଙ୍ଗପୁର ମେଡିକାଲ କଲେଜ କିଭଳି ପ୍ରତିଷ୍ଠା ହେବ ସେଥିପାଇଁ ଚେଷ୍ଟା କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରିଥଇଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ସମ୍ମାନିତ ଅତିଥି ଭାବରେ ଝରିଗାଁ ବିଧାୟକ ନରସିଂ ଭତରା, କୋଟପାଡ଼ ବିଧାୟକ ରୁପୁ ଭତରା, ନବରଙ୍ଗପୁର ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୮ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ପ୍ରଦାନ କରାଯାଇଥିଲା ଏବଂ ଏହା ପରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଙ୍କ ଦ୍ୱାରା ମଣ୍ଡେଇ ସ୍ମରଣିକା ଉନ୍ମୋଚିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ଏହାପରେ ଝାଡ଼ଖଣ୍ଡର ସାନ୍ତାଳୀ ନୃତ୍ୟ , କୋଷାଗୁମୁଡା ବ୍ଲକ୍‌ର ମାଢ଼ିଆ ନୃତ୍ୟ , ମାଲକାନଗିରି ଜିଲ୍ଲାର ବଣ୍ଡା ନୃତ୍ୟ, ନବରଙ୍ଗପୁର ,ତେନ୍ତୁଳିଖୁଣ୍ଟି, ନନ୍ଦା ହାଣ୍ଡି ଏବଂ ଝରିଗାଁ ବ୍ଲକ୍‌ର ବିଭିନ୍ନ ପାରମ୍ପାରିକ ନୃତ୍ୟ, ଆସାମ ରାଜ୍ୟର ବିହୁ ନୃତ୍ୟ, ହାସ୍ୟକର ପ୍ରଜ୍ଞା ରଞ୍ଜନ ଖଟୁଆ ଙ୍କ କମେଡି ନାଇଟ ଏବଂ ଶେଷରେ ବିଶିଷ୍ଟ ଗାୟକ ଶଶାଙ୍କ ଶେଖର ଏବଂ ଦଳ ( ସୁକୁନ ବ୍ୟାଣ୍ଡ) ପକ୍ଷରୁ ମେଲୋଡି ନାଇଟ ପରିବେଷଣ କରାଯାଇଥିଲା। ଜିଲ୍ଲା ସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଓ ପଲ୍ଲୀଶ୍ରୀ ମେଳାରେ ଚଳିତ ୨୦୨୫ରେ ବିଭିନ୍ନ ପ୍ରକାର ମୋଟ ୪୦୦ଟି ଷ୍ଟଲ କରାଯାଇଥିଲା। ୩ୟ ଦିନର ମହୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା, ନବରଙ୍ଗପୁର ତହସିଲଦାର କୃଷ ଗରଡ଼ା , ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ନବରଙ୍ଗପୁର ଜରୁରୀ କାଳୀନ ବିଭାଗର , ସେକ୍ସନ ଅଧିକାରୀ ତ୍ରିପତି ବାଲାଜୀ ସାହୁ , ପ୍ରୋଗ୍ରାମ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିବା ବେଳେ ବହୁ ପରିମାଣରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ମଣ୍ଡେଇ ପଡିଆ ପରିସର ଏବଂ ସହରରୁ ମଣ୍ଡେଇ ସ୍ଥଳକୁ ପହଞ୍ଚିବା ରାସ୍ତାର ହେଉଥିବା ଭୀଷଣ ଭିଡ ନିୟନ୍ତ୍ରଣ କରିଥିଲେ। ଫଳରେ କି ଜନସାଧାରଣ ସୁବିଧାରେ କାର୍ଯ୍ୟକ୍ରମ ସ୍ଥଳକୁ ପହଞ୍ଚି ସେଠାରେ ରହିଥିବେ ଷ୍ଟଲ୍ ଏବଂ ହେଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିପାରୁଥିଲେ।

**• ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ**

# ଜମିଅଧିଗ୍ରହଣ ପ୍ରକ୍ରିୟା ନେଇ ଆରଡିସିଙ୍କ ସମୀକ୍ଷା



ଗୁଣପୁର,୧୫।୧୨(ସମିସ): ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶୋରୀ ମହାପାତ୍ର ସୋମବାର ରାୟଗଡ଼ା ଜିଲ୍ଲା ଗୁଣପୁର ଗସ୍ତରେ ଆସି ଗୁଣପୁର ଥେରୁବାଲି ରେଳପଥର ଚାଲିଥିବା ଜମି ଅଧିଗ୍ରହଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ ଜମିଅଧିଗ୍ରହଣ ପ୍ରକ୍ରିୟାର ସମୀକ୍ଷା କରିବା ସହ ଗୁଣପୁର ଉପଖଣ୍ଡରେ ଥିବା ବିଭିନ୍ନ ତହସିଲରେ ହେଉଥିବା ବିଭିନ୍ନ ରାଜସ୍ୱ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ବୈଠକରେ ଉପଜିଲ୍ଲାପାଳ ଦୁଧାଲ ଅଭିଷେକ୍ ଦିଲିପଙ୍କ ସମେତ ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୁଣପୁର ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁ ଧର ବେହେରା, ବିଷମକଟକ ତହସିଲଦାର ଭେଙ୍କେଟେଶ୍ୱର ରେ‡ୀ, ମୁନିଗୁଡା ତହସିଲ ଏମ୍. ଅନୁରାଧା, ରେଳ ବିଭାଗର ଜମିଅଧିଗ୍ରହଣ ବିଶେଷଜ୍ଞ ସୁବ୍ରତ ପଣ୍ଡା, ଦୁଇ ଇଞ୍ଜିନିୟର ଭି ରମେଶ , ପ୍ରଦ୍ୟୁମ୍ନ ଦଳେଇ ସାମିଲ ଥିଲେ। ବିଭିନ୍ନ ତହସିଲର ରାଜସ୍ୱ ବିଭାଗ କାର୍ଯ୍ୟର ତଦାରଖ ସହ ଗୁଣପୁର-ଥେରୁବାଲି ରେଳପଥ କାର୍ଯ୍ୟର ଭୂମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ନେଇ ଆଲୋଚନା କରିଥିଲେ। ଅତିଶୀଘ୍ର କିଭଳି ଜମି ଅଧିଗ୍ରହଣ ଲୋକଙ୍କ ସହିତ ସୁସମ୍ପର୍କ ରଖି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିବା ସହ ଜମି ଅଧିଗ୍ରହଣର ଯୁଗ୍ମ ପରିଦର୍ଶନ କାମ ସରିଛି। ଗେଜେଟ ନୋଟିଫିକେଶନ ହୋଇ ଏହାର ମୂଲ୍ୟାୟନ କରାଯିବ। ଏହାପରେ ୪୩୮ ଏକର ସରକାରି ଜମି କେମିତି ଅତିଶିଘ୍ର ହସ୍ତାନ୍ତର ହୋଇପାରିବ ସେନେଇ ଉପ ଜିଲ୍ଲାପାଳଙ୍କ ଉପସ୍ଥିତି ରେ ଆଲୋଚନା ହୋଇଥିଲା। ରେଳ ବିଭାଗର ବଂଶଧାରା ନଦୀ ଉପରେ ପୋଲ ନିର୍ମାଣ ପାଇଁ ଟେଣ୍ଡର ସରିଛି । ସେହି ଜମି ଓ ନଦୀର ସମ୍ପୂର୍ଣ୍ଣ ସତ୍ତ୍ୱ ଅଧିକାର ରେଳ ବିଭାଗକୁ ଦେଲେ, ତାହା ଅତିଶୀଘ୍ର ହୋଇପାରିବ ବୋଲ କୁହାଯାଇଛି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୫୦ ● ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୪,୧୦୦ (ଭୁବନେଶ୍ୱର)
- ରୁପା : ୨,୦୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୨୧୩.୦୦
- ନିଫ୍ଟି ୨୬,୦୨୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ଡଲାର ତୁଳନାରେ ଆହୁରି ଦୁର୍ବଳ ହେଲା ଭାରତୀୟ ମୁଦ୍ରା

# ସର୍ବକାଳୀନ ରେକର୍ଡ ନିମ୍ନ ସ୍ତରରେ ଟଙ୍କା

ମୁମ୍ବଇ, ୧୫।୧୨(ଏଜେନ୍ସି)

ଦୁର୍ବଳ ହେବାରେ ଲାଗିଛି ଭାରତୀୟ ମୁଦ୍ରା 'ଟଙ୍କା'। ସୋମବାର ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ଏଭଳି ହ୍ରାସ ଘଟିଛି ଯେ, ଭାରତୀୟ ମୁଦ୍ରା ତା'ର ସର୍ବକାଳୀନ ରେକର୍ଡ ନିମ୍ନ ସ୍ତରକୁ ଖସିଆସିଛି। ଯାହା ଫଳରେ ଆଜି ଡଲାର ତୁଳନାରେ

- ୧ ଡଲାର=୯୦.୭୬ ଟଙ୍କା
- ମହଙ୍ଗା ହେବ ଆମଦାନୀ
- ବିଦେଶ ଯାତ୍ରା ଏବଂ ପାଠପଢ଼ା ଖର୍ଚ୍ଚ ବଢ଼ିବ

ଟଙ୍କା ମୂଲ୍ୟରେ ୨୫ ପଇସା ହ୍ରାସ ଘଟି ଏହା ୯୦.୭୬ ଟଙ୍କାର ସର୍ବକାଳୀନ ସର୍ବନିମ୍ନ ରେକର୍ଡ ନିମ୍ନ ସ୍ତରରେ ବନ୍ଦ ହୋଇଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ବିଦେଶୀ ସଂସ୍ଥାଗତ ନିବେଶକଙ୍କ ଦ୍ୱାରା ନିରନ୍ତର ବିକ୍ରି ନେଇ ଅନିଶ୍ଚିତତା ଯୋଗୁଁ ଟଙ୍କା ମୂଲ୍ୟ ଏପରି ହ୍ରାସ ପାଇଛି।



ସୂଚନାଯୋଗ୍ୟ ଯେ, ୨୦୨୫ରେ ଏ ପର୍ଯ୍ୟନ୍ତ ଟଙ୍କା ପ୍ରାୟ ୬% ଦୁର୍ବଳ ହୋଇଛି। ଜାନୁଆରୀ ପହିଲାରେ ଡଲାର ତୁଳନାରେ ଟଙ୍କା ୮୫.୭୨ ଥିଲା। ଏବେ ଏହା ଟ ୯୦.୭୬ରେ ପହଞ୍ଚିଛି। ସୋମବାର କାରବାରରେ ଗୋଟିଏ ସମୟରେ ଟଙ୍କା ମୂଲ୍ୟରେ ଆମେରିକୀୟ ଡଲାର ତୁଳନାରେ ଏହାର ସର୍ବକାଳୀନ ନିମ୍ନ ଟ ୯୦.୮୦ ସ୍ତରକୁ ଖସି ଆସିଥିଲା। ଫରେକ୍ସ ଡିଲର୍ସଙ୍କ କହିବାନୁଯାୟୀ, ଆମଦାନୀକାରୀଙ୍କ ନିକଟରେ ଡଲାରର ପ୍ରବଳ ଚାହିଦା ନିବେଶକ ଭାବନାକୁ ଆହୁରି ଦୁର୍ବଳ କରିଥିଲା। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ୯୦.୫୩ ରେ ଖୋଲିଥିଲା କିନ୍ତୁ ପରେ ଦିନ ୯୦.୮୦ର ରେକର୍ଡ ସର୍ବନିମ୍ନ ସ୍ତରକୁ ଖସି ଆସିଥିଲା, ଯାହା ପୂର୍ବ ବନ୍ଦ ତୁଳନାରେ ୩୧ ପଇସା ହ୍ରାସ ପାଇଥିଲା। ଶେଷରେ ଏଥିରେ ୨୫ ପଇସା ହ୍ରାସ ପାଇଛି।

ଟଙ୍କାର ମୂଲ୍ୟ ହ୍ରାସର ତିନୋଟି କାରଣ ରହିଛି। ସେଗୁଡ଼ିକ ହେଉଛି,ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଆମଦାନୀ ଉପରେ ୫୦% ଶୁଳ୍କ ଲାଗୁ କରିଛନ୍ତି, ଯାହା ଭାରତର ଜିଡିପି ଅଭିବୃଦ୍ଧିକୁ ୬୦-୮୦ ବେସିସ୍ ପଏଣ୍ଟ ହ୍ରାସ କରିପାରେ ଏବଂ ଆର୍ଥିକ ନିଅଣ୍ଟକୁ ବୃଦ୍ଧି କରିପାରେ। ଏଥିଯୋଗୁ ରପ୍ତାନି ହ୍ରାସ ହେବା ସହ ବିଦେଶୀ ମୁଦ୍ରା ପ୍ରବାହ କମ୍ ହେବାର ସମ୍ଭାବନା ରହିଛି। ଏହିସବୁ କାରଣରୁ ଟଙ୍କା ଚାପରେ ରହିଛି। ଏହାଛଡା ବିଦେଶୀ ସଂସ୍ଥାଗତ ନିବେଶକମାନେ (ଏଫ୍‌ଆଇଆଇ) ଚଳିତବର୍ଷ ଜୁଲାଇ ପରଠାରୁ ୧.୫୫ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ପାଣ୍ଠି ବିକ୍ରି କରିଛନ୍ତି। ଡଲାରର ଚାହିଦା ବୃଦ୍ଧି ଯୋଗୁ ଟଙ୍କା ମୂଲ୍ୟ ତଳକୁ ତଳକୁ ଯାଉଛି। ଶେଷ କାରଣ ଟି ହେଉଛି, ତେଲ ଏବଂ ସୁନା କମ୍ପାନୀଗୁଡ଼ିକ ହେଜିଂ ପାଇଁ ଡଲାର କିଣୁଛନ୍ତି। ଅନ୍ୟାନ୍ୟ ଆମଦାନୀକାରୀମାନେ ମଧ୍ୟ ଶୁଳ୍କ ଅନିଶ୍ଚିତତା ଯୋଗୁଁ ଡଲାର ଗଚ୍ଛିତ କରୁଛନ୍ତି। ଏହା ଟଙ୍କା ଉପରେ ଚାପ ପକାଇ ଚାଲିଛି।

ଟଙ୍କା ମୂଲ୍ୟରେ ଏଭଳି ହ୍ରାସ ଭାରତ ପାଇଁ ଆମଦାନିକୁ ଅଧିକ ମହଙ୍ଗା କରିବ। ଏହା ବ୍ୟତୀତ, ବିଦେଶ ଯାତ୍ରା ଏବଂ ପାଠପଢ଼ା ମଧ୍ୟ ମହଙ୍ଗା ହୋଇଛି। ବିଚାର କରନ୍ତୁ ଯେ ଯେତେବେଳେ ଡଲାର ତୁଳନାରେ ଟଙ୍କା ୫୦ ଥିଲା, ଆମେରିକାରେ ଭାରତୀୟ ଛାତ୍ରମାନେ ୫୦ ଟଙ୍କାରେ ୧ ଡଲାର ପାଇପାରିବେ। ଏବେ, ଛାତ୍ରମାନଙ୍କୁ ୧ ଡଲାର ପାଇଁ ୯୦.୪୭ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହା ଛାତ୍ରମାନଙ୍କ ପାଇଁ ଫି ଠାରୁ ଆରମ୍ଭ କରି ରହିବା ଏବଂ ଖାଦ୍ୟ ଏବଂ ଅନ୍ୟାନ୍ୟ ଜିନିଷ ମହଙ୍ଗା କରିବ।

### ବଢ଼ିବ ଇପିଏଫ୍ ସୁଧହାର

# ୨୦୨୫-୨୬ ଆର୍ଥିକବର୍ଷ ପାଇଁ ୮.୭୫% ସୁଧ !

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି): କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ)ର ସଦସ୍ୟଙ୍କ ପାଇଁ ଭଲ ଖବର। କାରଣ ଆଗକୁ ଇପିଏଫ୍‌ଓ ସଦସ୍ୟଙ୍କୁ ସେମାନଙ୍କର ପିଏଫ୍ ଜମା ଉପରେ ଅଧିକ ସୁଧ ହାର ମିଳିପାରେ। ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭବିଷ୍ୟନିଧି ପାଣ୍ଠି ଜମା ଉପରେ ସୁଧ ହାର ବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ବିଶ୍ୱାସ କରାଯାଉଛି ଯେ ଏଥର, ସରକାର ପିଏଫ୍ ଉପରେ



ସୁଧ ହାର ୮.୭୫% କରିପାରନ୍ତି। ଏହି ସୁଧହାରରେ ଏହି ବୃଦ୍ଧି ସିଧାସଳଖ ୮ କୋଟି ପିଏଫ୍ ଆକାଉଣ୍ଟଧାରୀଙ୍କୁ ଲାଭ ଦେବ।

ବର୍ତ୍ତମାନ, ଭବିଷ୍ୟନିଧି ପାଣ୍ଠି ଜମା ଉପରେ ସଦସ୍ୟମାନଙ୍କୁ ୮.୨୫% ସୁଧ ହାର ମିଳୁଛି। ଏହା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଉର୍ଦ୍ଧ୍ୱ। ଏଥର ଏହାକୁ ୮.୭୫%କୁ ବୃଦ୍ଧି କରାଯାଇପାରେ। ଏହାର ଅର୍ଥ ସିଧାସଳଖ ସୁଧ ହାରରେ ୫୦ ବେସିସ୍ ପଏଣ୍ଟ ବୃଦ୍ଧି। ସରକାର ପ୍ରତିବର୍ଷ ପିଏଫ୍ ଉପରେ ଅର୍ଜିତ ସୁଧକୁ ଆପଣଙ୍କ ଆକାଉଣ୍ଟରେ ଜମା କରନ୍ତି। ଏଥର, ଆଶା କରାଯାଉଛି ଯେ ସରକାର ଶୀଘ୍ର ସମଗ୍ର ବର୍ଷର ସୁଧକୁ ଆପଣଙ୍କ ଆକାଉଣ୍ଟରେ ଜମା କରିପାରନ୍ତି। ଏହା ବିଶ୍ୱାସ କରାଯାଉଛି ଯେ ଜାନୁଆରୀରେ ଏ ବିଷୟରେ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ସୁଧ ହାର ବୃଦ୍ଧି ସିଧାସଳଖ ସଦସ୍ୟଙ୍କ ଭବିଷ୍ୟନିଧି ପାଣ୍ଠିକୁ ପ୍ରଭାବିତ କରେ। ଯଦି ଜଣଙ୍କ ଆକାଉଣ୍ଟରେ ୫ ଲକ୍ଷ ଟଙ୍କା ଅଛି, ତେବେ ଏଥିରେ ସିଧାସଳଖ ପ୍ରାୟ ୪୦,୦୦୦ ରୁ ୪୨,୦୦୦ଟଙ୍କା ପର୍ଯ୍ୟନ୍ତ ସୁଧ ହାରରୁ ଲାଭ ପାଇବେ। ଏହି ପ୍ରସ୍ତାବ ଉପରେ ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ର ଆଗାମୀ ବୈଠକରେ ଆଲୋଚନା ହେବାର ସମ୍ଭାବନା ଅଛି, ଯାହା ପରେ ସୁଧ ହାର ମଞ୍ଜୁର ହେବ। ପ୍ରକୃତରେ, ଏହାକୁ ବୈଠକରେ ଅନୁମୋଦନ କରାଯିବ।

## କାନାରା ବ୍ୟାଙ୍କ ପକ୍ଷରୁ ଜାତୀୟସ୍ତରୀୟ ବ୍ୟବସାୟ କୌଶଳ ବୈଠକ



ଭୁବନେଶ୍ୱର,୧୫।୧୨(ସମିସ):କାନାରା ବ୍ୟାଙ୍କ ପକ୍ଷରୁ ପୁରୀଠାରେ ୧୨ ରୁ ୧୪ ଡିସେମ୍ବର ପର୍ଯ୍ୟନ୍ତ ଜାତୀୟ-ସ୍ତରୀୟ ବ୍ୟବସାୟ କୌଶଳ ବୈଠକ (ନ୍ୟାସନାଲ୍ ଲେଭେଲ୍ ବିଜନେସ୍ ଷ୍ଟ୍ରାଟେଜି ମିଟ୍) ଆୟୋଜିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର ମ୍ୟାନେଜିଂ ଡିରେକ୍ଟର ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. ସତ୍ୟନାରାୟଣ ରାଜୁଙ୍କ ସହିତ ବ୍ୟାଙ୍କର ସମସ୍ତ ୪ ଜଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୨୫୦ ଜଣ ବରିଷ୍ଠ ଅଧିକାରୀ ଏହି ବୈଠକ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କର ସିଏସ୍‌ଆର୍ ପଦକ୍ଷେପର ଅଂଶସ୍ୱରୂପ ଶ୍ରୀ ସତ୍ୟନାରାୟଣ ରାଜୁ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଏକ ବୃହତ୍ ଏଲ୍‌ଇଡି ଡିସପ୍ଲେ ବୋର୍ଡ ଦାନ କରିଛନ୍ତି। ଏହି ଏଲ୍‌ଇଡି ଡିସପ୍ଲେ ମାଧ୍ୟମରେ ପୂଜା ସମୟ ସୂଚୀ, ଉତ୍ସବ ସମ୍ବନ୍ଧୀୟ ସୂଚନା ଓ ଭକ୍ତମାନଙ୍କ ପାଇଁ ଆବଶ୍ୟକୀୟ ତଥ୍ୟ ପ୍ରଦର୍ଶିତ ହେବ, ଯାହା ଭକ୍ତମାନଙ୍କ ସୁବିଧାରେ ଉପକୃତ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓଏସଡି ହେମନ୍ତ ପାହୀ ,ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ବେହେରା କାନାରା ବ୍ୟାଙ୍କର ଏହି ସେବାର ପ୍ରଶଂସା କରିଥିଲେ।

### ମେଟ୍ରୋ ନୁହେଁ, ଛୋଟ ସହରରେ ବଢ଼ୁଛି କ୍ରିପ୍ଟୋ କ୍ରେଜ୍

# ଆନ୍ଧ୍ରରେ ୫୯% ନିବେଶକ ମହିଳା

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି): ୨୦୨୫ରେ ଭାରତରେ କ୍ରିପ୍ଟୋ କରେନ୍ସି କାରବାର କ୍ଷେତ୍ରରେ ଏକ ପ୍ରମୁଖ ପରିବର୍ତ୍ତନ ଦେଖିବାକୁ ମିଳିଛି। କ୍ରିପ୍ଟୋ ନିବେଶର ସର୍ବାଧିକ ଅଂଶ ଏବେ କେବଳ ପ୍ରମୁଖ ମହାନଗର ଅଞ୍ଚଳ ନୁହେଁ, ଛୋଟ ଛୋଟ ସହରଗୁଡିକରୁ ମଧ୍ୟ ଆସୁଛି। ପ୍ରାରମ୍ଭରେ ମେଟ୍ରୋ ସହରଗୁଡ଼ିକର ଲୋକେ କ୍ରିପ୍ଟୋ କରେନ୍ସିକୁ ଆପଣାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ହେଲେ ବର୍ତ୍ତମାନ ପରିସ୍ଥିତି ବଦଳିଯାଇଛି। ଆଉ ବଡ଼ ସହର ନୁହେଁ, ଦେଶର ଟିୟର-୩ ଏବଂ ଟିୟର-୪ ସହରଗୁଡ଼ିକରେ ବର୍ତ୍ତମାନ କ୍ରିପ୍ଟୋ କ୍ରେଜ୍ ଦେଖିବାକୁ ମିଳିଛି। ଏହି ପ୍ରକାରର ସହରଗୁଡିକରେ ଲୋକେ ଏବେ କ୍ରିପ୍ଟୋ କରେନ୍ସିରେ ନିବେଶ କରୁଛନ୍ତି। ଭାରତୀୟ କ୍ରିପ୍ଟୋ କରେନ୍ସି ଏକ୍ସଚେଞ୍ଜ କଏନ୍‌ସ୍ୱିଚ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କୌତୂହଳର ବିଷୟ ହେଉଛି ଯେ, ଭାରତର ରାଜ୍ୟଗୁଡିକ ମଧ୍ୟରେ କ୍ରିପ୍ଟୋ କରେନ୍ସି ନିବେଶରେ ଉତ୍ତର ପ୍ରଦେଶ ସବୁଠାରୁ ଆଗରେ ରହିଛି।

'ଭାରତର କ୍ରିପ୍ଟୋ ପୋର୍ଟଫୋଲିଓ : ଭାରତ କିପରି ନିବେଶ କରେ' ଶୀର୍ଷକ ଏକ କଏନସ୍ୱିଚ୍ ରିପୋର୍ଟ ଅନୁସାରେ, ବର୍ତ୍ତମାନ ସମୟରେ ଟିୟର-୩ ଏବଂ ଟିୟର-୪ ସହରଗୁଡ଼ିକ କ୍ରିପ୍ଟୋ କରେନ୍ସି ନିବେଶରେ ସର୍ବାଧିକ ଯୋଗଦାନ ଦେଇଛନ୍ତି, ଯାହା ମୋଟ କ୍ରିପ୍ଟୋ କାରବାରର ୪୩.୪%। ଏଥିରେ ଟିୟର-୨ ସହରଗୁଡ଼ିର ଯୋଗଦାନ ୩୨.୨% ରହିଛି। ଏହା ସୂଚାଇ ଦିଏ ଯେ ଛୋଟ ସହର ଏବଂ ଗ୍ରାମାଞ୍ଚଳ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ମଧ୍ୟ ଲୋକେ



ଡିଜିଟାଲ୍ ଟଙ୍କା (କ୍ରିପ୍ଟୋ) ବୁଝିବା ଏବଂ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ରିପୋର୍ଟରେ କୁହାଯାଇଛି, ଯଦିବା ରିପୋର୍ଟରେ କୁହାଯାଇଛି ଯେ, କ୍ରିପ୍ଟୋ କରେନ୍ସି ନିବେଶରେ ଟିୟର-୧ ସହରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି, କିନ୍ତୁ କ୍ରିପ୍ଟୋକୁ ଆପଣାଇବା ଏବେ ସାରା ଦେଶରେ ବିସ୍ତାରିତ ହୋଇଛି।

ରାଜ୍ୟଗୁଡ଼ିକ ମଧ୍ୟରେ, ଉତ୍ତର ପ୍ରଦେଶ ଆଗରେ ରହି ଦେଶର ମୋଟ କ୍ରିପ୍ଟୋ ନିବେଶର ୧୩%କୁ ପ୍ରତିନିଧିତ୍ୱ କରୁଛି। ଉତ୍ତର ପ୍ରଦେଶର ଲୋକମାନେ ବିଭିନ୍ନ କ୍ରିପ୍ଟୋରେ ନିବେଶ କରୁଛନ୍ତି, କିନ୍ତୁ ଏଠାରେ ବିଟ୍ କଏନ୍ ସବୁଠାରୁ ଲୋକପ୍ରିୟ। ଏଥିରେ ମହାରାଷ୍ଟ୍ର ୧୨.୧% ନିବେଶ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଏଠାକାର ଲୋକମାନେ ସୁରକ୍ଷିତ, ବଡ଼ କ୍ରିପ୍ଟୋରେ ନିବେଶ କରୁଛନ୍ତି। ବିଟ୍ କଏନ୍ ଏବଂ ଏକ୍ସଆର୍‌ପି ମହାରାଷ୍ଟ୍ରରେ ସର୍ବାଧିକ କିଣାଯାଉଥିବା କ୍ରିପ୍ଟୋ ମୁଦ୍ରା। ଦକ୍ଷିଣ ଭାରତର କର୍ଣ୍ଣାଟକ ରାଜ୍ୟ ୭.୯% ଯୋଗଦାନ ସହ ତୃତୀୟ ସ୍ଥାନରେ ରହିଛି। ବେଙ୍ଗାଲୁରୁ ଭଳି ଟେକ୍ ସିଟି ଯୋଗୁଁ ଏଠାକାର ଲୋକମାନେ ଡିଜିଟାଲ୍ ଜିନିଷଗୁଡ଼ିକୁ ବୁଝିସାରିଛନ୍ତି। ବିଟକଏନ୍ ଏବଂ ଏକ୍ସଆର୍‌ପି ମଧ୍ୟ ଏଠାରେ ଶ୍ରେଷ୍ଠ ପସନ୍ଦ ଥିଲା। ହେଲେ ୭.୪% ନିବେଶ ଦିଲ୍ଲୀ-ଏନସିଆରରୁ ଆସିଥିଲା। ଏଠାକାର ନିବେଶକମାନେ ଚିନ୍ତାଶୀଳ ଭାବରେ ନିବେଶ କରିଥିଲେ, ସବୁଠାରୁ ଅଧିକ ବିଟ୍ କଏନ୍‌ରେ କରିଥିଲେ।

ଅନ୍ୟ ରାଜ୍ୟମଧ୍ୟରେ ହରିୟାଣା (୬%), ରାଜସ୍ଥାନ (୫.୯%), ପଶ୍ଚିମବଙ୍ଗ (୫.୩%), ଆନ୍ଧ୍ରପ୍ରଦେଶ (୫%), ତାମିଲନାଡୁ (୪.୯%) ଏବଂ ବିହାର (୪.୩%) କ୍ରିପ୍ଟୋରେ ନିବେଶ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଭାରତରେ କ୍ରିପ୍ଟୋ ଆଉ କେବଳ କିଛି ପ୍ରମୁଖ ସହର ମଧ୍ୟରେ ସୀମିତ ନୁହେଁ। ଛୋଟ ସହର ଏବଂ ସହରଗୁଡ଼ିକ ଏବେ କ୍ରିପ୍ଟୋର ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏହାର ଅର୍ଥ ହେଉଛି ୨୦୨୫ ସୁଦ୍ଧା, କ୍ରିପ୍ଟୋ ସାରା ଦେଶରେ ବ୍ୟାପିଯିବ।

## ଓଡ଼ିଶାରେ ବକ୍ସାଇଟ୍‌ର ଘରୋଇ ଭଣ୍ଡାର ଅବ୍ୟବସ୍ଥିତ

ଭୁବନେଶ୍ୱର,୧୫।୧୨(ସମିସ): ତ୍ୱରାନ୍ୱିତ ସବୁଜ ଶକ୍ତି ପରିବର୍ତ୍ତନ ଦ୍ୱାରା ପରିଚାଳିତ ବିଶ୍ୱ ଆଲୁମିନିୟମ୍ ଶିଳ୍ପ ଏକ ଅଭୂତପୂର୍ବ ସୁପରସାଇକ୍ଲ ଅନୁଭବ କରୁଥିବା ବେଳେ, ଓଡ଼ିଶା ଅପାର ସମ୍ଭାବନା ଏବଂ ଅସ୍ଥିରତାର ଏକ ବିରୋଧାଭାସ ଉପରେ ଛିଡାହୋଇଛି। ଭାରତର ୧.୯ ବିଲିୟନ ଟନ୍ ବକ୍ସାଇଟ୍ ରିଜର୍ଭର ଅଧାରୁ ଅଧିକ ସହିତ ସମ୍ପନ୍ନ ରାଜ୍ୟ, ଏହାର ଖଣି ଲିଜ୍ ନିୟାମକ ଏବଂ ପରିବେଶଗତ ଅନିଶ୍ଚିତତାରେ ଆବଦ୍ଧ ଥିବା ବେଳେ, ଏହା କେବଳ ପାଖରେ ପଡିରହିଛି। ଏହି ସୁବିଧା ସମ୍ପୂର୍ଣ୍ଣ ନବୀକରଣୀୟ ଶକ୍ତି ଉତ୍ସ ଦ୍ୱାରା ପରିଚାଳିତ ହେବ। ବିଶ୍ୱ ଆଉ କେବଳ ଆଲୁମିନିୟମ୍ ପାଇଁ ନୁହେଁ ବରଂ,ଏହା ଦାୟିତ୍ୱପୂର୍ଣ୍ଣ ଆଲୁମିନିୟମ୍ ପାଇଁ ହତାଶ ହୋଇଛି। ଓଡ଼ିଶା, ଏହାର ବିଶାଳ ବକ୍ସାଇଟ୍ ଗଚ୍ଛିତ ଏବଂ ଏକ ସୁପ୍ରତିଷ୍ଠିତ ଡାଉନଷ୍ଟ୍ରିମ୍ ଆଲୁମିନା-ଆଲୁମିନିୟମ୍ ଶିଳ୍ପ ସହିତ, ଏହି ସବୁଜ ଧାତୁ ବିପ୍ଳବର କେନ୍ଦ୍ରସ୍ଥଳ ହେବା ପାଇଁ ଅନନ୍ୟ ଭାବରେ ଅବସ୍ଥିତ। ତଥାପି, ମୁଖ୍ୟ କଞ୍ଚାମାଲ, ବକ୍ସାଇଟ୍ ଭୂମିତଳେରେ ଫସି ରହିଛି। ଆଲୁମିନିୟମ୍ ହେଉଛି ଡିକାର୍ବୋନାଇଜେସନ୍‌ର ମେରୁଦଣ୍ଡ। ଏହା ସୌର ପ୍ୟାନେଲ୍, ପବନ ଟର୍ବାଇନ୍, ବିଦ୍ୟୁତ୍ ପରିବହନ ଲାଇନ ଏବଂ ହାଲୁକା ବୈଦ୍ୟୁତିକ ଯାନ ପାଇଁ ଅତ୍ୟାବଶ୍ୟକ। ଆନ୍ତର୍ଜାତୀୟ ଆଲୁମିନିୟମ୍ ପ୍ରତିଷ୍ଠାନ (ଆଇଏଆଇ) ଜଳବାୟୁ ଲକ୍ଷ୍ୟ ପୂରଣ କରିବା ପାଇଁ ୨୦୫୦ ସୁଦ୍ଧା ଚାହିଦାରେ ପ୍ରାୟ ୮୦% ବୃଦ୍ଧି ପାଇବାର ପୂର୍ବାନୁମାନ କରିଛି। ଭାରତୀୟ ଖଣିଜ ଶିଳ୍ପ ମହାସଂଘ ବାରମ୍ବାର ଓଡ଼ିଶାରେ ଆଲୁମିନା ରିଫାଇନାରୀଗୁଡ଼ିକର ବିଡ଼ମ୍ବନାକୁ ଉଜାଗର କରିଛି ଯାହା ଅତି କମ କ୍ଷମତାରେ କାର୍ଯ୍ୟ କରୁଛି, ପ୍ରାୟତଃ ମହଙ୍ଗା ବକ୍ସାଇଟ୍ ଆମଦାନି କରିବାକୁ ବାଧ ହେଉଛନ୍ତି, ଯେତେବେଳେ ଘରୋଇ ଭଣ୍ଡାର ଅବ୍ୟବସ୍ଥିତ ରହିଛି।

## ହୀରାକୁଦ୍ ୟୁନିଟରେ ହିଣ୍ଡାଲ୍‌କୋ ବସାଇଲା ଜେଏଲଡି ପ୍ଲାଣ୍ଟ



ଭୁବନେଶ୍ୱର, ୧୫।୧୨(ସମିସ): ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ହୀରାକୁଦ୍ ସ୍ମେଲ୍ଟର୍ ଏବଂ ପାୱର୍ ୟୁନିଟ୍ ସମ୍ବଲପୁରରେ ଏକ ଆଧୁନିକ ମେକାନିକାଲ୍ ଭେପର୍ ରିକମ୍ପ୍ରେସନ୍ (ଏମଭିଆର୍) ପ୍ରଯୁକ୍ତି ସହିତ ୧୦୦ କେଏଲଡି କ୍ଷମତା ବିଶିଷ୍ଟ ଜିରୋ ଲିକ୍ୱିଡ୍ ଡିସ୍ଚାର୍ଜ (ଜେଏଲଡି) ପ୍ଲାଣ୍ଟ ନିର୍ମାଣ କରିଛି। ଏହି ଆଧୁନିକ ପଦ୍ଧତି ଦ୍‌ବାରା ଶିଳ୍ପରୁ ନିର୍ଗତ ଦୂଷିତ ଜଳ ସମ୍ପୂର୍ଣ୍ଣ ପୁନଃଚକ୍ରଣ ଏବଂ ପୁନଃବ୍ୟବହାର ହେବ । ଏହାଦ୍‌ବାରା ଦୀର୍ଘସ୍ଥାୟୀ ଜଳ ପରିଚାଳନା ଏବଂ ପରିବେଶ ସୁରକ୍ଷାରେ ଏକ ନୂତନ ମାନକ ସୃଷ୍ଟି କରିଛି। ଏହି ଜେଡ୍‌ଏଲଡି ପ୍ଲାଣ୍ଟର ଉଦ୍‌ଘାଟନ ଉତ୍ସବରେ ଉମା ନନ୍ଦୁରୀ, ଆଇଏଫଏସ୍, ସଦସ୍ୟ ସଚିବ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି), ଡ଼. ଏସ୍. ଏନ୍. ନନ୍ଦା, ଆଞ୍ଚଳିକ ଅଧିକାରୀ, ଏସପିସିବି ସହିତ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ହିଣ୍ଡାଲ୍କୋର ବରିଷ୍ଠ ପ୍ରବନ୍ଧନ ଦଳ ଉପସ୍ଥିତ ଥିଲେ। ହିଣ୍ଡାଲ୍କୋ ପକ୍ଷରୁ ।ସୁମିତ୍ ମୁଖାର୍ଜୀ (ୟୁନିଟ୍ ହେଡ୍), ପ୍ରତାପ ସାହୁ (ହେଡ୍ – ସ୍ମେଲ୍ଟର୍), ଅରୁଣ ସିଂହ (ହେଡ୍ – ସିପିପି), ସୌଭାଗ୍ୟ ତ୍ରିପାଠୀ (ଡେପୁଟି ହେଡ୍ – କର୍ପୋରେଟ୍ ଅଫେୟାର୍ସ), ରଞ୍ଜନ ଜେନା, ରୁପେଶ ମହାଜନ, ବିଶ୍ୱଜିତ୍ ତିୱାରୀ, ବିଭୋର୍ ମହାପାତ୍ର, ତୁଷାର ପାତ୍ର, ଆଶିଷ ଦାସ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଷ୍ଟାର୍ଟଅପ୍, ଯୁବ ଉଦ୍ଭାବକଙ୍କ ପାଇଁ ଏକ ସକ୍ଷମ ଇକୋସିଷ୍ଟମ୍ ସୃଷ୍ଟି ହେଉ

ଭୁବନେଶ୍ୱର, ୧୫।୧୨(ସମିସ): ଭୁବନେଶ୍ୱରରେ ଅନୁଷ୍ଠିତ ପୂର୍ବୋଦୟ ପରିପ୍ରେକ୍ଷୀ ଅନ୍ତର୍ଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ପୂର୍ବ ଭାରତର ଅଭିବୃଦ୍ଧି ଏବଂ ଭାରତର ବ୍ୟାପକ ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବାରେ ଯୁବ ସଂପୃକ୍ତି, ଆଞ୍ଚଳିକ ସହଯୋଗ, ବ୍ଲୁ ଇକୋନୋମି ଏବଂ ସୀମାନ୍ତ ପ୍ରଯୁକ୍ତିବିଦ୍ୟାର ପ୍ରମୁଖ ଭୂମିକା ଉପରେ ଆଲୋକପାତ କରାଯାଇଛି। ଏଥିରେ ପଦ୍ମ ବିଭୂଷଣ ଡଃ ଅନିଲ କାକୋଡକର, ସିଦ୍ଧାର୍ଥ ପ୍ରଧାନ, ସବ୍ୟସାଚୀ ପଟ୍ଟନାୟକ ଏବଂ ପ୍ରିୟଦର୍ଶୀ ମହାପାତ୍ରଙ୍କ ପରି ବ୍ୟକ୍ତିବିଶେଷମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଷ୍ଟାର୍ଟଅପ୍ ଏବଂ ଯୁବ ଉଦ୍ଭାବକମାନଙ୍କ ପାଇଁ ଏକ ସକ୍ଷମ ଇକୋସିଷ୍ଟମ୍ ସୃଷ୍ଟି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି। ବକ୍ତାମାନେ ସାମୁଦ୍ରିକ ସୁରକ୍ଷା, ବନ୍ଦର ପ୍ରଶାସନ, ସାମୁଦ୍ରିକ କରିଡର ଏବଂ ଲୋକମାନଙ୍କ ମଧ୍ୟରେ ଯୋଗାଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ସାମୁଦ୍ରିକ ସମ୍ପଦର ସ୍ଥିରତା ସମେତ ବଙ୍ଗୋପସାଗରରେ ପରିବେଶ ସମସ୍ୟାର ମୁକାବିଲା ଉପରେ ମଧ୍ୟ ଆଲୋକପାତ କରିଥିଲେ। ଏଥିରେ ଫିନଟେକ୍ ନବସୃଜନ,ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର, ସାଇବର ସୁରକ୍ଷା ଚ୍ୟାଲେଞ୍ଜ, ଶେଷ ମାଇଲ ପର୍ଯ୍ୟନ୍ତ ବିତରଣ ପାଇଁ ଡ୍ରୋନ ଜ୍ଞାନକୌଶଳ ଉପରେ ଆଲୋଚନା କରାଯାଇଥିଲା।

### ସପିଙ୍ଗ୍ ମଲରୁ ମୁହଁ ଫେରାଉଛନ୍ତି ଲୋକେ

# ୨୦% ମଲ୍ ଏବେ ଭୂତ କୋଠି

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି)

ଦିନେ ସମୟ ଥିଲା ଦେଶରେ ସପିଙ୍ଗ ମଲ୍‌ର କ୍ରେଜ୍ କାହିଁ କେତେ ଉପରେ ରହିଥିଲା। ସେତେବେଳେ ଲୋକେ ଶନିବାର ରବିବାର ମଲରେ ସପିଙ୍ଗ ଓ ଡିନର ପ୍ଲାନ କରୁଥିଲେ। ହେଲେ ଏବେ ଆଉ ସେହି ସ୍ଥିତି ନାହିଁ। ବଦଳି ଯାଇଛି ପରିସ୍ଥିତି। ଦେଶର ରିଟେଲ ବାଲଖୁଚୁରା କ୍ଷେତ୍ରର ପରିଦୃଶ୍ୟ ବଦଳିବାରେ ଲାଗିଛି। ଯେଉଁ ମଲ କଲ୍‌ଚର କେବେ ଭାରତୀୟ ବଜାରର ଚମକ୍

- ପ୍ରତି ୫ରେ ଗୋଟିଏ ମଲ୍ ବନ୍ଦ

ବଢାଇ ଦେଇଥିଲା, ଆଜି ଏହି ସବୁ ମଲ ନିଜ ଅସ୍ତିତ୍ୱର ଲଢେଇ ଲଢୁଛନ୍ତି। ଦେଶର ୨୦% ସପିଙ୍ଗ ମଲ୍ ଏବେ ଭୂତ କୋଠି। 'ନାଇଟ୍ ଫ୍ରାଙ୍କ' ପକ୍ଷରୁ ପ୍ରକଶିତ ଏକ ରିପୋର୍ଟରେ ଏହ କୁହାଯାଇଛି।

ପ୍ରପର୍ଟି କନସଲଟାନ୍ସି ଏଜେନ୍ସି ନାଇଟ୍ ଫ୍ରାଙ୍କର ନାଇଟ୍ ଫ୍ରାଙ୍କର 'ଥିଙ୍କ୍ ଇଣ୍ଡିଆ ଥିଙ୍କ୍ ରିଟେଲ-୨୦୨୫' ଶୀର୍ଷକ ରିପୋର୍ଟ ଅନୁଯାୟୀ, ଦେଶର ୩୨ଟି ବଡ଼ ସହରାଞ୍ଚଳରେ ଥିବା ୩୬୫ଟି ମଲକୁ ନେଇ ଏକ ସର୍ବେକ୍ଷଣ କରିଛି। ଏହି ରିପୋର୍ଟରୁ ଜଣାପଡିଛି ଯେ ୭୫ଟି ମଲ୍ ଅର୍ଥାତ ୨୦% ଏବେ ଭୂତ କୋଠିରେ ପରିଣତ ହୋଇଛି। ଘୋଷ୍ଟ ମଲ ରିୟଲ ଇଷ୍ଟେଟର ସେହି ଶ୍ରେଣୀ ଯେଉଁଠି ୪୦%ରୁ ଅଧିକ ଜାଗା



ଖାଲିପଡିଛି। ତେବେ ରିପୋର୍ଟରେ ଏହି ୭୫ ମଲ୍‌ରେ ୮୦% ଦୋକାନ ଏବେ ଖାଲିପଡିଛି। ଏହାର ସବୁଠୁ ବଡ଼ କାରଣ ଖରାପ ପ୍ଲାନିଂ ଓ ଡିଜାଇନିଂ ବୋଲି କୁହାଯାଉଛି। ସମୟ ସହିତ ଲୋକଙ୍କ ସପିଂ ଅନୁଭବ ଓ ପସନ୍ଦ ବଦଳିଛି। ହେଲେ ଏହି ପୁରୁଣା ମଲ ମାନେ ନିଜକୁ ସେହି ଅନୁସାରେ ଅପଡେଟ୍ କରିପାରିଲେନି। ରକ୍ଷଣାବେକ୍ଷଣ ଅଭାବ ଓ ଭିତ୍ତିଭୂମି ଦୁର୍ବଳ ହେବା ଯୋଗୁ ଲୋକେ ଆସିବା ବନ୍ଦ କରିଦେଲେ। ରିପୋର୍ଟରେ ଦେଶର ପ୍ରତ୍ୟେକ ୫ଟି ମଲ ହୁଏତ ବନ୍ଦ ହୋଇଯାଇଛି, ନଚେତ ବନ୍ଦ ହେବା ପରିସ୍ଥିତିରେ ପହଞ୍ଚିଛି। ଜନଶୂନ୍ୟ କରିଡୋର ଓ ଖାଲି ଦୋକାନ ଘର ଏବେ ଏହି ସବୁ ସପିଂ କମ୍ପ୍ଲେକ୍ସର ନୂଆ ପରିଚୟ ପାଲଟିଛି।

ଏହି ପରିବର୍ତ୍ତି ପରିଦୃଶ୍ୟକୁ ବୁଝିବା ପାଇଁ ଦିଲ୍ଲୀର 'ଅଂସଲ ପ୍ଲାଜା' ସବୁଠୁ ବଡ଼ ଉଦାହରଣ ହୋଇପାରେ। ଏକ ସମୟ ଥିଲା ଯେତେବେଳେ ଏହାକୁ ଦିଲ୍ଲୀ-ଏନସିଆରର ପ୍ରଥମ ଓ ସବୁଠୁ ଭବ୍ୟ ସପିଂ କମ୍ପ୍ଲେକ୍ସ ମନେ କରାଯାଉଥିଲା। ଏଠାରେ ପାଦ ପକାଇବାକୁ ଜାଗା ମିଳୁ ନ ଥିଲା। ଅଗଣିତ ଲୋକଙ୍କ ସ୍ମୃତି ଏହି ସ୍ଥାନ ସହ ଜଡିତ। ହେଲେ ଆଜିର ଦୃଶ୍ୟ ଦେଖିଲେ ମନ ଉଦାସ ହୋଇଯାଏ। ହାତଗଣତି ଖାଦ୍ୟ, ପାନୀୟ ଆଉଟଲେଟ୍‌କୁ ଛାଡିଦେଲେ ଏହା ଶୁନଶାନ ହୋଇଯାଇଛି। ଏଠାରେ କୌଣସି ବ୍ୟବସାୟିକ କାର୍ଯ୍ୟକଳାପ ହେଉଥିବା ଭଳି ଲାଗୁନାହିଁ। ତେବେ ଏହି ପରିସ୍ଥିତି କେବଳ ଗୋଟିଏ ମଲ୍‌ର ନୁହେଁ ବରଂ ଦେଶର ସବୁ ବଡ଼ ସହରରେ ଏପରି ଅନେକ ମଲ ଏବେ ବନ୍ଦ ହୋଇ ସାରିଲେଣି ନଚେତ ବନ୍ଦ ହେବା ଅବସ୍ଥାକୁ ପହଞ୍ଚି ସାରିଲେଣି। ତେବେ ସବୁଠୁ ଶୁନଶାନ ମଲ୍ ଟିୟର-୨ ସହର ନୁହେଁ ବରଂ ବଡ଼ ମେଟ୍ରୋ ସହରାଞ୍ଚଳରେ ରହିଛି। ବଡ଼ ସହରମାନଙ୍କରେ ବଢୁଥିବା ପ୍ରତିଯୋଗୀତା ଓ ପରିବର୍ତ୍ତିତ ଜୀବନ ଶୈଳୀ ଏହି ପୁରୁଣା ମଲ ମାନଙ୍କର ଅଣ୍ଟା ଭାଙ୍ଗି ଦେଇଛି। ଅନ୍ୟପଟେ ଟିୟର-୨ ସହରମାନଙ୍କରେ ମଲରେ ଅକ୍ୟୁପାନ୍ସି ଲେଭୁଲ ଅର୍ଥାତ ଦୋକାନ ଘର ବ୍ୟବସାୟରେ ଲାଗିବା ଭଲସ୍ଥିତିରେ ଅଛି। ଅର୍ଥାତ ମଲକଲଚର ଏଠାରେ ଏବେବି ଲୋକଙ୍କ ଆକର୍ଷଣର କେନ୍ଦ୍ର ରହିଛି।

## ଆଜିର ରାଶିଫଳ

**ମେଷ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି । ଅଭିଭାବକମାନେ ପିଲାମାନଙ୍କ ଭବିଷ୍ୟତ କଥା ଚିନ୍ତା କରିବେ । ବିରୋଧୀମାନଙ୍କଠାରୁ ଦୂରେଇ ରୁହନ୍ତୁ । ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି ।

**ବୃଷ:** ଆଜି ଦିନଟି ବେଶ୍ ହସଖୁସିରେ ବିତିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବେ । କାର୍ଯ୍ୟକ୍ଷେତ୍ରରେ ଭଲ ଫଳାଫଳ ପାଇବେ ।

**ମିଥୁନ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ରହିବ । ଅକସ୍ମାତ୍ ଧନଲାଭ ଯୋଗ ରହିଛି । ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟର ହାତ ବଢ଼ାଇବେ । କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହେବେ ।

**କର୍କଟ:** ପୁରୁଣା ବନ୍ଧୁଙ୍କ ସହଯୋଗ ଲୋଡ଼ିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଆୟ ବୃଦ୍ଧି ପାଇବ । ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେବ । ଉଧାର ଦେଇଥିବା ଟଙ୍କା ବିଳମ୍ବରେ ଫେରିପାଇବେ ।

**ସିଂହ:** କର୍ମକ୍ଷେତ୍ରରେ ଉଚ୍ଚ ଅଧିକାରୀଙ୍କଠାରୁ ପ୍ରଶଂସିତ ହୋଇପାରନ୍ତି । ବ୍ୟବସାୟରେ କ୍ଷତି ହେବ । କଟୁ କଥା କୁହନ୍ତୁ ନାହିଁ । ଅତିଥି ସେବାରେ ଦିନ ବିତିବ ।

**କନ୍ୟା:** ଅକସ୍ମାତ୍ ଅତିଥିଙ୍କ ଆଗମନ ହୋଇପାରେ । ରାଜନୀତି କ୍ଷେତ୍ରରେ ଜଡ଼ିତ ବ୍ୟକ୍ତିଙ୍କ ମାନସମ୍ମାନ ବୃଦ୍ଧି ପାଇବ । ପିଲାମାନେ ଖେଳକୁଦରେ ସମୟ ବିତାଇବେ ।

**ତୁଳା:** ବୁଝି ବିଚାରି କାର୍ଯ୍ୟ କରିବା ଭଲ । ବ୍ୟବସାୟରେ ସଫଳତା ପାଇବେ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ବାଦବିବାଦ ଦେଖାଦେବ । ପୁରୁଣା ରୋଗ ସମସ୍ୟାକୁ ନେଇ ଚିନ୍ତାରେ ପଡ଼ିପାରନ୍ତି ।

**ବିଛା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ମାନସିକ ଅବସାଦ ଲାଗି ରହିବ । କର୍ମକ୍ଷେତ୍ରରେ ବିଭିନ୍ନ ବାଧାପ୍ରତିବନ୍ଧକ ଉପୁଜିପାରେ । ଆର୍ଥିକସ୍ଥିତି ଭଲ ରହିବ । ଦାମ୍ପତ୍ୟ ଜୀବନ ମଧୁର ରହିବ ।

**ଧନୁ:** ନୂତନ ଜମି କିଣିବାକୁ ଚାହୁଁଥିଲେ, ବର୍ତ୍ତମାନ ଭଲ ସମୟ । ପରିବାର ସହିତ ସମୟ ବିତାଇବାକୁ ଭଲ ସମୟ । ମହିଳାମାନେ ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ନିୟୋଜିତ ରହିବେ ।

**ମକର:** ପାରିବାରିକ ସମସ୍ୟା ଲାଗି ରହିବ । ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ନ୍ତୁ । ଆୟ ତୁଳନାରେ ବ୍ୟୟ ବୃଦ୍ଧି ପାଇବ । ନିଜ ବ୍ୟକ୍ତିଗତ ସମ୍ପର୍କରେ ଅନ୍ୟ କାହାକୁ ଜଣାନ୍ତୁନି ।

**କୁମ୍ଭ:** ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ବ୍ୟବସାୟରେ ଆଶାଠାରୁ ଅଧିକ ଲାଭ ପାଇବେ । ମାନସିକ ଅବସାଦରେ ରହିପାରନ୍ତି । ଗୁରୁଜନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ରୁହନ୍ତୁ ।

**ମୀନ:** ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇପାରେ । ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ନିଜ ଲୋକଙ୍କ ସହ ମନୋମାଳିନ୍ୟ ହୋଇପାରେ ।

## ଆଜିର ଇତିହାସ

- ୧୯୫୧- ହାଇଦ୍ରାବାଦରେ 'ସାଲାର୍ ଜଙ୍ଗ୍ ସଂଗ୍ରହାଳୟ'ର ସ୍ଥାପନା କରାଗଲା ।
- ୧୯୬୦-ଆମେରିକାର ଦୁଇଟି ବିମାନ ପରସ୍ପର ମଧ୍ୟରେ ବାଡ଼େଇ ହୋଇଯିବାରୁ ୧୩୬ ଜଣଙ୍କ ମୃତ୍ୟୁ ।
- ୨୦୧୪- ପେଶୱାରର ଏକ ସ୍କୁଲ୍ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ଏଥିରେ ୧୫୦ ଜଣଙ୍କ ମୃତ୍ୟୁ ହୋଇଥିଲା, ଯେଉଁଥିରେ ୧୩୪ ସ୍କୁଲ୍ ପିଲା ଥିଲେ ।



# ଇମ୍ତାଜଙ୍କ ସହ ପୁଣି କାମ କରିବେ ଦିଲଜିତ୍

ପ୍ରସିଦ୍ଧ ଗାୟକ ତଥା ଅଭିନେତା ଦିଲଜିତ୍ ଦୋସାଞ୍ଜ ପୁଣିଥରେ ନିର୍ଦ୍ଦେଶକ ଇମ୍ତାଜ ଅଲ୍ଲୀଙ୍କ ସହ କାମ କରୁଛନ୍ତି । ନିକଟରେ ଦିଲଜିତ୍ ଇନ୍ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ସେୟାର୍ କରିଥିଲେ । ଏହି ଭିଡିଓ ମାଧ୍ୟମରେ ପୁଣିଥରେ ସେ ଇମ୍ତାଜଙ୍କ ସହ କାମ କରୁଛନ୍ତି ବୋଲି ସ୍ପଷ୍ଟ କରିଛନ୍ତି । ଦିଲିଜିତ୍‌ଙ୍କ ଏହି ମିନି ବ୍ଲଗ୍‌ରେ ସେ ଭୋର ସାଢ଼େ ୪ଟାରୁ ଉଠି ବ୍ୟାୟାମ କରୁଥିବାର ଦେଖାଯାଇଛନ୍ତି । ଏହାପରେ ସେ ସକାଳ ଜଳଖିଆ କରୁଛନ୍ତି । ଏହି ସମୟରେ ସେ ଗ୍ରୀନ୍ ସ୍କ୍ରିନ୍ ସମ୍ମୁଖରେ ସୁଟ୍ କରିବା ସହ ଇମ୍ତାଜଙ୍କ ସହ କଥା ହେଉଛନ୍ତି । ଦିଲଜିତ୍ ତାଙ୍କର ଆଗାମୀ ପ୍ରୋଜେକ୍ଟରେ ଇମ୍ତାଜଙ୍କ ସହ କାମ କରୁଛନ୍ତି ବୋଲି ଏହି ଭିଡିଓ ମାଧ୍ୟମରେ ତାଙ୍କ ପ୍ରଶଂସକମାନଙ୍କୁ ଜଣାଇଛନ୍ତି । ଏହାପୂର୍ବରୁ ଦିଲଜିତ୍, ଇମ୍ତାଜଙ୍କ ଫିଲ୍ମ 'ଅମର ସିଂହ ଚମକିଲା'ରେ କାମ କରିଥିଲେ । ଏଥିରେ ଦିଲଜିତ୍‌ଙ୍କ ବିପକ୍ଷରେ ପରିଣିତି ଚୋପ୍ରା ନଜର ଆସିଥିଲେ । ଦିଲଜିତ୍ ଖୁବ୍‌ଶୀଘ୍ର 'ବର୍ଡର ୨' ଫିଲ୍ମରେ ନଜର ଆସିବେ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅନୁରାଗ ସିଂହ । ଏଥିରେ ଦିଲଜିତ୍‌ଙ୍କ ସହ ବରୁଣ ଧୱନ୍, ଅହାନ୍ ସେଟ୍ଟୀ, ସୋନମ୍ ବାଜୱା ପ୍ରମୁଖ ଦେଖାଯିବେ ।

# ବିଜୟ ଦିବସ



୧୬ ଡିସେମ୍ବର, ଭାରତୀୟ ଇତିହାସ ପୃଷ୍ଠାରେ ଏକ ସ୍ୱର୍ଣ୍ଣିମ ଦିନ । ଏହି ଦିନ ପାକିସ୍ତାନଠାରୁ ଭାରତର ଐତିହାସିକ ବିଜୟ କଥା ମନେ ପକାଇଦିଏ । ୧୯୭୧ ମସିହା ଡିସେମ୍ବର ୧୬ ତାରିଖରେ ଯୁଦ୍ଧରେ ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା ଭାରତ । ଏହି ଯୁଦ୍ଧରେ ଭାରତର ୩,୮୪୩ ସୈନିକ ସହିଦ ହୋଇଥିବାବେଳେ ୯,୮୫୧ ଜଣ ଆହତ ହୋଇଥିଲେ । ସେବେଠାରୁ ଏହି ଦିନକୁ ମନେ ରଖିବା ପାଇଁ ବିଜୟ ଦିବସ ପାଳିତ ହୋଇଆସୁଛି । ମୋଟ ୧୩ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ, ଆତ୍ମସମର୍ପଣ କରିଥିଲା ପାକିସ୍ତାନୀ ସେନା । ଡିସେମ୍ବର ୧୬ ତାରିଖରେ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଏ.ଏ.କେ ନିୟାଜି ଖାନ ୯୩ ହଜାର ସୈନିକଙ୍କ ସହିତ, ଭାରତୀୟ ସେନା ନିକଟରେ ଆତ୍ମସମର୍ପଣ କରିଥିଲେ । ୧୯୭୧ ପୂର୍ବରୁ ବାଂଲାଦେଶ ପାକିସ୍ତାନର ଏକ ଅଂଶ ଥିଲା, ଯାହାକୁ ପୂର୍ବ ପାକିସ୍ତାନ କୁହାଯାଉଥିଲା । ପୂର୍ବ ପାକିସ୍ତାନର ଲୋକଙ୍କୁ ପାକିସ୍ତାନୀ ସେନା ଦ୍ୱାରା ମାଡ଼ ମାରିବା, ଶୋଷଣ, ଦୁଷ୍କର୍ମ ଓ ହତ୍ୟା ଭଳି ଅତ୍ୟାଚାର କରାଯାଉଥିଲା । ଡିସେମ୍ବର ୩, ୧୯୭୧ରେ, ଭାରତ ସରକାର ପୂର୍ବ ପାକିସ୍ତାନର ଲୋକଙ୍କୁ ବଞ୍ଚାଇବା ପାଇଁ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାକୁ ଭାରତୀୟ ସେନାକୁ ନିର୍ଦ୍ଦେଶ ଦେଇଥିଲେ । ୨୭ ମାର୍ଚ୍ଚ, ୧୯୭୧ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପୂର୍ବ ପାକିସ୍ତାନକୁ ସ୍ୱାଧୀନତା ଦେବାକୁ ଏବଂ ଶରଣାର୍ଥୀଙ୍କୁ ରକ୍ଷା କରିବା ପାଇଁ ପାକିସ୍ତାନ ସହ ଯୁଦ୍ଧ କରିବାକୁ ନିଷ୍ପତି ନେଇଥିଲେ । ୧୯୭୧ ଡ଼ିସେମ୍ବର ୩ ରେ ପାକିସ୍ତାନ ପକ୍ଷରୁ ପ୍ରାଥମିକ ଯୁଦ୍ଧ ଘୋଷଣା କରାଯାଇଥିଲା । ଏହି ଦିନ ସନ୍ଧ୍ୟାରେ ଭାରତର ଉତ୍ତର-ପଶ୍ଚିମରେ ଅବସ୍ଥିତ ଏୟାରଫିଲ୍ଡ ଉପରେ ପାକିସ୍ତାନ ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା । ସେହିଦିନ ରାତିରେ ଭାରତ ପ୍ରତ୍ୟୁତ୍ତରରେ ପାକିସ୍ତାନ ଉପରେ ପାଲଟା ଆକ୍ରମଣ କରି ଏହାର ଉଚିତ ଜବାବ ଦେଇଥିଲା । ଏହାର ପରଦିନ ପ୍ରଧାନମନ୍ତ୍ରୀ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ଏହି ଯୁଦ୍ଧରେ ଭାରତ ଓ ପାକିସ୍ତାନ ଉଭୟ ଦେଶର ବହୁତ କ୍ଷୟକ୍ଷତି ହୋଇଥିଲା କିନ୍ତୁ ପାକିସ୍ତାନକୁ ଅଧିକ କ୍ଷତି ସହିବାକୁ ପଡିଥିଲା । ଏହି ଯୁଦ୍ଧରେ ପାକିସ୍ତାନକୁ ସବକ ଶିଖାଇଥିଲା ଭାରତ । ୧୯୭୧ ଯୁଦ୍ଧରେ ପାକିସ୍ତାନର ୯୩,୦୦୦ ସୈନିକ ଯୁଦ୍ଧ ସମୟରେ ଧଳାପତାକା ଦେଖାଇ ଭାରତୀୟ ସେନା ନିକଟରେ ଆତ୍ମସମର୍ପଣ କରିଥିଲେ । ଏହି ଯୁଦ୍ଧ ବାଂଲାଦେଶ ମୁକ୍ତି ପାଇଁ ଥିଲା । ଭାରତୀୟ ଯୋଦ୍ଧାଙ୍କ ବଳିଦାନ ସ୍ୱରୂପ ବାଂଲାଦେଶ ସ୍ୱାଧୀନ ହୋଇଥିଲା । ଯାହା ଭାରତୀୟ ସେନା ପାଇଁ କୌଣସି ଉତ୍ସବଠାରୁ କମ୍ ନ ଥିଲା । ଏହି ବିଜୟ ଭାରତୀୟ ସେନାର ସାହସିକତାର ସାକ୍ଷୀ । ଏହି ଅବସରରେ ଦେଶକୁ ରକ୍ଷା କରି ଜୀବନର ବଳିଦାନ ଦେଇଥିବା ସମସ୍ତ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ ।

# ଘୋଷ୍ଟ ବେଡ୍ ପରମ୍ପରା



ଚୀନ୍‌ର ଝେଜିୟାଙ୍ଗ ଅଞ୍ଚଳର ରହନ୍ତି ୬୦ ବର୍ଷୀୟ ଚେନ୍ । ତାଙ୍କର ୮୬ ବର୍ଷୀୟା ମା'ଙ୍କ ଅଚାନକ ମୃତ୍ୟୁ ହେବାରୁ ଚେନ୍ ଭାଙ୍ଗିପଡ଼ିଲେ । ତେବେ ଚେନ୍‌ଙ୍କ ମା' ସବୁବେଳେ ସୁସ୍ଥ ଥିଲେ ଏବଂ ନିତିଦିନ କ୍ଷେତରେ କାମ କରୁଥିଲେ । ହେଲେ ଶରତ ଋତୁ ମହୋତ୍ସବ ପରେ ଅଚାନକ ଝାଡ଼ା ବାନ୍ତି ହେବାରୁ ତାଙ୍କର ହଠାତ୍ ମୃତ୍ୟୁ ହେଲା । ଦୁଃଖରେ ଭାଙ୍ଗିପଡ଼ିଥିବା ଚେନ୍ ସେଠାରେ ପ୍ରଚଳିତ ପରମ୍ପରାକୁ ସମ୍ମାନ ଦେଇ ଅନେକ ଦିନ ପର୍ଯ୍ୟନ୍ତ ମା'ଙ୍କ ଖଟରେ ଶୋଇବା ଆରମ୍ଭ କଲେ । ତେବେ ଏଠାକାର କିଛି ଗାଁରେ ମୃତ ଲୋକଙ୍କ ଶଯ୍ୟାରେ ଶୋଇବା ପରମ୍ପରାକୁ 'ଦ ଘୋଷ୍ଟ ବେଡ୍' କୁହାଯାଏ । ଏହି ପରମ୍ପରା ବ୍ୟକ୍ତିର ମୃତ୍ୟୁ ପରେ ୩୫ ଦିନ ପର୍ଯ୍ୟନ୍ତ ଜାରି ରହେ । କୁହାଯାଏ, ଏହାଦ୍ୱାରା ମୃତକର ଆତ୍ମାକୁ ଆଗାମୀ ଜୀବନ ଲାଗି ଶାନ୍ତିପୂର୍ଣ୍ଣ ମାର୍ଗ ମିଳିଥାଏ । ଚୀନ୍ ସଂସ୍କୃତିରେ ସାତ ଅଙ୍କର ବିଶେଷ ମହତ୍ତ୍ୱ ଅଛି । ସେହିପରି ପ୍ରତ୍ୟେକ ସାତ ଦିନ ଚକ୍ରରେ ଆତ୍ମାକୁ ଅନ୍ତିମ ବିଦାୟ ଆଡ଼କୁ ନେଇଥାଏ । ଚେନ୍ ତାଙ୍କ ମା'ଙ୍କର ମୃତ୍ୟୁର ଦଶମ ଦିନ ପର୍ଯ୍ୟନ୍ତ ସେଇ ଖଟରେ ଶୋଇ ରହିବା ଦ୍ୱାରା ସେ ବେଶ୍ ଦୁର୍ବଳ ଅନୁଭବ କଲେ । ତାଙ୍କ ମାଂସପେଶୀରେ ଯନ୍ତ୍ରଣା ହେବା ସହ ବାନ୍ତି ମଧ୍ୟ ହେଲା । ଚେନ୍‌ଙ୍କର ଠିକ୍ ସେମିତି ଅବସ୍ଥା ହେଲା, ଯେମିତି ତାଙ୍କ ମା'ଙ୍କର ମୃତ୍ୟୁ ପୂର୍ବରୁ ହୋଇଥିଲା । ସେହିପରି ତାଙ୍କ ସ୍ଥିତି ବିଗିଡ଼ିବାରୁ ସେ ହସ୍‌ପିଟାଲ ଗଲେ । ସେଠାରେ ଚିକିତ୍ସାରୁ ଜଣାପଡ଼ିଲା ଚେନ୍ ଏକ ବିପଜ୍ଜନକ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି । ଡାକ୍ତର କହିଛନ୍ତି ଯେ, ଚେନ୍‌ଙ୍କ ମା'ଙ୍କୁ ଟିଙ୍କ କାମୁଡ଼ିବା ଯୋଗୁଁ ସେ ସେହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିଲେ । ତେଣୁ ତାଙ୍କ ମୃତ୍ୟୁ ପରେ ସେହି ବିଛଣାରେ ରହିଥିବା ଶରୀରର ତରଳ ପଦାର୍ଥର ସଂସ୍ପର୍ଶରେ ଚେନ୍ ଆସିବାରୁ ସେ ବି ସେଥିରେ ସଂକ୍ରମିତ ହେଲେ । ଏହି ଭୂତାଣୁ ଜ୍ୱର, ପେଟ ସମସ୍ୟା ସମେତ ପ୍ରତିରକ୍ଷା ପ୍ରଣାଳୀ ଫେଲ୍ ହେବା ଭଳି ଗମ୍ଭୀର ସ୍ଥିତି ସୃଷ୍ଟି କରିପାରେ । ଅବଶ୍ୟ ଚେନ୍‌ଙ୍କୁ ସମୟ ପୂର୍ବରୁ ଚିକିତ୍ସା ମିଳିବାରୁ ତାଙ୍କ ଅବସ୍ଥାରେ ସୁଧାର ଆସିଲା ।

# ଗାଁରେ ଗୋଟିଏ ଚୁଲି

ଗୁଜରାଟର ଚାନ୍ଦଣକି ଗାଁରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ । ଗାଁଟି ତା'ର ନିଆରା ଜୀବନଶୈଳୀ ଯୋଗୁଁ ଚର୍ଚ୍ଚାରେ ଥାଏ । ଏଠାରେ କାହାରି ଘରେ ଚୁଲି ଜଳେ ନାହିଁ । ଏହାସତ୍ତ୍ୱେ ଲୋକମାନେ ପେଟଭରି ଖାଆନ୍ତି । ଏହି ଗାଁରେ ପ୍ରାୟ ହଜାରେ ଲୋକ ରହନ୍ତି । ଗାଁରେ କୌଣସି ଘରେ ଅଲଗା ଖାଦ୍ୟ ରନ୍ଧାଯାଏ ନାହିଁ । ପୂରା ଗାଁ ପାଇଁ ଥରେ ସାମୁହିକ ଖାଦ୍ୟ ପ୍ରସ୍ତୁତ କରାଯାଏ ଏବଂ ସବୁଲୋକ ଏକାଠି ବସି ଖାଆନ୍ତି । ଏହି ପରମ୍ପରା ଭାଇଚାରା, ପ୍ରେମ, ସାମାଜିକ ଏକତାର ନିଆରା ପ୍ରତୀକ ପାଲଟିଛି । ଚାନ୍ଦଣକିର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ କହିବାନୁସାରେ, ଏହି ପରମ୍ପରା ସେବେଠୁ ଆରମ୍ଭ ହୋଇଛି, ଯେବେ ଗାଁର ଯୁବପିଢ଼ି ଚାକିରି ତଥା ବ୍ୟବସାୟ ପାଇଁ ସହର ଓ ବିଦେଶରେ ରହିଲେ । ଫଳରେ ଗାଁରେ ରହିଯାଇଥିବା ବୟସ୍କଙ୍କ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରିବା କଷ୍ଟକର ହୋଇପଡ଼ିଲା । ଏଭଳି ସ୍ଥିତିରେ ଗ୍ରାମବାସୀଙ୍କ ପାଇଁ ସାମୁହିକ ଭୋଜନର ବ୍ୟବସ୍ଥା ହେଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା କେବଳ ଆବଶ୍ୟକତା ଥିଲା । ହେଲେ ସମୟ ସହିତ ପୂରା ଗାଁ ପାଇଁ ଏହା ଏକ ଦିନଚର୍ଯ୍ୟାରେ ପରିଣତ ହେଲା । ସେହିପରି କାମର ବୋଝ ଯେମିତି ଅଧିକ ନ ହେବ, ଆଜି ପ୍ରାୟ ଶହେ ଗ୍ରାମବାସୀ ମିଳିମିଶି ଭାତ, ଡାଲି, ତରକାରି, ରୁଟି ତିଆରି କରୁଛନ୍ତି । ବିଶେଷ ଦିନମାନଙ୍କରେ ସ୍ୱାଦିଷ୍ଟ ବ୍ୟଞ୍ଜନ ବି ପ୍ରସ୍ତୁତ କରାଯାଏ । ଗାଁର ଏହି ପରମ୍ପରା ଏବେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି । ବାହରୁ ଆସୁଥିବା ଲୋକଙ୍କର ଗ୍ରାମବାସୀ ଆନନ୍ଦରେ ସ୍ୱାଗତ କରିଥାନ୍ତି ଏବଂ ସେମାନଙ୍କୁ ସାମୁହିକ ରନ୍ଧାଶାଳର ଖାଦ୍ୟ ପରଷା ଯାଏ । ଏହିପରି ଭାବେ ପର୍ଯ୍ୟଟକଙ୍କୁ ଏଠାକାର ସରଳ ଜୀବନ ଓ ନିଆରା ପରମ୍ପରାକୁ ପାଖରୁ ଦେଖିବାର ସୁଯୋଗ ଜୁଟେ । ଏହି କାରଣ ଯୋଗୁଁ ଏହି ଛୋଟିଆ ଗାଁ ଏବେ ଏକ ବିଶିଷ୍ଟ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇପାରିଛି ।



# ସୌରଚାଳିତ ଟ୍ରିମର



ଗଛ ଝଙ୍କାଳିଆ ତଥା ସୁସ୍ଥ ରଖିବା ପାଇଁ ଉପର ପତ୍ର ଗୁଡ଼ିକ ହଟାଇ ଦେବାକୁ ହୁଏ । ଅଧିକାଂଶ ହାତରେ ଏହି କାମ କରନ୍ତି । ଏଥିପାଇଁ ସମୟ ଲାଗେ । ଆଉ ଉଚିତ ସମୟରେ ଗଛରୁ ପତ୍ର ନ କାଢ଼ିଲେ ଏହା ଫସଲକୁ କ୍ଷତି ପହଞ୍ଚାଏ । ଏହାକୁ ହୃଦୟଙ୍ଗମ କରି କର୍ଣ୍ଣାଟକ, ବିଜୟପୁରର ଗିରିଶ ବନ୍ଦ୍ରାଗୋଣ୍ଡ ସୌର ଚାଳିତ ଟ୍ରିମର ତିଆରି କରିଛନ୍ତି । ଏହା ସୂର୍ଯ୍ୟ କିରଣରେ ଚାର୍ଜ ହୋଇ ବ୍ୟବହାର କରାଯାଏ । ଏଥିପାଇଁ ପେଟ୍ରୋଲ, ଡିଜେଲ କିମ୍ବା ବିଦ୍ୟୁତର ଆବଶ୍ୟକ ପଡ଼େ ନାହିଁ । ଏହା କମ୍ ଓଜନର । ଚାଷୀ ସହଜରେ ଏହାକୁ ଜମିରେ ପ୍ରୟୋଗ କରିବା ପରି ତିଆରି କରାଯାଇଛି । ପତ୍ର କାଟିବାକୁ ଏଥିରେ ଓଜାରୋର ବ୍ୟବହାର କରାଯାଇଛି । ଏହି ଟ୍ରିମରଟି ଗଛ ପତ୍ରକୁ ସମାନ ରୂପେ କାଟିପାରେ । ଏହି ସୌରଚାଳିତ ଟ୍ରିମରଟି ଦିନକରେ ପାଖାପାଖି ୪ ଏକରରେ ପତ୍ର କାଟିବାରେ ସାହାଯ୍ୟ କରେ । ଫଳରେ ସମୟ ଓ ମଜୁରୀ ଖର୍ଚ୍ଚ କମ୍ ହୁଏ । ଗଛରେ ସଠିକ୍ ଢଙ୍ଗରେ ଟ୍ରିମ୍ ହେବା କାରଣରୁ ଗଛ ଝଙ୍କାଳିଆ ଏବଂ ସୁସ୍ଥ ରୁହେ । ଏହା ପରିବେଶ ଅନୁକୂଳ । ଏହାଦ୍ୱାରା କେବଳ ଫସଲ ବୃଦ୍ଧି ହୁଏ ତାହା ନୁହେଁ, ଚାଷୀମାନେ ଲାଭାନ୍ବିତ ହୋଇପାରନ୍ତି ।

# ଛତୁ ଶଯ୍ୟା ପଚୁଥିଲେ



**ଅଧିକାଂଶ ଚାଷୀ ଛତୁ ଚାଷ କରି ନିଜର ଜୀବିକା ନିର୍ବାହ କରନ୍ତି । ହେଲେ ଚିନ୍ତାର ବିଷୟ, ଶୀତଋତୁର ଥଣ୍ଡା ପବନ, ତାପମାତ୍ରା ହ୍ରାସ ଓ ଅଧିକ ଜଳ ସିଞ୍ଚନ ଯୋଗୁ ଛତୁ ଶଯ୍ୟା ପଚି ଯାଇଥାଏ । ଏଥିପାଇଁ ଚାଷୀ କ୍ଷତି ସହିଥାନ୍ତି । ତେଣୁ କିଛି ଉପାୟ ଆପଣାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ ।**

ଥଣ୍ଡା ବଢ଼ିବା ସହିତ ଛତୁ ଚାଷ କରାଯାଉଥିବା କୋଠରିର ତାପମାତ୍ରା ହଠାତ୍ ହ୍ରାସ ପାଏ । ଛତୁ ଚାଷ ଅଧିକ ଥଣ୍ଡା ସହ୍ୟ କରିପାରେ ନାହିଁ । କୋଠରିକୁ ସୂର୍ଯ୍ୟକିରଣ ଭଲ ଭାବେ ପଡୁନଥିବାରୁ ଚାଷ କରାଯାଉଥିବା ଶଯ୍ୟାଗୁଡିକ ସନ୍ତସନ୍ତିଆ ରୁହେ । ଧୀରେ ଧୀରେ ଶଯ୍ୟା(କୁଟା) ନରମ ହୋଇ ପଚିଯାଏ । ଏହା ଶଡ଼ିବାକୁ ଲାଗେ । ଗୋଟିଏ ଶଯ୍ୟାରୁ ଅନ୍ୟ ଶଯ୍ୟାରେ ଏହି ସମାନ ସମସ୍ୟା ଦେଖାଯାଇଥାଏ । ତେଣୁ କୋଠରିର ସଠିକ୍ ତାପମାତ୍ରା,ଆର୍ଦ୍ରତା, ହାଲୁକା ଜଳସିଞ୍ଚନ, ସ୍ୱଚ୍ଛତାକୁ ଗୁରୁତ୍ୱ ଦେଲେ ଛତୁ ଅମଳ ଭଲ ହୁଏ ।

**ହାଲୁକା ଜଳ ସିଞ୍ଚନ:** ଛତୁ ଶଯ୍ୟାରେ ସର୍ବଦା ହାଲୁକା ପାଣି ସିଞ୍ଚିବା ଜରୁରି । କାରଣ ଅଧିକ ପାଣି ସିଞ୍ଚିଲେ ପାଣି ଶଯ୍ୟାରେ ପଶି ରହିଯାଏ । ଏହା କୁଟାକୁ ଶଢ଼ାଇ ଦିଏ । ସେଥିପାଇଁ କମ୍ ପାଣି ସିଞ୍ଚିବା ଦରକାର । ସେହିପରି ଛତୁ ଅମଳ ପରେ ବଳକା ଅବଶିଷ୍ଟାଂଶକୁ ଆଦୌ ଛାଡ଼ନ୍ତୁନି । ଏହା କମ୍ ଆର୍ଦ୍ରତା ଶୀଘ୍ର ଶଢ଼ିବା ସହିତ କୋଠରିରେ ଜୀବାଣୁ ବଢ଼ାଇଦେଇଥାଏ । ସେଥିପାଇଁ ଫସଲ ଅମଳ ପରେ ପରେ ସ୍ୱଚ୍ଛତାକୁ ଧ୍ୟାନ ଦେବା ଦରକାର । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଛତୁ ଫସଲ ଥରେ ପଚିବା ଆରମ୍ଭ ହେଲେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସଲ୍‌ଫର ଏବଂ ଚୂନ ସଠିକ୍ ମାତ୍ରାର ସିଞ୍ଚିପାରିବେ ।

ଏହାଦ୍ୱାରା ଶଯ୍ୟାର ଆର୍ଦ୍ରତା ସଠିକ ରୁହେ । କୋଠରିକୁ ବାୟୁ ଚଳାଚଳ କିପରି ହୋଇପାରିବ ତାହାକୁ ଧ୍ୟାନ ଦେବା ଦରକାର । ଏହାଦ୍ୱାରା ଛତୁ ଶଯ୍ୟା ପଚିବା ନିୟନ୍ତ୍ରଣ ହୁଏ । କୋଠରିରେ ହାଲୁକା ବଲ୍‌ବ, ଧୂଆଁ, କିମ୍ବା ବ୍ଲୋଅର ଆଦି ବ୍ୟବହାର ଦ୍ୱାରା କୋଠରିର ତାପମାତ୍ରା ୧୫ରୁ ୧୮ ଡିଗ୍ରୀ ରହିପାରେ । ଛତୁ ସୁରକ୍ଷିତ ରୁହେ । ଚାଷୀ ଲାଭାନ୍ୱିତ ହୋଇଥାନ୍ତି ।

# ଏ ମାସର ଚାଷ

**ଚାଷକାର୍ଯ୍ୟ ପାଇଁ ଡିସେମ୍ବର ମାସଟି ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏହି ଦିନେ ଅନେକ ଫସଲ ଅମଳଯୋଗ୍ୟ ହୁଏ । କିଛି ଫସଲରେ ଘାସ ନିୟନ୍ତ୍ରଣ କରିବାକୁ ପଡ଼େ । ସେହିପରି ଏହି ମାସଟି ସୋରିଷ, ଫୁଲକୋବି, କୋବିଜାତୀୟ ଫସଲ, ଅମୃତଭଣ୍ଡା ଆଦି ଚାଷ କାର୍ଯ୍ୟ ପାଇଁ ଉପଯୁକ୍ତ ସମୟ ।**



- ଡାଲୁଅ ଧାନ ପାଇଁ ତଳି ପକାନ୍ତୁ । ୧୨୦ ଦିନରୁ କମ୍ ଦିନରେ ଅମଳ ହେଉଥିବା ଧାନ କିସମ ଚାଷ କରନ୍ତୁ ।
- ପାଇରା ଫସଲ ଭାବେ ଚାଷ କରାଯାଉଥିବା ମୁଗ, ବିରି, ମଟର ମାସକର ହୋଇଯାଇଥିଲେ ଶତକଡ଼ା ୨ ଭାଗ ଡିଏପି ସିଞ୍ଚନ କରନ୍ତୁ । ଗେଣ୍ଡୁଫୁଲ ଚାଷ କରନ୍ତୁ । ପିଆଜ ତଳି ୮ ସପ୍ତାହର ହୋଇଗଲେ ଉପରବେଳା ଉପାଡ଼ି ମୁଖ୍ୟ ଜମିରେ ଲଗାନ୍ତୁ । ଫୁଲକୋବିରେ ଶତକଡ଼ା ୦.୨ ଭାଗ ବୋରାକ୍ସ ସିଞ୍ଚନ କରନ୍ତୁ ।
- ଆଖୁ ଫସଲକୁ ହାତ ବ୍ରିକ୍ସିମିଟର ସାହାଯ୍ୟରେ ପରୀକ୍ଷା କରି ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଧାରୁଆ କଟୁରୀରେ ଟିକିଏ ମାଟିତଳୁ କାଟନ୍ତୁ ।
- ମୂଳି ଆଖୁ ଫସଲ କରିବା ପାଇଁ କଟାଯାଇଥିବା ଆଖୁ କିଆରିରେ ଯତ୍ନ ନିଅନ୍ତୁ ।
- ଖରାଦିନିଆ ସୂର୍ଯ୍ୟମୁଖୀ ଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ସୋରିଷ, ପାଳଙ୍ଗ, ଗାଜର, ମଟର ଆଦି ବୁଣା କାମ କରିପାରିବେ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ କିମ୍ବା ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ସକାଳ ଓ ସନ୍ଧ୍ୟା ସମୟରେ ଶୀତଦିନିଆ ପନିପରିବାରେ ଜଳ ସେଚନ କରନ୍ତୁ ।
- ଆଖୁ ଫସଲକୁ ଜମି ପତନଠାରୁ ଏକ ଇଞ୍ଚ ତଳକୁ କାଟିଲେ ମୂଳି ଆଖୁ ଭଲ ଗଜା ହୁଏ । ଗଛ ସଂଖ୍ୟା ଠିକ୍ ରହେ ଓ ଅମଳ ଠିକ ମିଳେ ।
- ମୁଗ ଓ ବିରି ଫସଲରେ ଜଉ ପୋକର ନିୟନ୍ତ୍ରଣ କରିବା ପାଇଁ ପ୍ରାଥମିକସ୍ତରରେ ଏକର ପ୍ରତି ନିମ୍ବ ଆଧାରିତ ଔଷଧ ୧୫୦୦ ପିପିଏମ୍ ୬୦୦ ମିଲି ସିଞ୍ଚନ କରନ୍ତୁ ।
- ଶୀତଋତୁରେ ଅଧିକ ଥଣ୍ଡା ସମୟରେ ଗାଈ ଗୁହାଳରେ ପଲିଥିନ୍ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ ।
- କୁକୁଡ଼ା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ୍ ବଲ୍‌ବ ଲଗାନ୍ତୁ ।

## ଆଇପିଏଲ୍-୧୯: ଆଜି ମିନି ନିଲାମୀ

# ୩୫୦ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା

ଆବୁଧାବି, ୧୫ ।୧୨ (ଏଜେନ୍ସି

ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ମଙ୍ଗଳବାର ମିନି ଖେଳାଳି ନିଲାମ ଅନୁଷ୍ଠିତ ହେବ। ଆବୁ ଧାବିରେ ଅପରାହ୍ଣ ୨ଟା ୩୦ରୁ ଏହି ଦିନିକିଆ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଆଇପିଏଲ୍‌ର ୧୦ଟି ଯାକ ଫ୍ରାଞ୍ଚାଇଜ ନିକଟରେ ମୋଟ୍ ୭୭ଟି ସ୍ଥାନ



ବଳକା ରହିଛି। ଏହି ୭୭ଟି ସ୍ଥାନ ଲାଗି ପଞ୍ଜୀକରଣ କରିଥିବା ଖେଳାଳିଙ୍କ ମଧ୍ୟରୁ ୩୫୦ଜଣଙ୍କ ସଂକ୍ଷିପ୍ତ ତାଲିକା ପ୍ରକାଶ କରାଯାଇଛି। ଯେଉଁଥିରେ ୨୪୦ଜଣ ଭାରତୀୟ ଓ ୧୧୦ଜଣ ବିଦେଶୀ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା ମଙ୍ଗଳବାର ହେବ। ସେହିଭଳି ଏହି ୩୫୦ଜଣ ଖେଳାଳିଙ୍କ ମଧ୍ୟରୁ ୨୩୮ ଜଣ ଅନ୍ତର୍ଜାତୀୟ କ୍ରିକେଟ ଖେଳିନାହାନ୍ତି ଅର୍ଥାତ୍ ଅନକ୍ୟାପଡ୍ ଖେଳାଳି।

### ୨ କୋଟି ମୂଳଦର ତାଲିକାରେ ୪୦ ଖେଳାଳି

ଅପରପକ୍ଷରେ ୪୦ଜଣ ଖେଳାଳିଙ୍କ ବେସ୍ ପ୍ରାଇସ ଅର୍ଥାତ୍ ମୂଳଦର ୨ କୋଟି ଟଙ୍କା ରହିଛି। ଏହି ୨ କୋଟି ତାଲିକାରେ କାମେରନ ଗ୍ରୀନ, ଷ୍ଟିଭ ସ୍ମିଥ୍, ଡେଭିଡ ମିଲର, କ୍ୱିଣ୍ଟନ ଡି କକ୍, ଭେଙ୍କଟେଶ ଆୟର, ରବି ବିଷ୍ଣୋଇ ପ୍ରମୁଖଙ୍କ ଭଳି ଖେଳାଳି ରହିଛନ୍ତି। ସେହିଭଳି ମୂଳଦର ୧.୫ କୋଟି ତାଲିକାରେ ୯ଜଣ, ୧.୨୫ କୋଟି ମୂଳଦରରେ ୪ଜଣ, ୧ କୋଟି ମୂଳଦରରେ ୧୭ଜଣ ଖେଳାଳିଙ୍କୁ ରଖାଯାଇଛି। ୭୫ ଲକ୍ଷ, ୫୦ ଲକ୍ଷ, ୪୦ ଲକ୍ଷ ଓ ୩୦ ଲକ୍ଷ ମୂଳଦର ଥିବା ତାଲିକାରେ ଯଥାକ୍ରମେ ୪୨ଜଣ, ୪ ଜଣ, ୭ଜଣ ଓ ୨୨୭ ଜଣ ଖେଳାଳି ରହିଛନ୍ତି।

ନିଲାମରେ ଅଂଶଗ୍ରହଣ କରିବାକୁ ଥିବା ୧୦ ଗୋଟି ଫ୍ରାଞ୍ଚାଇଜ ନିକଟରେ ମୋଟ୍ ୨୩୭.୫୫ କୋଟି ଟଙ୍କା ବଳକା ରହିଛି। ଫ୍ରାଞ୍ଚାଇଜ ଅନୁଯାୟୀ ଦେଖିଲେ କୋଲକାତା ନାଇଟ୍ ରାଇଡର୍ସ ନିକଟରେ ସର୍ବାଧିକ ୬୪.୩ କୋଟି ଟଙ୍କା ରହିଛି। ସେହିଭଳି ଚେନ୍ନାଇ ସୁପର୍ କିଙ୍ଗ୍ସ (୪୩.୪ କୋଟି), ସନରାଇଜର୍ସ ହାଇଦରାବାଦ୍ (୨୫.୫ କୋଟି), ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ (୨୨.୯୫ କୋଟି), ଦିଲ୍ଲୀ କ୍ୟାପିଟାଲ୍ସ (୨୧.୮ କୋଟି) ପଛକୁ ପଛ ରହିଛନ୍ତି। ଚୂଡ଼ାନ୍ତ ଖେଳାଳି ରିଟେନ ତାଲିକା ପ୍ରକାଶ ପାଇବା ପରେ କେଉଁ ଫ୍ରାଞ୍ଚାଇଜ ନିକଟରେ କେତେ ଟଙ୍କା ବଳକା ରହିଥାଏ ତାହା ସ୍ପଷ୍ଟ ହୋଇଥାଏ। ଜଣାଶୁଣା ଅକ୍ସନର ମଲ୍ଲିକା ସାଗର ଆସନ୍ତାକାଲି ଏହି ନିଲାମୀକୁ ହୋଷ୍ଟ କରିବେ।

### ମକ୍ ନିଲାମୀରେ ଚମକିଲେ ଗ୍ରୀନ



ମିନିନିଲାମୀ ପୂର୍ବରୁ ସୋମବାର ପ୍ରସାରଣକାରୀ ସଂସ୍ଥା ଷ୍ଟାର୍ ସ୍ପୋର୍ଟ୍ସ ପକ୍ଷରୁ ଏକ ମକ୍ ନିଲାମୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର କାମେରନ ଗ୍ରୀନ ସମସ୍ତଙ୍କୁ ଚକିତ କରି ୩୦.୫୦ କୋଟି ଟଙ୍କାରେ କୋଲକାତା ଫ୍ରାଞ୍ଚାଇଜ ଦ୍ୱାରା କ୍ରୟ ହୋଇଥିଲେ। ତେବେ ମକ୍ ନିଲାମୀରେ ଚମକିଥିବା ଗ୍ରୀନଙ୍କ ଭାଗ୍ୟ କ'ଣ ହେଉଛି ତାହା ମୁଖ୍ୟ ନିଲାମୀରେ ମଙ୍ଗଳବାର ଜଣାପଡ଼ିବ। ତେବେ ଏଥର ଗ୍ଲେନ ମ୍ୟାକ୍ସୱେଲ ଓ ଫାଫ୍ ଡୁ ପ୍ଲେସିସ ଆଇପିଏଲ୍ ବଦଳରେ ପାକିସ୍ତାନ ଲିଗ୍ ଖେଳିବାକୁ ନିଷ୍ପତ୍ତି ନେଇଥିବାରୁ ସେମାନଙ୍କୁ ନିଲାମୀରେ ଦେଖିବାକୁ ମିଳିବନି।

### ଓଡ଼ିଶାରୁ ସ୍ଥାନ ପାଇଲେନି ଜଣେ ହେଲେ ଖେଳାଳି

ମଙ୍ଗଳବାର ହେବାକୁ ଥିବା ମିନି ନିଲାମୀରେ ସାରା ବିଶ୍ୱର ୩୫୦ଜଣ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା ହେବ। ଯେଉଁଥିରେ ଭାରତର ୨୪୦ଜଣ ଖେଳାଳି ରହିଛନ୍ତି। ତେବେ ଓଡ଼ିଶାର ଜଣେ ହେଲେ କ୍ରିକେଟର୍ ସ୍ଥାନ ନ ପାଇବା ରାଜ୍ୟ କ୍ରିକେଟ୍ ପାଇଁ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି। ନିଲାମୀ ଲାଗି ୧୩୯୦ଜଣ କ୍ରିକେଟର୍ ନାମ ପଞ୍ଜୀକରଣ କରିଥିଲେ। ପରେ ଏହାକୁ ସର୍ଟଲିଷ୍ଟ କରାଯାଇ ୩୫୦ କରାଯାଇଥିଲା। ଓଡ଼ିଶାର ଅନ୍ତିମ କ୍ରିକେଟର୍ ଭାବେ ଶୁଭ୍ରାଂଶୁ ସେନାପତି ଆଇପିଏଲ୍ ନିଲାମୀରେ କ୍ରୟ ହୋଇଥିଲେ। ୨୦୨୨ ଓ ୨୦୨୩ କ୍ରମାଗତ ୨ଟି ସିଜନ ସେ ଚେନ୍ନାଇ ଦଳରେ ରହିଥିଲେ ମଧ୍ୟ ଗୋଟିଏ ହେଲେ ମ୍ୟାଚ୍ ଖେଳିପାରି ନଥିଲେ।

**ନିଲାମୀ ଆରମ୍ଭ : ଅପରାହ୍ଣ ୨ଟା ୩୦**

**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ**

## ମେସିଙ୍କ ଭାରତ ଗସ୍ତ ଶେଷ

ନୂଆଦିଲ୍ଲୀ, ୧୫ ।୧୨ (ଏଜେନ୍ସି): ଆର୍ଜେଣ୍ଟିନା ଫୁଟ୍‌ବଲ କିମ୍ବଦନ୍ତୀ ଲିଓନେଲ ମେସିଙ୍କ ୩ ଦିନିଆ ଭାରତ ଗସ୍ତ ଶେଷ ହୋଇଛି। ଶେଷ ତଥା ତୃତୀୟ ଦିନରେ ସୋମବାର ନୂଆଦିଲ୍ଲୀରେ ମେସିଙ୍କ ଏକାଧିକ କାର୍ଯ୍ୟକ୍ରମ ରହିଥିଲା। ବିଶେଷ କରି ଅରୁଣ ଜେଟଲୀ ଷ୍ଟାଡିୟମରେ ସେ ହଜାର ହଜାର ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ। ସ୍ପାନିଶ ଭାଷାରେ ସମ୍ବୋଧିତ କରି ମେସି ପୁଣିଥରେ ଭବିଷ୍ୟତରେ ନିଶ୍ଚୟ ଭାରତ ଆସି ପ୍ରଶଂସକଙ୍କ ସାମ୍ନାରେ ଏକ ଫୁଟ୍‌ବଲ ମ୍ୟାଚ୍ ଖେଳିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଆଇସିସି ଅଧ୍ୟକ୍ଷ ଜୟ ଶାହ, ବାଇଚୁଙ୍ଗ ଭୂଟିଆଙ୍କ ସହ ମେସିଙ୍କ ସାକ୍ଷାତ୍ କାର୍ଯ୍ୟକ୍ରମ ରହିଥିଲା। ଏଥିରେ ଜୟ ଶାହ ଭାରତୀୟ କ୍ରିକେଟ୍ ଦଳର ଏକ ଜର୍ସି, ମେସିଙ୍କ ସହ ଅନ୍ୟ ଦୁଇ ମହାନ ଫୁଟ୍‌ବଲର ଲୁଇସ ସୁଆରେଜ ଓ ରୋଡ୍ରିଗୋ ଡି ପଲ୍‌ଙ୍କୁ ଉପହାର ଆକାରରେ ଦେଇଥିଲେ। ସେହିଭଳି ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଏକ ଟିକଟ୍ ମେସିଙ୍କୁ ଦେଇ ମ୍ୟାଚ୍ ଦେଖିବା ଲାଗି ନିମନ୍ତ୍ରଣ କରିଥିଲେ। ମେସି ଏହାପରେ ମୁଖ୍ୟ ବିଚାରପତି, ଆର୍ମି ମୁଖ୍ୟ ଓ ଆର୍ଜେଣ୍ଟିନା ଆମ୍ବାସଡରଙ୍କୁ ଭେଟି ସ୍ୱଦେଶ ଫେରିଯାଇଥିବା ଜଣାପଡ଼ିଛି।

## ଟି-୨୦ ସିରିଜ୍‌ରୁ ଅକ୍ଷର ବାଦ୍



ମୁମ୍ବଇ, ୧୫ ।୧୨ (ଏଜେନ୍ସି): ଭାରତୀୟ ଅଲ୍‌ରାଉଣ୍ଡର ଅକ୍ଷର ପଟେଲ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ଟି-୨୦ ସିରିଜର ଶେଷ ଦୁଇଟି ମ୍ୟାଚରେ ଖେଳିବେନି। ଅସୁସ୍ଥତା ଲାଗି ତାଙ୍କୁ ସିରିଜର ଶେଷ ଦୁଇଟି ମୁକାବିଲାରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅନ୍ୟତମ ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ଶାହବାଜ ଅହମ୍ମଦଙ୍କୁ ଦଳରେ ସାମିଲ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ରବିବାର ଧର୍ମଶାଳାରେ ଖେଳାଯାଇଥିବା ୩ୟ ଟି-୨୦ରେ ମଧ୍ୟ ଅକ୍ଷର ଖେଳି ନ ଥିଲେ। ତେବେ ଲକ୍ଷ୍ନୌରେ ବୁଧବାର ଖେଳାଯିବାକୁ ଥିବା ୪ର୍ଥ ଟି-୨୦ରେ ସେ ଦଳ ସହ ରହିବେ। ସେଠାରେ ବିସିସିଆଇ ମେଡିକାଲ ଟିମ୍ ପକ୍ଷରୁ ତାଙ୍କ ଅଧିକ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ଟି-୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଖେଳିଥିବା ଅକ୍ଷର ୪୪ ରନ କରିବା ସହ ୩ଟି ୱିକେଟ୍ ନେଇଥିଲେ। ଉଲ୍ଲେଖଯୋଗ୍ୟ, ୫ ମ୍ୟାଚ ବିଶିଷ୍ଟ ସିରିଜରେ ଘରୋଇ ଭାରତ ବର୍ତ୍ତମାନ ୨-୧ରେ ଅଗ୍ରଣୀ ରହିଛି।

## ବିପ୍ଲବଙ୍କୁ ନେତୃତ୍ୱ; ୭ଜଣ ନୂଆ ମୁହଁ

ଭୁବନେଶ୍ୱର,୧୫।୧୨(ସମିସ): ବିସିସିଆଇର ଆଗାମୀ ଲିଷ୍ଟ-ଏ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର ପ୍ରଥମ ୩ଟି ମ୍ୟାଚ୍ ଲାଗି ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଅଲରାଉଣ୍ଡର ବିପ୍ଲବ ସାମନ୍ତରାୟଙ୍କୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଦଳରେ ୭ ଜଣ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ତେବେ ବ୍ୟାଟର୍ ଶୁଭ୍ରାଂଶୁ ସେନାପତିଙ୍କୁ ସୁଯୋଗ ନ ମିଳିବା ସବୁଠୁ ବଡ଼ ଘଟଣା ରହିଥିଲା। ସେହିଭଳି ଦୁଇ ବରିଷ୍ଠ ଖେଳାଳି ବ୍ୟାଟର ଶାନ୍ତନୁ ମିଶ୍ର ଓ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଦେବବ୍ରତ ପ୍ରଧାନଙ୍କୁ ଚଳିତ ସିଜନରେ ପ୍ରଥମଥର ଲାଗି କୌଣସି ଫର୍ମାଟ୍‌ରେ ସ୍ଥାନ ମିଳିଛି। ଓଡ଼ିଶା ସିନିଅର ଚୟନ କମିଟିର ଅଧ୍ୟକ୍ଷ ସୌରଜିତ ମହାପାତ୍ର ଦଳ ଘୋଷଣାକ କରିଥିଲେ। ଓଡ଼ିଶା ୨୪ ତାରିଖରେ ପ୍ରଥମ ମ୍ୟାଚ୍‌ରେ ସୌରାଷ୍ଟ୍ରକୁ ଭେଟିବ।

**ଖେଳାଳି ଦଳ**

ଶାନ୍ତନୁ ମିଶ୍ର, ସ୍ୱସ୍ତିକ ସାମଲ, ଓମ୍ ଟି ମୁଣ୍ଡେ, ଦିନେଶ ମାଝୀ, ଆଶୀର୍ବାଦ ସ୍ୱାଇଁ, ବିପ୍ଲବ ସାମନ୍ତରାୟ (ଅଧିନାୟକ), ପ୍ରୟାସ କୁମାର ସିଂ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୌମ୍ୟରଞ୍ଜନ ଲେଙ୍କା, ଅନିଲ ପରିଡ଼ା, ସନ୍ଦୀପ ପଟ୍ଟନାୟକ, ବାଦଲ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର, ସୟଦ ତୁଫାୟଲ ଅହମ୍ମଦ୍।

## ବିସିସିଆଇ ଏକ ଜାତୀୟ କ୍ରୀଡ଼ା ସଂଗଠନ ନୁହେଁ: କ୍ରୀଡ଼ା ମନ୍ତ୍ରୀ

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି): ଦେଶର ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ବିସିସିଆଇ ଏକ ଜାତୀୟ କ୍ରୀଡ଼ା ସଂଗଠନ (ଏନ୍‌ଏସ୍‌ଏଫ୍) ନୁହେଁ। ଏହି କ୍ରୀଡ଼ା ସଂଗଠନ ନିଜର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଲାଗି ସରକାର କିମ୍ବା ସରକାରୀ ଅନୁଦାନ ଉପରେ ନିର୍ଭର କରେ ନାହିଁ। ବିସିସିଆଇ ନିଜସ୍ୱ ଅର୍ଥରେ ତାହାର କାର୍ଯ୍ୟ ପରିଚାଳନା କରୁଛି। ଏଣୁ ତାହାକୁ ଏନ୍‌ଏସ୍‌ଏଫ୍‌ର ସ୍ୱୀକୃତି ମିଳିନାହିଁ ବୋଲି ଲୋକସଭାରେ ଟିଏମ୍‌ସି ସାଂସଦ ମାଲା ରାୟଙ୍କ ପ୍ରଶ୍ନର ଉତ୍ତରରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି। ସେହିପରି ସରକାରଙ୍କ ଏଭଳି କ୍ରୀଡ଼ା ସଂଘ ଗୁଡିକୁ ନିଜ ନିୟନ୍ତ୍ରଣକୁ ଆଣିବା ସକାଶେ କୌଣସି ଯୋଜନା ନାହିଁ। କିନ୍ତୁ ଚଳିତବର୍ଷ ଅଗଷ୍ଟରେ ନୂଆ ଜାତୀୟ କ୍ରୀଡ଼ା ଗଭର୍ଣ୍ଣାନ୍ସ ନିୟମ ହୋଇଛି। ଏହା ଆସନ୍ତାବର୍ଷ କାର୍ଯ୍ୟକାରୀ ହେବ। କ୍ରିକେଟ ଏକ ଅଲିମ୍ପିକ୍ ଖେଳ ନୁହେଁ, କିନ୍ତୁ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଏହା ଆୟୋଜିତ ହେଲେ, ବିସିସିଆଇକୁ ଏନ୍‌ଏସ୍‌ଏଫ୍ ଭାବେ ସ୍ୱୀକୃତି ପ୍ରଦାନ କରିବାର ରାସ୍ତା ଫିଟିବ। ଏବେ ବିସିସିଆଇକୁ ସୂଚନା ଅଧିକାର ନିୟମ ବାହାରେ ରଖାଯାଇଛି। ଜାତୀୟ କ୍ରୀଡ଼ା ନୀତି କାର୍ଯ୍ୟକାରୀ ହେବା ପରେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାହା ସ୍ପଷ୍ଟ ହେବ।

## ରଣତୁଙ୍ଗାଙ୍କ ଭାଇ ଦାମିକା ଗିରଫ

କଲମ୍ବୋ, ୧୫ ।୧୨ (ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ୍ ଦଳର ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କ ଭାଇ ତଥା ପୂର୍ବତନ କ୍ରିକେଟର୍ ଦାମିକାଙ୍କୁ ସୋମବାର ଦେଶର ଦୁର୍ନୀତି ବିରୋଧୀ କମିଶନ ଗିରଫ କରିଥିଲେ। ତେବେ ପରେ ତାଙ୍କୁ ଜାମିନରେ ମୁକ୍ତ କରାଯାଇଥିଲା। ୨୦୧୭ରେ ରାଷ୍ଟ୍ରାୟତ୍ତ ସଂସ୍ଥା ସିଲନ ପେଟ୍ରୋଲିୟମ କର୍ପୋରେସନ (ସିପିସି) ଦ୍ୱାରା ଅଶୋଧିକ ତୈଳ କ୍ରୟରେ ଭୁଲ ଟେଣ୍ଡରିଂ ପ୍ରକ୍ରିୟା ପାଇଁ ୬୩ ବର୍ଷୀୟ ଧାମିକା ଗିରଫ ହୋଇଥିଲେ। ସେତେବେଳେ ଧାମିକା ସିପିସିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ।

## ଏଫ୍‌ଆଇଭିବି ଫାଉଣ୍ଡେସନର ସଦସ୍ୟ ହେଲେ ଅଚ୍ୟୁତ



ଭୁବନେଶ୍ୱର, ୧୫ ।୧୨ (ସମିସ): କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଅନ୍ତର୍ଜାତୀୟ ଭଲିବଲ୍ ମହାସଂଘ (ଏଫ୍‌ଆଇଭିବି) ଫାଉଣ୍ଡେସନର ସଦସ୍ୟ ଘୋଷଣା କରାଯାଇଛି। ଏଫ୍‌ଆଇଭିବିର ସଭାପତି ଫାବିଓ ଆଜେଭେଦୋ ରବିବାର ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହା ଘୋଷଣା କରିଛନ୍ତି। ଫଳରେ ପ୍ରଥମ ଭାରତୀୟ ଭାବେ ଅଚ୍ୟୁତ ଏହି ସମ୍ମାନଜନକ ସଂସ୍ଥାର ସଦସ୍ୟ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏଫ୍‌ଆଇଭିବି ଫାଉଣ୍ଡେସନର ସଦସ୍ୟ ହେବା ପରେ ଅଚ୍ୟୁତ ସମଗ୍ର ବିଶ୍ୱରେ ଭଲିବଲର ପ୍ରସାର ସହ ସାମାଜିକ ଦାୟିତ୍ୱବୋଧ ଉପରେ କାର୍ଯ୍ୟ କରିବେ। ଏହି ଅବସରରେ ଶ୍ରୀ ସାମନ୍ତ ଏଫ୍‌ଆଇଭିବିକୁ ନିଜର କୃତଜ୍ଞତା ଜଣାଇବା ସହ ଫାବିଓଙ୍କୁ ଧନ୍ୟବାଦ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବିଶ୍ୱ ଭଲିବଲ୍‌ର ସର୍ବୋଚ୍ଚ ସଂସ୍ଥା ହେଉଛି ଏଫ୍‌ଆଇଭିବି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଦେଶ ସଦସ୍ୟ ରହିଛନ୍ତି।

● ଇଷ୍ଟର୍ଣ୍ଣ ଜୋନ୍ ପାୱାର ଲିଫ୍ଟିଂ

## ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୫ ପଦକ

ଭୁବନେଶ୍ୱର,୧୫।୧୨(ସମିସ): ହାୱଡ଼ାର ପୁରୁଲିଆଠାରେ ଶେଷ ହୋଇଥିବା ଇଷ୍ଟର୍ଣ୍ଣଜୋନ୍ ପାୱାର ଲିଫ୍ଟିଂ ଚାମ୍ପିଅନସିପ୍‌ରେ ଓଡ଼ିଶାର ୧୦ ଜଣିଆ ପ୍ରତିଯୋଗୀ ଦଳ ୫ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି। ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀ ହେଲେ ଅଖିଳ ନାଗ। ପୁରୁଷ ୮୪ କିଲୋଗ୍ରାମ୍ କାଟାଗୋରୀରେ ଅଖିଳ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ, ରାକେଶ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହାଛଡ଼ା ପୁରୁଷ ୮୪ କିଲୋ ଇକ୍ୱିପ୍‌ଡରେ ଶକ୍ତିରଞ୍ଜନ ବାରିକ, ମହିଳା ୮୪ କିଲୋରୁ ଊର୍ଦ୍ଧ୍ୱ କାଟାଗୋରୀରେ ଅନିତ ବେହେରା, ୮୪ କିଲୋରେ ତନାଲି ମିଶ୍ର ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସଫଳ ପ୍ରତିଯୋଗୀଙ୍କୁ ଓଡ଼ିଶା ପାୱାର ଲିଫ୍ଟିଂ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରି ପଟ୍ଟନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



## କିଟ୍ ଓ କିସ୍‌କୁ ଡବଲ ଟାଇଟଲ୍



ଭୁବନେଶ୍ୱର,୧୫।୧୨(ସମିସ): ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଭଲିବଲ୍‌ରେ କିଟ ଡିମ୍‌ଡ ୟୁନିଭର୍ସିଟି ଓ ସିଏଚ୍‌ଏସ୍‌ଇ ଆନ୍ତଃସ୍କୁଲ୍ ରଗ୍‌ବୀରେ କିସ୍ ସ୍କୁଲ୍‌କୁ ଡବଲ ଟାଇଟଲ ମିଳିଛି। ଉଭୟ ପୁରୁଷ ଓ ମହିଳା ବିଭାଗରେ ଦଳ ଟାଇଟଲ ବିଜୟୀ ହୋଇଛନ୍ତି। ଡିସେମ୍ବର ୧୦ରୁ ୧୪ ଯାଏ ବିଳାସପୁରରେ ୩୮ଟି ଦଳକୁ ନେଇ ପୂର୍ବାଞ୍ଚଳ ମହିଳା ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ବିଜେତା ହୋଇଥିଲା। ଏହି ସମୟରେ ୫୬ଟି ଦଳକୁ ନେଇ ବିହାର ମୁଜାଫରପୁରରେ ଖେଳାଯାଇଥିବା ପୁରୁଷ ଭଲିବଲ୍‌ରେ ମଧ୍ୟ କିଟ୍ ପ୍ରଥମ ସ୍ଥାନ ଅଧିକାର କରିବା ସହ ଜୟପୁରରେ ଡିସେମ୍ବର ୨୦ରୁ ୨୪ ଯାଏ ଖେଳାଯିବାକୁ ଥିବା ସର୍ବଭାରତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛି।

ସେହିପରି ଉଚ୍ଚଶିକ୍ଷା ମାଧ୍ୟମିକ ପରିଷଦ ଆନୁକୂଲ୍ୟରେ ରାଜ୍ୟ ଆନ୍ତଃସ୍କୁଲ୍ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ କିଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିସ୍ ଉଭୟ ବିଭାଗରେ କିସ୍ ବିଜୟୀ ହୋଇ ବାଳିକା ଓ ବାଳକ ଟାଇଟଲ କବ୍‌ଜା କରିବାରେ ସମର୍ଥ ହୋଇଥିଲା।

**୧୯ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି**

## ଓଡ଼ିଶାକୁ ପ୍ରଥମ ବିଜୟ ଦେଲେ ବିଜୟଲକ୍ଷ୍ମୀ



ଭୁବନେଶ୍ୱର, ୧୫ ।୧୨ (ସମିସ): ଥିରୁଅନନ୍ତପୁରମରେ ଚାଲିଥିବା ୧୯ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୪ ୱିକେଟ୍‌ରେ ଆସାମକୁ ପରାସ୍ତ କରିଥିଲା। ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଆସାମ ୩ ୱିକେଟ ହରାଇ ୨୧୧ ରନ କରିଥିଲା। ଦଳ ପକ୍ଷରୁ ସ୍ନେହ ୧୪୭ ବଲରେ ଅପରାଜିତ ୧୦୭ ରନ କରିଥିଲେ। ଜବାବରେ ବିଜୟଲକ୍ଷ୍ମୀ ବେହେରା ଓ ଅନନ୍ୟା ରାଉତଙ୍କ ଅର୍ଦ୍ଧଶତକ ବଳରେ ଓଡ଼ିଶା ୪୩.୧ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା। ବିଜୟଲକ୍ଷ୍ମୀ ୧୩ ଚୌକା ଓ ଗୋଟିଏ ଛକା ସହାୟତାରେ ୯୯ ବଲରେ ୯୯ ରନ କରି ଅପରାଜିତ ରହିଥିଲେ। ସେହିଭଳି ଅନନ୍ୟା ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବିଜୟ ସହ ଓଡ଼ିଶା ପଏଣ୍ଟ ଖାତା ଖୋଲିଛି। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୭ ୱିକେଟ୍‌ରେ ଗୁଜରାଟ ନିକଟରୁ ପରାସ୍ତ ହୋଇଥିଲା।

**ଗଣ୍ଡରପୁର କପ୍ ଫୁଟବଲ**

## ସହରାଞ୍ଚଳ ସେମିରେ ଓଡ଼ିଶା ପୁଲିସ

ବାରଙ୍ଗ/ନନ୍ଦନକାନନ,୧୫।୧୨(ସମିସ): ଏଠାରେ ଚାଲିଥିବା ୨୨ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଖେଳାଯାଇଥିବା ମ୍ୟାଚ୍‌ରେ ଗ୍ରାମାଞ୍ଚଳ ବିଭାଗର ବି' ଡିଭିଜନରେ ସାଇଁଶୋ ଫୁଟବଲ କ୍ଲବ୍ ଓ ଉତ୍ତମପୁର ବିଜୟୀ ହୋଇଛନ୍ତି। ଆଜି ଖେଳାଯାଇଥିବା ୫ଟି ମ୍ୟାଚ୍ ମଧ୍ୟରୁ ୪ଟି ମ୍ୟାଚ୍‌ର ଫଳାଫଳ ଟାଇବ୍ରେକରରେ ମିଳିଛି। ସୋମବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ସାଇଁଶୋ ୫-୪ ଟାଇବ୍ରେକର ଗୋଲରେ ଜୟଦେବ କ୍ଲବ୍‌କୁ ପରାସ୍ତ କରିଛି। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତମପୁର ଫୁଟବଲ କ୍ଲବ୍ ୬-୫ ଟାଇବ୍ରେକରରେ ନରିଶୋ କଣ୍ଟାପଡ଼ାକୁ ହରାଇଥିଲା। ଗ୍ରାମାଞ୍ଚଳ ଏ' ଡିଭିଜନର ପ୍ରଥମ ମ୍ୟାଚ୍‌ରେ ଗୋଠପୁରର ମା' ମଙ୍ଗଳା କ୍ଲବ୍ ୫-୪ ଟାଇବ୍ରେକରରେ କୁରଙ୍ଗର ୟୁନିଭର୍ସାଲ କ୍ଲବ୍‌କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ବାଉଳକୁଦର ସ୍ୱର୍ଣ୍ଣଦେବୀ କ୍ଲବ୍ ୪-୦ ଗୋଲରେ କୁଜିମହଲକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ମ୍ୟାଚ୍‌ରେ ଗୋଠପୁରର ଅଜିତ ରାଉତ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ବାଉଳକୁଦର ଦୀନବନ୍ଧୁ ଦାସଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।



### ସନ୍‌ରାଇଜ୍‌କୁ ହରାଇଲା ଓଡ଼ିଶା ପୁଲିସ୍

ସହରାଞ୍ଚଳ ବିଭାଗରେ ଓଡ଼ିଶା ପୁଲିସ୍ ୮-୭ ସଡନ୍‌ଡେଥ ଗୋଲ୍‌ରେ ସନ୍‌ରାଇଜ କ୍ଲବ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହେଉଛି।

**ସଦାଶିବ ସ୍ମାରକୀ କ୍ରିକେଟ**

## ସେମିରେ ସମ୍ବଲପୁର ଏମ୍‌ଏସ୍‌ସିସି

ଭାପୁର,୧୫।୧୨(ସମିସ)

ସମ୍ବଲପୁରର ଏମ୍‌ଏମ୍‌ସିସି (ମା ମେଟକାନୀ କ୍ରିକେଟ କ୍ଲବ୍) ୮୪ ରନ୍‌ର ବିପୁଳ ବ୍ୟବଧାନରେ କୋଲକାତାର ଏ ଆଣ୍ଡ ଏସ୍‌କୁ ପରାସ୍ତ କରି ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବା ମଙ୍ଗଳବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସମ୍ବଲପୁର ସହ ଭୁବନେଶ୍ୱରର ସାଇ ଇଲେଭେନ୍‌ର ମୁକାବିଲା ହେବ। ଗତକାଲି ଉଦ୍‌ଘାଟନୀ ମୁକାବିଲାରେ ସାଇ ଇଲେଭେନ୍ ୧୪୬ ରନ୍‌ରେ ୟୁପି ଟାଇଗରକୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା।

ନୟାଗଡ଼ ଜିଲ୍ଲା ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଦୀପାଂଶୁ ଫୋରେ ସର୍ବାଧିକ ୫୪ ରନ୍ କରିଥିଲେ। ଜବାବରେ କୋଲକାତା ୧୯୬ ରନ୍‌ର ଟାର୍ଗେଟ୍‌କୁ ପିଛା କରି ୧୫.୫ ଓଭରରେ ୧୧୧ ରନ୍ କରିଥିଲା। ଋଷିକେଶ ତିୱାରୀଙ୍କ ୨୩ ବଲ୍‌ରୁ ବିସ୍ଫୋରକର ୪୬ ରନ୍ କିଛି କାମ ଦେଇ ନ ଥିଲା। ବିଜୟୀ ଦଳର ବିକାଶ ଦୀକ୍ଷିତ ୧୨ବଲ୍‌ରୁ ୨୬ରନ୍ ଓ ୨ଟି ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ପୂର୍ବରୁ ନିମାଣି ସରପଞ୍ଚ ସୁଧାଂଶୁ ଭୂଷଣ ସ୍ୱାଇଁ ଓ କ୍ରିକେଟ ବିଶାରଦ ସୁଧାଂଶୁ ଶେଖର କର ମିଳିତଭାବେ ଏହି ମ୍ୟାଚ୍‌କୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS